

ଯା ଦେବୀ ସର୍ବଭୂତେଷୁ............

ନିରପେକ୍ଷ ଦୈନିକ ସମ୍ବାଦପତ୍ର

# ଧ୍ୱନି ପ୍ରତିଧ୍ୱନି

The Dhwani Pratidhwani

website : www.dhwanipratidhwani.net

email: pratidhwani.dhwani@gmail.com

ବାଲେଶ୍ୱର ■ ଗୁରୁବାର ୦୭ ସେପ୍ଟେମ୍ବର ୨୦୨୩ ■ ମୂଲ୍ୟ ଟ. ୨.୦୦ ପଇସା ■ ପୃଷ୍ଠା ସଂଖ୍ୟା-ଆଠ ■ Baleshwar ♦ THURSDAY 07 SEPTEMBER 2023

Vol.No. 35 ■ No. 236■ Price :Rs.2.00 ( 8 pages) ■ R.N.I. Registered No. 52528/91 ■ Postal Registered No. Balasore (Odisha)/005/2019



ଅସରନ୍ତି ଶୁଭେଚ୍ଛା ସହ...

ସାଗରିକା

ଯୋଗାଯୋଗ କରନ୍ତୁ :
ମୁଖ୍ୟ ସମ୍ପାଦକ ସାଗରିକା
ଜେଲ ରୋଡ, ବାଲେଶ୍ୱର-୭୫୬୦୦୧


# ଜି-୨୦ ସମ୍ମିଳନୀ ପାଇଁ ପ୍ରସ୍ତୁତ ଦିଲ୍ଲୀ

## ଜଳ, ସ୍ଥଳ, ଆକାଶପଥରେ କଡ଼ା ସୁରକ୍ଷା ବ୍ୟବସ୍ଥା



ନୂଆଦିଲ୍ଲୀ,୦୬/୦୯ : ଜି-୨୦ ଶିଖର ସମ୍ମିଳନୀ ପାଇଁ ରାଜଧାନୀରେ କଡ଼ାକଡ଼ି କରାଯାଇଛି ସୁରକ୍ଷା ବ୍ୟବସ୍ଥା । ଜଳ, ସ୍ଥଳ ଓ ଆକାଶ । ସବୁଠି ରହିଛି ସୁରକ୍ଷାକର୍ମୀଙ୍କ କଡ଼ା ନଜର । ବିଦେଶରୁ ଆସିବେ ରାଷ୍ଟ୍ରନେତା । ତେଣୁ ସେମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି କଡ଼ା ସୁରକ୍ଷା ବନ୍ଦୋବସ୍ତ କରାଯାଇଛି । ରେଲଷ୍ଟେସନ, ବିମାନବନ୍ଦରଓ ବସଷ୍ଟପ୍ ସହ ସମସ୍ତ ସମ୍ବେଦନଶୀଳ ସ୍ଥାନରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଜି-୨୦ ଶିଖର ସମ୍ମିଳନୀ ପାଇଁ ଦିଲ୍ଲୀ ପ୍ରବେଶ ପଥରେ କଡାକଡି ଯାଂଚ କରାଯାଉଛି । ଏନଏସଜି, ସିଆରପିଏଫ, ପାରାମିଲିଟାରୀ ଫୋର୍ସ ସହ । ଭରତୀୟ ସେନା ଏବଂ ଦିଲ୍ଲୀ ପୁଲିସ କାନ୍ଧରେ ରହିଛି ସମ୍ପୂର୍ଣ୍ଣ ସୁରକ୍ଷା ବ୍ୟବସ୍ଥା ଜି-୨୦ ସମ୍ମିଳନୀରେ ଚୀନ୍ ପ୍ରଧାନମନ୍ତ୍ରୀ ଲି କ୍ୱାଙ୍ଗ ଚୀନ୍ର ପ୍ରତିନିଧିତ୍ୱ କରିବେ। ପ୍ରଧାନମନ୍ତ୍ରୀ ଦାୟିତ୍ୱ ନେବା ପରେ ପ୍ରଥମ ଥର ଭାରତ ଗସ୍ତ କରିବେ ଋଷି ସୁନକ୍। ଅଷ୍ଟ୍ରେଲିଆ ପ୍ରଧାନମନ୍ତ୍ରୀ ଆନଥୋନୀ ଆଲବାନିଜ ସମ୍ମିଳନୀରେ ସାମିଲ ହେବେ। କାନାଡା ପ୍ରଧାନମନ୍ତ୍ରୀ ଜଷ୍ଟିନ୍ ଟ୍ରୁଡୁ ମଧ୍ୟ ଜି-୨୦ ବୈଠକରେ ଯୋଗଦେବେ। ଜାପାନ ପ୍ରଧାନମନ୍ତ୍ରୀ, ଦକ୍ଷିଣ କୋରିଆ ଓ ଫ୍ରାନ୍ସ ରାଷ୍ଟ୍ରପତି ମଧ୍ୟ ସାମିଲ ହେବେ। ଦକ୍ଷିଣ ଆଫ୍ରିକା, ତୁର୍କୀ, ଆର୍ଜେଂଟିନା ଓ ନାଇଜେରିଆ ରାଷ୍ଟ୍ରପତି ଜି-୨୦ ବୈଠକକୁ ଆସିବେ। ଜି-୨୦ ଶିଖର ସମ୍ମିଳନୀ ପାଇଁ ଅତିଥିମାନେ ଦିଲ୍ଲୀ ଆସିଲେଣି । ସେପ୍ଟଙ୍କ ଦିଲ୍ଲୀକୁ କେବଳ କଡ଼ା ସୁରକ୍ଷା ଭିତରେ ରଖାଯାଇନି ବଂର ୩ଦିନ ପାଇଁ ସମସ୍ତ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ଏବଂ କାର୍ଯ୍ୟାଳୟ ବନ୍ଦ ରଖାଯାଇଛି । ଏପରିକି ବଜାରଘାଟ ମଧ୍ୟ ବନ୍ଦ ରହିବ । ଟ୍ରାଫିକ ପାଇଁ ସ୍ୱତନ୍ତ୍ର ଗାଇଡଲାଇନ ଜାରି କରିଛି ଦିଲ୍ଲୀ ଟ୍ରାଫିକ ପୁଲିସ । ସୌନ୍ଦର୍ଯ୍ୟକରଣଠୁ ନେଇ ସୁରକ୍ଷା ବ୍ୟବସ୍ଥା । ଅତିଥିଙ୍କ ରହଣୀଠୁ ଖାଦ୍ୟ । ସବୁ କିଛି ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ନୂଆଦିଲ୍ଲୀର ପ୍ରଗତୀ ମଇଦାନରେ ଜି-୨୦ ସମ୍ମିଳନୀର ଆୟୋଜନ କରାଯାଇଛି । ଆସନ୍ତା ୯ ଏବଂ ୧୦ ତାରିଖ ଦୁଇ ଦିନ ଜି-୨୦ ବୈଠକ ହେବାର ଅଛି । ଏଥିରେ ବିଶ୍ୱର ଅନେକ ବଡ଼ ବଡ଼ ନେତା ସାମିଲ ହେବେ । ବିଭିନ୍ନ ଦେଶ ମୁଖ୍ୟଙ୍କ ସହ ଦ୍ୱିପାକ୍ଷିକ ବୈଠକ କରିବେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ।

# ଗଣେଶ ପୂଜାରୁ ହେବ ନୂଆ ସଂସଦ ଭବନ ଶୁଭାରମ୍ଭ

## ୧୮ ତାରିଖରେ ପୁରୁଣା ସଂସଦ ଭବନରେ ଚାଲିବ ସ୍ୱତନ୍ତ୍ର ଅଧିବେଶନ



ନୂଆଦିଲ୍ଲୀ,୦୬/୦୯ :ଗଣେଶ ପୂଜାରୁ ଆରମ୍ଭ ହେବ ନୂଆ ସଂସଦ ଭବନ । ଗଣେଶ ଚତୁର୍ଥୀରୁ ନୂଆ ସଂସଦ ଭବନରେ ବସିବ ଅଧିବେଶନ । ମୋଦୀ ସରକାର ସେପଟ୍ଟେମ୍ବର ୧୯ରୁ ୨୨ ସଂସଦର ସ୍ୱତନ୍ତ୍ର ଅଧିବେଶନ ଡକାଇଛନ୍ତି। ଏହି ସ୍ୱତନ୍ତ୍ର ଅଧିବେଶନ ସଂସଦର ପୁରୁଣା ଏବଂ ନୂଆ ଭବନ ଉଭୟରେ ଆୟୋଜିତ ହେବ। ତେବେ ସେପଟ୍ଟେମ୍ବର ୧୮ରେ ଅଧିବେଶନ ସଂସଦର ପୁରୁଣା ଭବନରେ ଆୟୋଜିତ ହେବ। କିନ୍ତୁ ସେପ୍ଟେମ୍ବର ୧୯ରେ ଗଣେଶ ଚତୁର୍ଥୀ ଅବସରରେ ନୂଆ ସଂସଦ ଭବନକୁ ଏହାକୁ ସିଫ୍ଟ କରାଯିବ। ଏହା ପୂର୍ବରୁ ସଂସଦର ନୂଆ ବିଲ୍ଡିଂର ଉଦ୍‌ଘାଟନ ମେ ମାସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କରିଥିଲେ। ଅବଶ୍ୟ ଏଥିରେ ଏପର୍ଯ୍ୟନ୍ତ କାମ ଆରମ୍ଭ ହୋଇନଥିଲା। ମୌସୁମୀ ଅଧିବେଶନ ସଂପୂର୍ଣ୍ଣ ଭାବରେ ସଂସଦର ପୁରୁଣା ବିଲ୍ଡିଂରେ ହିଁ ହୋଇଥିଲା। କିନ୍ତୁ ଏବେ ଯେତେବେଳେ ସ୍ୱତନ୍ତ୍ର ଅଧିବେଶନକୁ ସିଫ୍ଟ କରାଯିବ। କୁହାଯାଉଛି ଏବେ ଆଗକୁ ସବୁ କାମ ନୂଆ ବିଲ୍ଡିଂରେ ହେବ। ଅର୍ଥାତ୍ ଶୀତ ଅଧିବେଶନ ମଧ୍ୟ ନୂଆ ବିଲ୍ଡିଂରେ ହେବ। ମୋଦୀ ସରକାର ସଂସଦର ଯେଉଁ ବିଶେଷ ଅଧିବେଶନ ଡକାଇଛନ୍ତ, ସେଥିରେ ସମୁଦାୟ ୫ ବୈଠକ ହେବ। ଏହି ଅଧିବେଶନର ମୁଖ୍ୟ ଏଜେଣ୍ଡା କ'ଣ ହେବ, ତାହା ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ। ଅବଶ୍ୟ, ୱାନ ନେସନ୍ ୱାନ୍ ଇଲେକ୍ସନ, ମହିଳା ସଂରକ୍ଷଣ ସମେତ ଅନେକ ପ୍ରସଙ୍ଗକୁ ନେଇ ଚର୍ଚ୍ଚା ହେଉଛି। ଏହା ପରେ ୧୯ ତାରିଖରୁ ୨୨ ତାରିଖ ପଯ୍ୟନ୍ତ ନୂଆ ସଂସଦ ଭବନରେ ସ୍ୱତନ୍ତ୍ର ଅଧିବଶେନ ଚାଲିବ । ନୂଆ ସଂସଦ ଭବନ କାର୍ଯ୍ୟକ୍ଷମ ହେବା ପରେ ପୁରୁଣା ବିଲଡିଂକୁ ମ୍ୟୁଜିୟମ୍ ଅଫ୍ ଡେମୋକ୍ରେସି ବା ଗଣତନ୍ତ୍ର ସଂଗ୍ରହାଳୟକୁ କରାଯିବ ।

# କଂଗ୍ରେସରୁ ନିର୍ବାଚନ ଲଢ଼ିବେନି ସୁରଙ୍କ ସାନପୁଅ



ଭୁବନେଶ୍ୱର , ୦୬/୦୯ (ନି.ପ୍ର): କଂଗ୍ରେସରୁ ନିର୍ବାଚନ ଲଢିବେନି ସୁର ରାଉତରାୟଙ୍କ ପୁଅ ମନ୍ମଥ ରାଉତରାୟ । ଅଲଗା ଦଳରୁ ନିର୍ବାଚନ ଲଢିବାକୁ ନିଷ୍ପତ୍ତି ନେଇଛନ୍ତି । କିନ୍ତୁ ଏବେ ଘୋଷଣା କରିବେନି ବୋଲି ରୋକ୍‌ଠୋକ ମନା କରିଦେଇଛନ୍ତି । ଅକ୍ଟୋବର ମାସରେ ଏନେଇ ବିଧିବଦ୍ଧ ଭାବେ ଘୋଷଣା କରିବେ ବୋଲି ଜଣାପଡିଛି । ସେ ଆହୁରୀ ମଧ୍ୟ କହିଛନ୍ତି ଯେ, କଂଗ୍ରେସ ବାପାଙ୍କୁ ବହୁତ କିଛି ଦେଇଛି । କଂଗ୍ରେସ ଦଳ ହିଁ ବାପାଙ୍କୁ ବିଧାୟକ ଭାବେ ନିର୍ବାଚିତ ହେବାକୁ ସୁଯୋଗ ଦେଇଛି । ଆଜି ଯାହାବି କିଛି ଅଛି। ସବୁ କଂଗ୍ରେସ ପାଇଁ ରହିଛି ।

▶▶ପୃଷ୍ଠା ୭

# ବିଜେପି ଛାଡ଼ିଲେ ସୁଭାଷ ଚନ୍ଦ୍ର ବୋଷଙ୍କ ଅଣନାତି ଚନ୍ଦ୍ର କୁମାର ବୋଷ

କୋଲକାତା,୦୬/୦୯ : ବିଜେପି ଛାଡ଼ିଲେ ନେତାଜୀ ସୁଭାଷ ଚନ୍ଦ୍ର ବୋଷଙ୍କ ଅଣନାତୀ ଚନ୍ଦ୍ର କୁମାର ବୋସ୍। ସୁଭାଷଙ୍କ ଆଦର୍ଶର ପ୍ରଚାର ପ୍ରସାର ପାଇଁ ବିଜେପିର ଉଭୟ କେନ୍ଦ୍ର ଓ ରାଜ୍ୟ ନେତୃତ୍ୱଙ୍କ ଠାରୁ ସମର୍ଥନ ଓ ଗୁରୁତ୍ୱ ନ ମିଳିବାରୁ ବୁଧବାର ସେ ବିଜେପିରୁ ଇସ୍ତଫା ଦେଇଛନ୍ତି ବୋଲି ଚନ୍ଦ୍ର କୁମାର ବୋସ୍ କହିଛନ୍ତି। ବିଜେପି ଅଧ୍ୟକ୍ଷ ଜେପି ନଡ୍ଡାଙ୍କୁ ସେ ତାଙ୍କ ଇସ୍ତଫା ପତ୍ର ପଠାଇଛନ୍ତି। ଏଥିରେ ସେ ଲେଖିଛନ୍ତି "ବିଜେପିରେ ଯୋଗ ଦେବା ବେଳେ ମୋତେ ପ୍ରତିଶ୍ରୁତି ଦିଆଯାଇଥିଲା ଯେ ମୋତେ ସୁଭାଷ ଚନ୍ଦ୍ର ବୋଷ ଓ ଶରତ ଚନ୍ଦ୍ର ବୋଷଙ୍କର ସମାବେଶୀ ବିଚାରଧାରା ପ୍ରଚାର କରିବାକୁ ଅନୁମତି ଦିଆଯିବ। ହେଲେ ସେମେତି କିଛି ହେଲା ନାହିଁ।" ଚିଠିରେ ଆହୁରି ଲେଖାଯାଇଛି " ସେହି ସମୟରେ ବୋସ୍ ଭ୍ରାତା ଦ୍ୱୟଙ୍କ ବିଚାରାଧାରାକୁ ନେଇ ବିଜେପି ସହିତ ମୋର ଆଲୋଚନା ହୋଇଥିଲା। ପରେ ଭାବିଲି କି ବିଜେପି ଜରିଆରେ ପୂରା ଦେଶରେ ଏହି ଆଦର୍ଶର ପ୍ରଚାର କରିବି। ଆହୁରି ମଧ୍ୟ ଲକ୍ଷ୍ୟ ଥିଲା ଯେ ବିଜେପିର ଢାଞ୍ଚା ଭିତରେ ରହି ଆଜାଦ ହିନ୍ଦ୍ ମୋର୍ଚ୍ଚା ଗଠନ କରି ଜାତି ଧର୍ମ ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଭାରତୀୟ ବୋଲି ସୁଭାଷଙ୍କ ଆଦର୍ଶର ପ୍ରଚାର କରିବି।"

▶▶ପୃଷ୍ଠା ୭

# ବଜ୍ରପାତ ଜନିତ ମୃତ୍ୟୁକୁ ଜାତୀୟ ବିପତ୍ତି ଘୋଷଣା ପାଇଁ ଦାବି



ଭୁବନେଶ୍ୱର, ୦୬/୦୯ (ନି.ପ୍ର): ବଜ୍ରପାତ ଜନିତ ମୃତ୍ୟୁକୁ ଜାତୀୟ ବିପତ୍ତି ଘୋଷଣା କରିବାକୁ ରାଜ୍ୟର ଦାବି। ଏନେଇ ସୂଚନା ଦେଇଛନ୍ତି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ପ୍ରମିଳା ମଲ୍ଲିକ। ଗଣମାଧ୍ୟମକୁ ସୂଚନା ଦେଇ ସେ କହିଛନ୍ତି, ବଜ୍ରପାତରେ ଅନେକ ଲୋକ ମରୁଛନ୍ତି। ରାଜ୍ୟ ସରକାର ସେମାନଙ୍କ ପରିବାରକୁ ୪ ଲକ୍ଷ ଟଙ୍କା କ୍ଷତିପୂରଣ ଦେଉଛନ୍ତି। ଆମେ କେନ୍ଦ୍ର ସରକାରଙ୍କ ଆଗରେ ପ୍ରସ୍ତାବ ଦେଇଛୁ ଯେ ଏହାକୁ ଜାତୀୟ ବିପର୍ଯ୍ୟୟ ତାଲିକାରେ ସାମିଲ କରିବାକୁ। ହେଲେ କେନ୍ଦ୍ର ଏ ଯାଏ ଉତ୍ତର ଦେଇନି।

▶▶ପୃଷ୍ଠା ୭

# ସ୍ୱାମୀଜୀଙ୍କ ହତ୍ୟାକାରୀ କିଏ ?: କେବେ ସାର୍ବଜନୀନ ହେବ କମିଶନଙ୍କ ରିପୋର୍ଟ ?



ଭୁବନେଶ୍ୱର, ୦୬/୦୯ (ନି.ପ୍ର): ତିଥି ଅନୁସାରେ ୨୦୦୮ ଆଜିର ଦିନରେ ସ୍ୱାମୀ ଲକ୍ଷ୍ମଣାନନ୍ଦ ସରସ୍ୱତୀଙ୍କୁ ହତ୍ୟା କରାଯାଥିଲା। ଏହି ଘଟଣାକୁ ଆଜି ୧୫ ବର୍ଷ ପୂରିଲାଣି। କିନ୍ତୁ ପୁଲିସ୍ ? ଆଜି ପର୍ଯ୍ୟନ୍ତ ସ୍ୱାମୀଜୀଙ୍କ ପ୍ରକୃତ ହତ୍ୟାକାରୀକୁ ଗିରଫ କରିନାହିଁ। ଦୁଇ ଦୁଇଟି ଦଙ୍ଗା କମିଶନ ସେମାନଙ୍କ ରିପୋର୍ଟ ରାଜ୍ୟ ସରକାରଙ୍କୁ ହସ୍ତାନ୍ତର କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାହା ସାର୍ବଜନୀନ ହୋଇପାରୁନି। ଯାହାକୁ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି। ସେଥିପାଇଁ ସରକାର ଉପରେ ଦୋଷ ଲଦିଛନ୍ତି ସ୍ୱାମୀଜୀଙ୍କ ଉତ୍ତରାଧିକାରୀ, ଶ୍ରଦ୍ଧାଳୁ, ବିରୋଧୀ କଂଗ୍ରେସ ଓ ବିଜେପି। ବିଜେପି କନ୍ଧମାଳ ଜିଲ୍ଲା ସାଧାରଣ ସମ୍ପାଦକ ଭଗବାନ ମହାନ୍ତି କହିଛନ୍ତି, ରାଜ୍ୟ ସରକାର ସ୍ୱାମୀଜୀଙ୍କ ହତ୍ୟାକାରୀଙ୍କୁ ଧରିବାକୁ ଚାହୁଁନାହାନ୍ତି। ତେଣୁ କମିଶନ ରିପୋର୍ଟକୁ ସାର୍ବଜନୀନ କରୁନାହାନ୍ତି। ଯାହାକୁ ନେଇ ମନରେ ବହୁତ କ୍ଷୋଭ ରହିଛି ବୋଲି ଶ୍ରୀ ମହାନ୍ତି। ସେପଟେ କନ୍ଧମାଳ ଜିଲ୍ଲା କଂଗ୍ରେସର ବରିଷ୍ଠ ନେତ୍ରୀ ତଥା ପୂର୍ବତନ ବିଧାୟିକା ଅଜୟନ୍ତୀ ପ୍ରଧାନ କହିଛନ୍ତି, ଦଙ୍ଗା ସମୟରେ ବିଜେପି ଓ ବିଜେଡି ମେଣ୍ଟ ସରକାର ଥିଲା। ସାରା ବିଶ୍ୱରେ କନ୍ଧମାଳ ନିନ୍ଦିତ ହେଲା।

▶▶ପୃଷ୍ଠା ୭

# କାଠ ଗଡ଼ାରେ ରାଜ୍ୟ ସରକାରଙ୍କ 'ଆମ ଓଡ଼ିଶା ନବୀନ ଓଡ଼ିଶା'



ଭୁବନେଶ୍ୱର, ୦୬/୦୯ (ନି.ପ୍ର): 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ଜଗନ୍ନାଥ ମନ୍ଦିର, ମଠ, ଧର୍ମଶାଳା, କଲ୍ୟାଣ ମଣ୍ଡପ ଆଦି ତିଆରି ଓ ମରାମତି କରାଯାଉଛି। ହେଲେ ପଞ୍ଚାୟତକୁ ଅଣଦେଖା କରାଯାଉଛି। ବିନା ପଲ୍ଲୀସଭା ଓ ଗ୍ରାମସଭାରେ ପଞ୍ଚାୟତରେ ବିଭିନ୍ନ ବିଭାଗ କାମ କରୁଛି। ଏଥିରେ ବ୍ୟାପକ ଅନିୟମିତତା କରାଯାଉଛି। ଏଭଳି ଅଭିଯୋଗ ଆଣି ବାଲେଶ୍ୱର ଜିଲ୍ଲା ବାଲିଆପାଳ ବ୍ଲକ୍‌ର ୯ ଜଣ ସରପଞ୍ଚ ଓଡିଶା ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ହାଇକୋର୍ଟ ମାମଲାକୁ ଗୁରୁତର ଭାବେ ଗ୍ରହଣ କରି

▶▶ପୃଷ୍ଠା ୭

# ୩ରୁ ୫ ଟଙ୍କା କମିବ ପେଟ୍ରୋଲ ଓ ଡିଜେଲ ଦର



ଭୁବନେଶ୍ୱର, ୦୬/୦୯ (ନି.ପ୍ର): ମହଙ୍ଗା ମାଡ଼ରେ ଆଉଟ ପାଉଟ ହେଉଥିବା ଲୋକଙ୍କୁ ଆଶ୍ୱସ୍ତ କରିବା ପାଇଁ ନିକଟରେ କେନ୍ଦ୍ର ସରକାର ଏଲପିଜି ଦାମକୁ ୨୦୦ ଟଙ୍କା ହ୍ରାସ କରିଥିଲେ। ଆଗକୁ ନିର୍ବାଚନ ଥିବାରୁ ଏବେ ସରକାର ବର୍ଦ୍ଧିତ ତୈଳ ଦାମ ହ୍ରାସ କରିବା ମୁଡ୍‌ରେ ରହିଛନ୍ତି।

▶▶ପୃଷ୍ଠା ୭

# ଗୋଟିଏ ଦେଶ, ଗୋଟିଏ ନିର୍ବାଚନ: କମିଟି ଅଧ୍ୟକ୍ଷ ରାମନାଥ କୋବିନ୍ଦଙ୍କ ଘରେ ବସିଲା ବୈଠକ



ନୂଆଦିଲ୍ଲୀ,୦୬/୦୯ : ଗୋଟିଏ ଦେଶ, ଗୋଟିଏ ନିର୍ବାଚନକୁ ନେଇ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ଘରେ ଗୁରୁତ୍ୱପୂର୍ଣ୍ଣ ବୈଠକ । ଗୋଟିଏ ଦେଶ, ଗୋଟିଏ ନିର୍ବାଚନ ପାଇଁ ଗଠନ ହୋଇଥିବା କମିଟିର ଅଧ୍ୟକ୍ଷ ହେଉଛନ୍ତି କୋବିନ୍ଦ । କମିଟିରେ ଗୃହମନ୍ତ୍ରୀ ଅମିତ୍ ଶାହଙ୍କ ସମେତ ୭ ସଦସ୍ୟ ରହିଛନ୍ତି । ବୈଠକରେ କେନ୍ଦ୍ର ଆଇନ୍ ମନ୍ତ୍ରୀ ଅର୍ଜୁନ ରାମ ମେଘୱାଲ ଓ ଅନ୍ୟାନ୍ୟ ଅଧିକାରୀ ଉପସ୍ଥିତ ଅଛନ୍ତି । କମିଟିରେ ଅମିତ୍ ଶାହଙ୍କ ବ୍ୟତୀତ ହରିଶ ସାଲଭେ, ପୂର୍ବତନ ଲୋକସଭା ମହାସଚିବ ସୁଭାଷ କଶ୍ୟପ, ଏନ୍ ସିଂହ, ପୂର୍ବତନ ସିବିସି ସଂଜୟ କୋଠାରୀ, କଂଗ୍ରେସ ସାଂସଦ ଅଧୀର ରଞ୍ଜନ ଚୌଧୁରୀ ଓ ରାଜ୍ୟସଭାର ପୂର୍ବତନ ବିରୋଧୀ ଦଳ ନେତା ଗୁଲାମ ନବୀ ଆଜାଦ ରହିଛନ୍ତି ।

# ଇଣ୍ଡିଆ ବନାମ ଭାରତ ବିବାଦ: ଅଖଣ୍ଡ ଭାରତ କଥା ଉଠାଇଲେ ଆରଏସଏସ ମୁଖ୍ୟ



ନୂଆଦିଲ୍ଲୀ,୦୬/୦୯ : ପୁଣିଥରେ ଅଖଣ୍ଡ ଭାରତ କଥା ଉଠାଇଛନ୍ତି ଆରଏସଏସ୍ ମୁଖ୍ୟ ମୋହନ ଭାଗବତ। ଖୁବଶୀଘ୍ର ଅଖଣ୍ଡ ଭାରତ ବାସ୍ତବ ରୂପ ନେବ ବୋଲି ସେ ଦାବି କରିଛନ୍ତି। ଗୋଟିଏ ପଟେ ଇଣ୍ଡିଆ ବନାମ ଭାରତ ନାଁ ପରବର୍ତ୍ତନକୁ ନେଇ ବିବାଦ ଚାଲିଥିବା ବେଳେ ଭାଗବତ ଅଖଣ୍ଡ ଭାରତ କଥା ଉଠାଇଛନ୍ତି। ନାଗପୁରରେ ଆୟୋଜିତ ଗୋଟିଏ କାର୍ଯ୍ୟକ୍ରମରେ ଜଣେ ଛାତ୍ରଙ୍କ ପ୍ରଶ୍ନର ଉତ୍ତରରେ ମୋହନ ଭାଗବତ କହିଛନ୍ତି, "ତୁମେ ବୃଦ୍ଧ ହେବା ପୂର୍ବରୁ ଅଖଣ୍ଡ ଭାରତ ବାସ୍ତବ ରୂପ ନେବ। ତୁମେ ବୃଦ୍ଧ ହେବା ଆଗରୁ ଏହାର ମୁଖସାକ୍ଷୀ ପାଲଟିବ। କାରଣ ପରିସ୍ଥିତି ସବୁ ସେହି ଦିଗରେ ଯାଉଛି। ଯେଉଁମାନେ ଭାରତ ଠାରୁ ଅଲଗା ହୋଇଯାଇଥିଲେ ସେମାନେ ଏବେ ଭୁଲ କରିଥିବା ଅନୁଭବ କଲେଣି। ଆମେ ଭାରତର ପ୍ରକୃତିକୁ ଗ୍ରହଣ କରିବା ଦରକାର। ଏହା କେବଳ ଗୋଟିଏ ମ୍ୟାପ୍‌ରୁ ଗାର ଲିଭାଇବା କଥା ନୁହେଁ, ଏହା ଭାରତର ଅନ୍ତର୍ନିହିତ ଚରିତ୍ରକୁ ଗ୍ରହଣ କରିବା। ତେଣୁ ଥରେ ଏହାକୁ ଗ୍ରହଣ କରିନେଲେ, ଆଉ କୌଣସି ପରିବର୍ତ୍ତନର ଆବଶ୍ୟକ ନାହିଁ। ସବୁ କିଛି ଆପେଆପେ ଗୋଟିଏ ଭାରତ ମଧ୍ୟରେ ଏକାଠି ହୋଇଯିବ।" ଦେଶର ନାଁ ଇଣ୍ଡିଆରୁ କେବଳ ଭାରତ ରଖିବା ନେଇ ବିବାଦ ଚାଲିଥିବା ବେଳେ ମୋହନ ଭାଗବତ ଆଜି ଏପରି ବୟାନ ଦେଇଛନ୍ତି। ଏହାପୂର୍ବରୁ ଗତ ସପ୍ତାହରେ ସେ ଇଣ୍ଡିଆ ବଦଳରେ ଭାରତ ଶବ୍ଦ ବ୍ୟବହାର କରିବାକୁ ମଧ୍ୟ କହିଥିଲେ। ସେପଟ୍ଟେମ୍ବର ୧ରେ ଗୌହାଟୀରେ ଆୟୋଜିତ କାର୍ଯ୍ୟକ୍ରମରେ ସେ କହିଥିଲେ ଯେ "ଆମ ଦେଶର ନାଁ ବର୍ଷ ବର୍ଷ ଧରି ଭାରତ ରହି ଆସିଛି। ଭାଷା ଯାହା ବି ହେଉ ନା କାହିଁକି, ନାଁ ସମାନ ରହିଛି। ଆମ ଦେଶ ହେଉଛି ଭାରତ। ଆମେ ଇଣ୍ଡିଆ ଶବ୍ଦର ବ୍ୟବହାର ବନ୍ଦ କରିବା ଦରକାର।

# ଲୋଭରେ ପଡ଼ି କାଙ୍ଗାଳ ହେଉଛନ୍ତି ଲୋକ: ସାଇବର ଅପରାଧୀଙ୍କ ଜାଲରେ ଫସି ଯାଉଛନ୍ତି

ଭୁବନେଶ୍ୱର, ୦୬/୦୯ (ନି.ପ୍ର): 'ଘରେ ବସି କମ୍ ସମୟରେ ଲକ୍ଷ ଲକ୍ଷ ଟଙ୍କା ରୋଜଗାର କରିବାର ସୁଯୋଗ ପାଆନ୍ତୁ। ଏଥିପାଇଁ ଆପଣଙ୍କୁ ବିଶେଷ ପରିଶ୍ରମ କରିବାକୁ ପଡ଼ିବ ନାହିଁ। କେବଳ ସ୍ମାର୍ଟ ଫୋନ୍ ଥିଲେ ଯଥେଷ୍ଟ। ଆପଣଙ୍କ ପାଖକୁ ଭିଡିଓ ଲିଙ୍କ ପଠାଯିବ। ସେହି ଭିଡିଓକୁ ଲାଇକ୍, ସେୟାର କଲେ ଟଙ୍କା ମିଳିବ। ଅଧିକ ରୋଜଗାର କରିବାକୁ ଚାହୁଁଥିଲେ ବଦଳରେ କିଛି ଟଙ୍କା ଦେବାକୁ ପଡ଼ିବ'। ଚାକିରି ଆଶାରେ ଥିବା ବେକାରୀ ଓ ଘରେ ବସି ରୋଜଗାର କରିବା ଆଶାରେ ସାଇବର ଅପରାଧୀଙ୍କ ଏମିତି ଲୋଭରେ ପଡ଼ି କାଙ୍ଗାଳ ହୋଇ ଯାଉଛନ୍ତି ଲୋକ। ବିଶେଷକରି ଯୁବକ, ଯୁବତୀ ଓ ଘରେ ରହୁଥିବା ମହିଳାମାନେ ଠକେଇର ଶିକାର ହେଉଥିବା ଦେଖିବାକୁ ମିଳୁଛି। ପ୍ରଥମେ କିଛି ଟଙ୍କା ଦେଇ ପରେ ଲୋକଙ୍କ ଠାରୁ ଲକ୍ଷାଧିକ ଟଙ୍କା ଲୁଟି ନେଉଛନ୍ତି ଠକ। ଏହାକୁ ଟେଲିଗ୍ରାମ ଠକେଇ କୁହା ଯାଉଥିବା ବେଳେ ଆହୁରି ବିଭିନ୍ନ ଧରଣର ଘଟଣା ମଧ୍ୟ ସାମ୍ନାକୁ ଆସୁଛି। ସେହିପରି କମ୍ ସମୟ ମଧ୍ୟରେ ଟଙ୍କାକୁ ଦୁଇ ଗୁଣା, ଚାରି ଗୁଣା ଓ ୨୫ ଗୁଣା ଫେରସ୍ତ ଲୋଭ ଦେଖାଉଛନ୍ତି ସାଇବର ଅପରାଧୀ। ଏହି ଅନଲାଇନ୍ ଚିଟଫଣ୍ଡ ଜାଲରେ ପଡ଼ି ରୋଜଗାର ଅର୍ଥ ହରାଉଛନ୍ତି ଲୋକ। ଏବେ ରାଜ୍ୟରେ ଶହ ଶହ ସଂଖ୍ୟାରେ ଅନଲାଇନ୍ ଚିଟଫଣ୍ଡ ଚଳାଉଛନ୍ତି ସାଇବର ଅପରାଧୀ। ଏହି ଅନଲାଇନ ଚିଟଫଣ୍ଡରେ ପିରାମିଡ୍ ଢାଞ୍ଚାରେ ସଦସ୍ୟ ସଂଗ୍ରହ କରାଯାଉଛି। ପ୍ରଥମ ରହିଥିବା ସଦସ୍ୟମାନେ ଟଙ୍କା ପାଉଛନ୍ତି। ଏହି ଲୋଭରେ ପରେ ସଦସ୍ୟ ହେଉଥିବା ଲୋକ ଠକାମିର ଶିକାର ହେଉଛନ୍ତି। କେତେକ ଲୋକଲଜ୍ଜାରେ ଅଭିଯୋଗ କରିପାରୁ ନାହାନ୍ତି। ଏମିତି ଢଙ୍ଗରେ ସାଇବର ଅପରାଧୀମାନେ କୋଟି କୋଟି ଟଙ୍କା ଲୁଟି ନେଉଛନ୍ତି। ସେହିପରି ଅନଲାଇନ୍ ଲୋନ୍ ଆପ୍, ସପିଂ ସାଇଟ୍, ଫ୍ରି ରିଚାର୍ଜ, ଗିଫ୍ଟ, ଲଟେରି ଲୋଭ ଦେଖାଇ ସାଇବର ଠକମାନେ କୋଟି କୋଟି ଟଙ୍କା ଲୁଟିବାକୁ ସକ୍ଷମ ହେଉଛନ୍ତି। ଠକେଇ ସଂକ୍ରାନ୍ତରେ ଯେତେବେଳେ ପୁଲିସ ପାଖରେ ଅଭିଯୋଗ ପହଞ୍ଚୁଛି ସେତେବେଳେ ତଦନ୍ତରୁ ମଧ୍ୟ ଚାଞ୍ଚଲ୍ୟକର ତଥ୍ୟ ମିଳୁଛି। ଗରିବ, ଅସହାୟଙ୍କୁ ସାଇବର ଅପରାଧୀମାନେ ଟାର୍ଗେଟ୍ କରି ସେମାନଙ୍କର ବ୍ୟାଙ୍କ ତଥ୍ୟ ହାସଲ କରି ନେଉଛନ୍ତି। ଅପରାଧୀମାନେ ହାତେଇ ଥିବା ପ୍ରି-ଆକ୍ଟିଭେଟ୍ ସିମ୍ ଜରିଆରେ ବ୍ୟାଙ୍କ



ଆକାଉଣ୍ଟରେ କାରବାର କରୁଛନ୍ତି। ସେହିପରି ଆଉ କେତେକ କ୍ଷେତ୍ରରେ ଅଶିକ୍ଷିତ, ଅସହାୟ, ଗରିବ ଲୋକ, ଛୋଟ କର୍ମଚାରୀଙ୍କ ପରିଚୟପତ୍ର ନେଇ ସେମାନଙ୍କ ନାଁରେ ବ୍ୟାଙ୍କରେ ଆକାଉଣ୍ଟ ଖୋଲି ଦେଉଛନ୍ତି। ଏହି ଆକାଉଣ୍ଟକୁ ଠକେଇ ଟଙ୍କା ନେଇ ପରେ ଠକମାନେ ନିଜ ଆକାଉଣ୍ଟକୁ ଟ୍ରାନ୍ସଫର୍ କରି ଦେଉଛନ୍ତି। ନିକଟରେ ଚାକିରି ନାଁରେ ଠକେଇ ଓ ରାଜ୍ୟ ସରକାରଙ୍କ 'ମୋ ସ୍କୁଲ' ନାଁରେ ନକଲି ୱେବସାଇଟ୍ ଖୋଲି ନିଯୁକ୍ତି ନାଁରେ ଠକେଇ ମାମଲାରେ ଅଭିଯୁକ୍ତ ଗିରଫ ହେବା ପରେ ବେନାମୀ ବ୍ୟାଙ୍କ ଆକାଉଣ୍ଟ ସମ୍ପର୍କରେ ପୁଲିସ ଜାଣିବାକୁ ପାଇଥିଲା। ଆଉ କେତେକ କ୍ଷେତ୍ରରେ ପୁଲିସ ତଦନ୍ତ କରି ବ୍ୟାଙ୍କ ଆକାଉଣ୍ଟଧାରୀଙ୍କ ପାଖରେ ପହଞ୍ଚିବା ପରେ ଯେତେବେଳେ ସତକଥା ଜାଣିବାକୁ ପାଉଛି ସେତେବେଳେ ଆଉ ଆଗକୁ ଯାଇ ପାରୁ ନାହିଁ। ତଦନ୍ତ ସେହି ଠାରେ ହିଁ ଅଟକି ଯାଉଛି। ଆଉ କେତେକ ଘଟଣାରେ ଠକମାନେ ଟଙ୍କା ଦେବାର ଲୋଭ ଦେଖାଇ ଯେତେବେଳେ ଲୋକଙ୍କ ଠାରୁ ସେମାନଙ୍କ ବ୍ୟାଙ୍କ ସମ୍ପର୍କିତ ତଥ୍ୟ ସଂଗ୍ରହ କରି ଆକାଉଣ୍ଟ ଖୋଲି ଦେଉଛନ୍ତି। ଆକାଉଣ୍ଟଧାରୀମାନେ ଯେତେବେଳେ ଠକେଇ ସଂକ୍ରାନ୍ତରେ ଜାଣିବାକୁ ପାଉଛନ୍ତି ସେତେବେଳେ ଥାନାରେ ଅଭିଯୋଗ କରୁଛନ୍ତି। ବେନାମୀ ଆକାଉଣ୍ଟ ଏବେ ଚିନ୍ତାର କାରଣ ସାଜିଛି। ପୂର୍ବ ଅପେକ୍ଷା ଏବେ ସାଇବର ଠକେଇ ସଂଖ୍ୟା ବଢ଼ି ବଢ଼ି ଚାଲିଛି। ଏପରିକି ଭୁବନେଶ୍ୱର ସାଇବର ଥାନାକୁ ପ୍ରତିଦିନ ପ୍ରାୟ ୧୦ରୁ ୨୦ ଅଭିଯୋଗ ପହଞ୍ଚୁଛି। ଏହି ହିସାବକୁ ଦେଖିଲେ ମାସକୁ ପ୍ରାୟ ୪ ଶହରୁ ୫ ଶହ ଅଭିଯୋଗ ଆସୁଛି। ଠକମାନେ ଯେଉଁଭଳି ଭାବେ କାୟା ମେଲାଇ ଚାଲିଛନ୍ତି ସେହିଭଳି ସଚେତନତା ଲୋକଙ୍କ ପାଖରେ ପହଞ୍ଚି ପାରୁ ନାହିଁ। ବିଶେଷ କରି ଗ୍ରାମାଞ୍ଚଳ, ତୃଣମୂଳ ସ୍ତରରେ ସଚେତନତା ପହଞ୍ଚି ପାରୁନି ବୋଲି ସାଇବର ବିଶେଷଜ୍ଞ ମତ ଦେଇଛନ୍ତି। ଯେତେ ଅଧିକ ସଚେତନତା ହେବ ସେତେ ଲୋକ ଠକାମିରୁ ରକ୍ଷା ପାଇପାରିବେ। ଭଲ ସଚେତନତା ଭିଡିଓ, ସୋସିଆଲ ମିଡିଆରେ ଫଟୋ, ଗ୍ରାମାଞ୍ଚଳରେ ଅଭିନୟ ମାଧ୍ୟମରେ ସଚେତନ କରାଯାଇପାରିଲେ ଠକେଇ ମାମଲା କମିପାରିବ। ସୋସିଆଲ ମିଡିଆରେ ଲୋଭ ଦେଖାଉଥିବା ଅଜଣା ବ୍ୟକ୍ତିଙ୍କ ଜାଲରେ ନ ପଡ଼ିବା, ହ୍ୱାଟସଆପ୍ କିମ୍ବା ମୋବାଇଲକୁ ଆସୁଥିବା ଅଜଣା ଲୋଭନୀୟ ମେସେଜକୁ ଗ୍ରହଣ ନ କରିବା, ଲିଙ୍କରେ କ୍ଲିକ୍ ନ କରିବା, ଲୋଭନୀୟ ଅଫର ଜାଲରେ ନ ପଡ଼ିଲେ ସାଇବର ଠକେଇରୁ ରକ୍ଷା ମିଳି ପାରିବ ବୋଲି ବିଶେଷଜ୍ଞ କହିଛନ୍ତି।

## ବିଦ୍ୟାଳୟରେ ଛାତ୍ର ଛାତ୍ରୀଙ୍କୁ ବ୍ୟାଗ୍ ବଂଟନରେ ଅନିୟମିତତା ଅଭିଯୋଗ : ତଦନ୍ତ ଦାବି

ନିଶ୍ଚିନ୍ତକୋଇଲି, ୦୬/୦୯ (ନି.ପ୍ର): ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷା ମଣ୍ଡଳ ଅଧିନରେ ଥିବା ବିଭିନ୍ନ ବିଦ୍ୟାଳୟରେ ସରକାରଙ୍କ ତରଫରୁ ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ଯୋଗାଇ ଦିଆଯାଉଥିବା ବ୍ୟାଗ୍ ବଣ୍ଟନରେ ବ୍ୟାପକ ଅନୀୟମିତତା ହେଉଥିବା ଅଭିଯୋଗ ହେଉଛି। ଏପରିକି ଏକ ବର୍ଷ ତଳୁ ଟଙ୍କା ଆସି ବ୍ୟାଙ୍କରେ ଜମା ହେବା ସହ ନିଶ୍ଚିନ୍ତକୋଇଲି ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଓ ବିଦ୍ୟାଳୟ ପରିଚାଳନା କମିଟି ସଭାପତିଙ୍କ ଜମାଖାତାକୁ ଅର୍ଥ ଆସିଥିଲେ ମଧ୍ୟ ବିଦ୍ୟାଳୟର ପ୍ରଧାନଶିକ୍ଷକ, ପରିଚାଳନା କମିଟି ସଭାପତି ଓ ଦାୟିତ୍ୱରେ ଥିବା ସିଆରସିସିମାନଙ୍କ ଚଞ୍ଚକତା ଯୋଗୁ ଅଧିକାଂଶ ବିଦ୍ୟାଳୟରେ ଏପର୍ଯ୍ୟନ୍ତ ବ୍ୟାଗ୍ ବଣ୍ଟନ ହୋଇନଥିବା ବେଳେ ବଣ୍ଟନ କରାଯାଇଥିବା ବ୍ୟାଗ୍ ଗୁଡିକ ଅତି ନିମ୍ନମାନର ବୋଲି ଛାତ୍ରାଭିଭାବକମାନେ ଅଭିଯୋଗ କରୁଛନ୍ତି । ସୂଚନାଅନୁସାରେ ଜିଲ୍ଲା ଶିକ୍ଷା ଯୋଜନାରେ ପ୍ରକଳ୍ପ ଅଧିକାରୀ ସେପ୍ଟେମ୍ବର ୭ ତାରିଖ ୨୦୨୨ ରିଖରେ ଗଙ୍ଗାଧର ମେହେର ମାନକ ବୃଦ୍ଧି ଯୋଜନାରେ ନିଶ୍ଚିନ୍ତକୋଇଲି ବ୍ଲକ ଶିକ୍ଷାଅଧିକାରୀଙ୍କ ଅଧିନରେ ଥିବା ୧୮୩ ଟି ବିଦ୍ୟାଳୟର ୩ ହଜାର ୬୬୮ ଜଣ ଛାତ୍ର ଛାତ୍ରୀଙ୍କ ନିମନ୍ତେ ୪ ଲକ୍ଷ ୭୬ ହଜାର ୬୬୮ ଟଙ୍କା ପଠାଇଥିଲେ । ଏହି ଟଙ୍କାରେ ପ୍ରତ୍ୟେକ ଛାତ୍ର ଛାତ୍ରୀମାନଙ୍କ ପାଇଁ ପ୍ରାୟ ୧୩୦ ଟଙ୍କା ବ୍ୟୟରେ ପ୍ରତି ସ୍କୁଲର ପ୍ରଥମ ଓ ଦ୍ୱିତୀୟ ଶ୍ରେଣୀର ଛାତ୍ର ଛାତ୍ରୀଙ୍କୁ ବ୍ୟାଗ୍ କିଣି ବଣ୍ଟନ କରିବାର ନିର୍ଦ୍ଦେଶନାମା ରହିଛି । ଏଥି ମଧ୍ୟରେ ଏକ ବର୍ଷ ବିତିବାକୁ ବସିଲାଣି । ହେଲେ ବ୍ଲକର ଅଧିକାଂଶ ବିଦ୍ୟାଳୟରେ ଏପର୍ଯ୍ୟନ୍ତ ଛାତ୍ର ଛାତ୍ରୀଙ୍କୁ ବ୍ୟାଗ୍ ବଣ୍ଟନ କରାଯାଇନଥିବା ଅଭିଭାବକ ମହଲରେ ଅଭିଯୋଗ ହୋଇଛି । ଯେଉଁ ବ୍ୟାଗ୍ ବଣ୍ଟନ କରାଯାଇଛି ତାହା ନିମ୍ନମାନର ବୋଲି ଛାତ୍ରାଭିଭାବକମାନେ ଅଭିଯୋଗ କରୁଛନ୍ତି । ଏପରିକି ବ୍ୟାଗ୍ ବଣ୍ଟନର ୨ ମାସ ମଧ୍ୟରେ ବ୍ୟାଗ୍ର ଫିତା ଛିଡି ଯିବା ସହ ବ୍ୟାଗ୍ର ସିଲେଇ ଖୋଲିଯାଇଥିବା ଛାତ୍ରାଭିଭାବକମାନେ ପ୍ରକାଶ କରିଛନ୍ତି । ଉଚ୍ଚ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ବ୍ୟାଗ୍ ବଣ୍ଟନରେ ହୋଇଥିବା ଅନୀୟମିତତାର ଉଚ୍ଚ ସ୍ତରୀୟ ତଦନ୍ତ କଲେ ପ୍ରକୃତ ଘଟଣା ଲୋକ ଲୋଚନକୁ ଆସିପାରିବ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି ।

## ଡ଼ିଭାଇଡ଼ରରେ ପିଟି ହୋଇ ବାଇକ ଆରୋହୀ ଆହତ

କୋରେଇ, ୦୬/୦୯ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ବାସଭବନ ସମ୍ମୁଖରେ ଆଜି ଏକ ବାଇକ ଚାଳକ ଭାରସାମ୍ୟ ହରାଇ ରାସ୍ତା ଡ଼ିଭାଇଡ଼ରରେ ପିଟି ହୋଇ ଆହତ ହୋଇଛନ୍ତି । ପ୍ରକାଶ ଯେ କୁଆଖିଆ ଥାନା ଅନ୍ତର୍ଗତ ହରିପୁର ଗ୍ରାମର ସୁନୀଲ ପାତ୍ରଙ୍କ ପୁଅ ସଂଗ୍ରାମ ଏକ ବାଇ ଯୋଗେ ଭଦ୍ରକରୁ ହରିପୁର ଫେରୁଥିବା ବେଳେ ଭାରସାମ୍ୟ ହରାଇ ଅନ୍ୟମନସ୍କତା ଯୋଗୁ ରାସ୍ତା ଡ଼ିଭାଇଡ଼ରରେ ପିଟି ଦେଇଥିଲେ। ଖବର ପାଇ ରାଜପଥ ପେଟ୍ରୋଲିଂ ଅଧିକାରୀ ଅଶୋକ କୁମାର ବଳ ପହଂଚି ଆହତଙ୍କୁ ଉଦ୍ଧାର କରି ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା କରାଇଥିବା ଜଣାପଡିଛି।

## ବିଦ୍ୟାଳୟକୁ ଆସିପାରୁ ନଥିବା ଦିବ୍ୟାଙ୍ଗମାନଙ୍କୁ ଶୁଖିଲା ଖାଦ୍ୟ ବଂଟନ

ମାଲକାନଗିରି, ୦୬/୦୯ (ନି.ପ୍ର): ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକ ର ବିଭିନ୍ନ ପ୍ରାଥମିକ, ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଅଧ୍ୟୟନରତ ଦିବ୍ୟାଙ୍ଗ ଛାତ୍ର-ଛାତ୍ରଙ୍କୁ ମଧ୍ୟାହ୍ନ ଭୋଜନ ବାବଦକୁ ଶୁଖିଲା ଖାଦ୍ୟ ସାମଗ୍ରୀ ଯୋଗାଇ ଦିଆଯାଇଛି। ବିଦ୍ୟାଳୟରେ ନାମ ଥାଇ ଶାରିରୀକ, ମାନସିକ ଅନଗ୍ରସର ଦିବ୍ୟାଙ୍ଗ ବିଦ୍ୟାର୍ଥୀ ଦୈନିକ ବିଦ୍ୟାଳୟ ଆସିନପାରିବା ଯୋଗୁ ସେ ପ୍ରଧାନମନ୍ତ୍ରୀ ପୋଷଣ ଯୋଜନାର ସୁଯୋଗ ନେଇପାରୁ ନାହାନ୍ତି। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶ କ୍ରମେ ମାଲକାନଗିରି ଜିଲ୍ଲା ପ୍ରଶାସନ ପକ୍ଷରୁ ଏ ନେଇ ସୂଚନା ପରେ ମାଥିଲି ବ୍ଲକର ଅନୁସୂଚିତ ଜାତି ଜନଜାତି ବିଦ୍ୟାଳୟ ଟିମସପୁଟ ର ପ୍ରଧାନଶିକ୍ଷକ ମଙ୍ଗଲୁ କିର୍ଶାନି, ସହକାରୀ ଶିକ୍ଷକ ଲାଲବାଗ ବାରିକ ସେହି ବିଦ୍ୟାଳୟର ବିଦ୍ୟାର୍ଥୀ ସିଙ୍ଗଲଗୁଡାର ସୋନାଲି ପେଦା, ବସନ୍ତ ନାୟକ, କୁଟୁନିପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ସୁନାଧର ଭୂମିଆଙ୍କ ଦ୍ୱାରା ସେହି ବିଦ୍ୟାଳୟର ରଶ୍ମିତା ଫଟକାଙ୍କୁ ସିଆରସି ଅନ୍ତର୍ଯ୍ୟାମୀ ମଲ୍ଲିକଙ୍କ ଉପସ୍ଥିତରେ ଶୁଖିଲା ଖାଦ୍ୟ ବଣ୍ଟନ କରାଯାଇଛି। ସେହିପରି ସାଲିମି ପଂଚାୟତ ର ନୂଆଗୁଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ବାସନ୍ତି ଦଳେଇ, ସହକାରୀ ଶିକ୍ଷକ ସଞ୍ଜୟ କୁମାର ସାହୁଙ୍କ ଉପସ୍ଥିତିରେ ରାହୁଲ ଭୂମିଆଙ୍କୁ ଏବଂ ଧୁଙ୍ଗିଆପୁଟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଭି. ରାମପ୍ରସାଦ, ଶିକ୍ଷୟିତ୍ରୀ ମନ୍ଦାକିନୀ ସାହୁ ଓ ସିଆରସି ବିରଜା ଶଙ୍କର ବେହେରାଙ୍କ ଉପସ୍ଥିତିରେ ସେହି ବିଦ୍ୟାଳୟର ପ୍ରତିମା ବାଡାମଙ୍କୁ ଓ ଆମ୍ବଗୁଡା ପଂଚାୟତର ଖଡିମାଟି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବିମଳ ସର୍ଦ୍ଦାର ସେହି ବିଦ୍ୟାଳୟର ଚନ୍ଦନ ମାଝୀ ର ପରିବାର ଲୋକଙ୍କୁ ଶୁଖିଲା ଖାଦ୍ୟ ଓ ରନ୍ଧା ଖର୍ଚ୍ଚ ପ୍ରଦାନ କରିଥିଲେ । ବ୍ଲକ ଶିକ୍ଷାଧିକାରୀ ସୁମିତ ବିଶ୍ୱାସ, ବିଆରସି ଆର. ଏସୁ ଦାସଙ୍କ ନିର୍ଦ୍ଦେଶ କ୍ରମେ ବିଆରପି ଦାୟିତ୍ୱରେ ଥିବା ରତ୍ନାକର ପାଳ କାର୍ଯ୍ୟ ସମ୍ପାଦନ ପାଇଁ ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମ ମାଥିଲି ବ୍ଲକ ର ୨୦ଟି ପଂଚାୟତର ବିଭିନ୍ନ ପ୍ରାଥମିକ ଓ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ବିଦ୍ୟାଳୟକୁ ଆସି ପାରୁନଥିବା ବିଦ୍ୟାର୍ଥୀ ଲାଭ ପାଇ ପାରିବେ ବୋଲି ସୂଚନା ମିଳିଛି।

## ଶାକ୍ତ ଗୁଣ୍ଡିଚା ଜରାଜୀର୍ଣ୍ଣ: ଫାଟିଗଲାଣି ଛାତ, ନାଳ ପାଣିରେ ବୁଡ଼ିଯାଉଛନ୍ତି ଠାକୁରାଣୀ

ପୁରୀ, ୦୬/୦୯ (ନି.ପ୍ର): ଦୁର୍ଗାମାଧବ ଉପାସନାର ଅନନ୍ୟ ଐତିହ୍ୟ କ୍ଷେତ୍ର ନାରାୟଣୀ ମନ୍ଦିର ଜରାଜୀର୍ଣ୍ଣ। ଶ୍ରୀକ୍ଷେତ୍ରର ଶାକ୍ତ ଗୁଣ୍ଡିଚାର ଛାତ ଫାଟିଗଲାଣି। ରାସ୍ତାଠୁ ମନ୍ଦିର ତଳେ ଥିବାରୁ ନାଳ ପାଣି ଭିତରେ ପଶିଯାଉଛି। ମାତ୍ର ଶ୍ରୀମନ୍ଦିର ପ୍ରଶାସନ ଏହି ମନ୍ଦିରର ପୁନରୁଦ୍ଧାର ପାଇଁ ଆନ୍ତରିକତା ଦେଖାଉନାହିଁ। ଦୁର୍ବଳ କାନ୍ଥକୁ ଧଉଳେଇ ଦେଇ କାମ ସାରିଦେଇଛି ପ୍ରଶାସନ। କିନ୍ତୁ ବାରମ୍ବାର ଅଭିଯୋଗ ସତ୍ତ୍ୱେ ମଧ୍ୟ ଏହାର ମରାମତି କରାଯାଉନାହିଁ। ମନ୍ଦିରର ଛାତ କେତେବେଳେ ଭୁଶୁଡ଼ି ଯିବା ନେଇ ଆଶଙ୍କା ଦେଖାଦେଇଛି। ନାରାୟଣୀ ମନ୍ଦିରର ଅନ୍ୟ ନାମ ହେଉଚି ଶାକ୍ତ ଗୁଣ୍ଡିଚା ବା ଗୁପ୍ତ ଗୁଣ୍ଡିଚା। ଶ୍ରୀମନ୍ଦିର ନୀତି ସହ ଏହି ମନ୍ଦିର ଜଡ଼ିତ ଥିଲେ ହେଁ ଏଯାଏ ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଏହାକୁ ଗୁରୁତ୍ୱ ଦିଆଯାଇନାହିଁ। ଆଶ୍ୱିନ ମାସରେ ଷୋଳପୂଜା ସମୟରେ ପ୍ରଥମ ଆଠ ଦିନ ଦୁର୍ଗାମାଧବ ବିମଳାଙ୍କ ମନ୍ଦିର ଜଗମୋହନରେ ପୂଜା ପାଉଥିବା ବେଳେ ଶେଷ ୮ଦିନ ଏହି ନାରାୟଣୀ ମନ୍ଦିରକୁ ଆସନ୍ତି। ଶାରଦୀୟ ଦୁର୍ଗାପୂଜା ପରିପ୍ରେକ୍ଷୀରେ ଗଇଁଠାଳ ପଡ଼ି



ଦୁର୍ଗାମାଧବ ଏକତ୍ର ପୂଜା ପାଇବା ଏହି ମନ୍ଦିର ଭିନ୍ନ ଅନ୍ୟ କେଉଁଠାରେ ଦେଖିବାକୁ ମିଳେନାହିଁ। ସେଥିପାଇଁ ଏହା ଶାକ୍ତ ଗୁଣ୍ଡିଚା ବା ଗୁପ୍ତ ଗୁଣ୍ଡିଚା ଭାବେ ଅଭିହିତ। କିନ୍ତୁ ଐତିହ୍ୟ ଗୁରୁତ୍ୱ ଥାଇ ମଧ୍ୟ ଏହା ଆଢୁଆଳରେ ରହିଯାଇଛି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଦୋଳମଣ୍ଡପସାହି ମଧ୍ୟରେ ଥିବା ଏହି ମନ୍ଦିର ରାସ୍ତା ପତନଠାରୁ ତଳେ ରହିଛି। ସାମାନ୍ୟ ବର୍ଷା ହେଲେ ନାଳପାଣି ଏହା ମଧ୍ୟକୁ ପଶିଯାଇ ଠାକୁରାଣୀଙ୍କୁ ସ୍ପର୍ଶ କରୁଛି। ମନ୍ଦିରର ଛାତ ଫାଟି ଆଁ କରିଛି ମନ୍ଦିରର ମାର୍ଫତଦାର ଥିବା ଦାଶ ପରିବାରର ନାରାୟଣ ଦାଶ କହିଛନ୍ତି। ତାଙ୍କ କହିବା ମୁତାବକ, ଥରେ ପାଣି ପଶିଲେ ମନ୍ଦିର ମଧ୍ୟରୁ ବାଲ୍ଟିରେ ଏହାକୁ ଉଝାଳିବା ଛଡ଼ା ଅନ୍ୟ ଉପାୟ ନଥାଏ। ଶ୍ରୀ ଦାଶଙ୍କ କହିବା ମୁତାବକ, ମନ୍ଦିରର ନିର୍ମାଣ କାଳକୁ ନେଇ ସେପରି କୌଣସି ତଥ୍ୟ ଭିତ୍ତିକ ରେକର୍ଡ ନଥିଲେ ହେଁ ପ୍ରାୟ ୨ଶହ ବର୍ଷ ପୂର୍ବରୁ ୪ ପୁରୁଷ ଧରି ତାଙ୍କ ପରିବାର ଦ୍ୱାରା ନାରାୟଣୀ ଠାକୁରାଣୀ ପୂଜା ପାଇ ଆସୁଛନ୍ତି। ଦୁ ମନ୍ଦିର ପରିଚାଳନା ପାଇଁ ଆୟର କୌଣସି ବ୍ୟବସ୍ଥା ନାହିଁ। ତେଣୁ ଏନେଇ ଶ୍ରୀମନ୍ଦିର ପ୍ରଶାସନ ନିକଟରେ ଆବେଦନ କରାଯାଇଥିଲା। ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟଙ୍କୁ ରକ୍ଷଣାବେକ୍ଷଣ ନିମନ୍ତେ ଅନୁରୋଧ କରାଯାଇଥିଲା। ୨୦୨୧ ମସିହାରେ ମରାମତି କାର୍ଯ୍ୟ ହେଲା ସିନା, କିନ୍ତୁ ଏହା ଜରାଜୀର୍ଣ୍ଣ ଅବସ୍ଥାର ଉପଶମ କରିପାରିଲା ନାହିଁ। କିନ୍ତୁ କମିଟି ଏହାକୁ ଗୁରୁତ୍ୱର ସହ ନେଲା ନାହିଁ। ଐତିହ୍ୟ କରିଡର ପାଇଁ ଶହଶହ କୋଟି ଟଙ୍କା ଖର୍ଚ୍ଚ ହେଉଥିଲେ ହେଁ ଶ୍ରୀମନ୍ଦିର ନୀତି ସହ ସମ୍ପର୍କିତ ଏହି ମନ୍ଦିରର ଶୋଚନୀୟ ଅବସ୍ଥା ସଜାଡ଼ିବାକୁ ଗୁରୁତ୍ୱ ଦିଆଯାଇନାହିଁ। ଛାତ ପକାଯିବା ସହ ଚଟାଣ ଉଚ୍ଚା କରାଯିବା ନିତାନ୍ତ ଆବଶ୍ୟକ ଥିବାରୁ ଏ ଦିଗରେ ଶ୍ରୀମନ୍ଦିର ପ୍ରଶାସକ ଗୁରୁତ୍ୱ ଦେବାକୁ ସେ ଦାବି କରିଛନ୍ତି।

## ବିଚାରପତି ସ୍ୱର୍ଗତ ସୁବାସ କୁମାର ବିହାରୀଙ୍କ ସ୍ମୃତିସଭା

କୋରେଇ, ୦୬/୦୯ (ନି.ପ୍ର): ଶେଷଦେବ ବାସନ୍ତୀ ସରକାରୀ ଉଚ୍ଚ ବିଦ୍ୟାଳୟର ପୁରାତନ ଛାତ୍ର ସଂସଦ ପକ୍ଷରୁ ପୁରାତନ ଛାତ୍ର ତଥା ପୂର୍ବତନ ବିଚାରପତି ସୁବାସ କୁମାର ବିହାରୀଙ୍କ ସ୍ମୃତି ସଭା ବରିଷ୍ଠ ଛାତ୍ର ତଥା ବୁଦ୍ଧରାଜ ବିଦ୍ୟାପୀଠର ଶିକ୍ଷକ ରବିନାରାୟଣ ସାହୁଙ୍କ ସଭାପତିତ୍ୱରେ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ସଭାରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ସ୍ତମ୍ଭକାର ସନ୍ତୋଷ ଦାସ ଯୋଗଦେଇ ସ୍ୱର୍ଗତ ବିହାରୀଙ୍କ ସ୍ମୃତି ଚାରଣ କରି ସେ ଜଣେ ସାଧାରଣ ପରିବାରରେ ଜନ୍ମ ଗ୍ରହଣ କରି ମଧ୍ୟ ଯେପରି ଭାବେ ନିଜର ଅଧବସାୟ, ସାଧୁତା ଓ ନିଷ୍ଠା ଦ୍ୱାରା ଯେଉଁ ସଫଳତା ପାଇଥିଲେ ତାହା ଅନ୍ୟ ମାନଙ୍କ ପାଇଁ ଏକ ପ୍ରେରଣା ବୋଲି ମତବ୍ୟକ୍ତ କରିଥିଲେ।

## ଆସନ୍ତା ୯ ତାରିଖରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

କନ୍ଧମାଳ, ୦୬/୦୯ (ନି.ପ୍ର): କନ୍ଧମାଳ ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା କୋର୍ଟ ପରିସରରେ ଏବଂ ତାଲୁକ୍ ସ୍ତରୀୟ ବିଚାର ବିଭାଗୀୟ କୋର୍ଟ ପରିସରରେ ଚଳିତ ମାସ ୯ ତାରିଖ ଶନିବାର ଦିନ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ ବୋଲି ଅଧକ୍ଷ, ଜିଲ୍ଲା ଆଇନସେବା ପ୍ରାଧିକରଣ, କନ୍ଧମାଳ, ଫୁଲବାଣୀ ସୂଚନା ପ୍ରଦାନ କରାଯାଇଛି । ସୂଚନାରୁ ଜଣାପଡ଼ିଛି ଯେ, ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରାଧିନ ଫୌଜଦାରି, (ସାଲିସ ଯୋଗ୍ୟ), ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର୍ ଦୁର୍ଘଟଣା ଜନିତକ୍ଷତିପୂରଣ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍ , ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ୍ ଦେଇ), ବୈବାହିକ ବିବାଦ ( ଛାଡ଼ପତ୍ର ବ୍ୟତିତ) ଜମି ଅଧିଗ୍ରହଣ, ଚାକିରି ସମ୍ବନ୍ଧୀୟ (ଦରମା, ଭତା ଓ ଅବସରକାଳୀନ ପ୍ରାପ୍ୟ ) ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ଆପୋଷ ସହମତିରେ ସମାଧାନ କରାଯାଇପାରିବ । ସୂଚନାରୁ ଆଉ ମଧ୍ୟ ଜଣାପଡ଼ିଛି ଯେ, କେବଳ ବିଚାରାଧିନ ନୁହେଁ, ପ୍ରାକ୍-ମକଦ୍ଦମା ସ୍ତରୀୟ ( କଚେରୀରେ ଦାଏର ହୋଇ ନ ଥିବା) ଚେକ୍ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ବିବାଦ, ଶ୍ରମ ଓ ନିଯୁକ୍ତି ବିବାଦ, ବିଦ୍ୟୁତ୍ , ଜଳ ଓ ଅନ୍ୟାନ୍ୟ ବିଲ୍ ଦେୟ ଜନିତ ବିବାଦ (ସାଲିସ ବିହୀନ ବିବାଦକୁ ବାଦ୍ ଦେଇ), ଭରଣ ପୋଷଣ ବିବାଦ, ଅନ୍ୟାନ୍ୟ ସାଲିସଯୋଗ୍ୟ ଫୌଜଦାରି ଓ ଅନ୍ୟାନ୍ୟ ଦେୱାନୀ ମକଦ୍ଦମା ଇତ୍ୟାଦିର ମଧ୍ୟ ସମାଧାନ ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ହୋଇ ପାରିବ । ଲୋକ ଅଦାଲତରେ ମକଦ୍ଦମା / ବିବାଦର ସମାଧାନ ପାଇଁ କୌଣସି ଆର୍ଥିକ ଖର୍ଚ୍ଚ ପଡ଼େ ନାହିଁ ଏବଂ ଲୋକ ଅଦାଲତଙ୍କ ରାୟ ବୈଧ, ଚୂଡ଼ାନ୍ତ ଏବଂ ଅମଳଯୋଗ୍ୟ । ଯଦି କୌଣସି ବିଚାରାଧିନ ମକଦ୍ଦମାର ସମାଧାନ ଲୋକ ଅଦାଲତ ମାଧ୍ୟମରେ ହୁଏ, ଆଗରୁ ପୈଠ ହୋଇଥିବା କୋର୍ଟ ଫି ଫେରସ୍ତ ହୋଇପାରିବ । ଦୀର୍ଘଦିନ ଧରି ଚାଲୁ ରହିଥିବା ମକଦ୍ଦମାର ସହଜ ସମାଧାନ ପାଇଁ ଏବଂ ଆର୍ଥିକ ଖର୍ଚ୍ଚ ଓ ସମୟ ଅପଚୟରୁ ନିସ୍ତାର ପାଇଁ ଏହି ସୁଯୋଗର ସଦୁପଯୋଗ କରିବାକୁ ଜିଲ୍ଲା ଆଇନସେବା ପ୍ରାଧିକରଣ, କନ୍ଧମାଳ, ଫୁଲବାଣୀ ତରଫରୁ ଅନୁରୋଧ କରାଯାଇଛି । ସବିଶେଷ ବିବରଣୀ ତଥା ଏହା ଉପରେ ଅଧିକ ଜାଣିବା ପାଇଁ ନିକଟସ୍ଥ ଅଦାଲତରେ କାର୍ଯ୍ୟରତ ଜିଲ୍ଲା ଆଇନସେବା ପ୍ରାଧିକରଣ ବା ତାଲୁକ୍ ଆଇନସେବା କାର୍ଯ୍ୟାଳୟ ସହ କିମ୍ବା ଟେଲିଫୋନ୍ (୦୬୮୪୨) ୨୫୪୦୩୧ ରେ ଯୋଗାଯୋଗ କରିବାକୁ କୁହାଯାଇଛି ।

## କଲେଜ ଛକ ବଲାଙ୍ଗୀରରେ ବିଦ୍ୱତ ପରିଷଦ ଆଲୋଚନା ଚକ୍ର

ବଲାଙ୍ଗୀର, ୦୬/୦୯ (ନି.ପ୍ର): ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର କଲେଜ ଛକ ବଲାଙ୍ଗୀରରେ ଜ୍ଞାନୀ ଗୁଣୀ ମାନଙ୍କୁ ନେଇ ବିଦ୍ୱତ ପରିଷଦ ଆଲୋଚନା ଚକ୍ର ସଭାପତି ଶ୍ରୀ ସୁନୀଲ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଶ୍ରୀ ଅଶ୍ୱିନୀ କୁମାର ନାୟକ ଶିକ୍ଷା ବିକାଶ ସମିତି ଓଡିଶା ମୁଖ୍ୟବକ୍ତା ଭାବେ ଯୋଗଦେଇ ଥିଲେ। ଶ୍ରୀ ଶିବ ପ୍ରସାଦ ତ୍ରିପାଠୀ, ଶ୍ରୀ ହେମନ୍ତ ଦାସ, ଶ୍ରୀ ଦତ ଆନନ୍ଦ ପଣ୍ଡା, ଶ୍ରୀ ଅଶୋକ କୁମାର ମିଶ୍ର, ଶ୍ରୀ ସନାତନ ଠାକୁର, ଶ୍ରୀ ଶଶିଭୂଷଣ ପୁରୋହିତ, ଶ୍ରୀ ଲକ୍ଷ୍ମୀ ନାରାୟଣ ସାହୁ, ଶ୍ରୀ ଅମରେନ୍ଦ୍ର ଉଦଗାତା ଭାରତର ସ୍ୱ ସମ୍ବନ୍ଧେ ନିଜସ୍ୱ ମତ ରଖିଥିଲେ।

## ଜିଲ୍ଲାସ୍ତରୀୟ ସଂସାଧନ ସଭ୍ୟ ପ୍ରଶିକ୍ଷଣ ଶିବିର ଉଦ୍‌ଘାଟିତ

ମାଲକାନଗିରି, ୦୬/୦୯ (ନି.ପ୍ର): ଓଡିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ଏବଂ ଜିଲ୍ଲା ସୂଚନା ଓ ଲୋକସଂପର୍କ ବିଭାଗର ମିଳିତ ଆନୁକୂଲ୍ୟରେ ଜିଲ୍ଲାସ୍ତରୀୟ ଦୁଇଦିନିଆ ସଂସାଧନ ସଭ୍ୟଙ୍କ ପ୍ରଶିକ୍ଷଣ ଶିବିର ଜିଲ୍ଲା ପଂଚାୟତ ସାଧନ କେନ୍ଦ୍ର ଠାରେ ଉଦଘାଟିତ ହୋଇଯାଇଛି। ବିଭିନ୍ନ ଲୋକକଳା ମାଧ୍ୟମରେ ରାଜ୍ୟ ସରକାରଙ୍କ ଉନ୍ନୟନମୂଳକ ଯୋଜନା ଗୁଡିକୁ ଜନ ସାଧାରଣଙ୍କ ପାଖରେ ପହଂଚାଇବା ଏବଂ ସ୍ଥାନୀୟ ପାରମ୍ପରିକ ଲୋକ କଳାକାରଙ୍କ ଜୀବନ ଜୀବିକାରେ ସହାୟତା ନିମନ୍ତେ ଜିଲ୍ଲାବ୍ୟାପୀ ଗ୍ରାମପଂଚାୟତ ସ୍ତରରେ ଲୋକକଳା ପ୍ରୟୋଗ ଦ୍ୱାରା ସୂଚନା, ଶିକ୍ଷା ଓ ଯୋଗାଯୋଗ ଅଭିଯାନର ଗୁରୁତ୍ୱପୂର୍ଣ୍ଣ ଦିଗ ଉପରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ବେଦବର ପ୍ରଧାନ ଯୋଗଦେଇ କହିଥିଲେ। ଏହି କାର୍ଯ୍ୟକ୍ରମ ନିମନ୍ତେ ଗୋଷ୍ଠୀ ସାମାଜିକ ସୁରକ୍ଷା ଅଧିକାରୀ ଏବଂ ବ୍ଲକ କଳା ସାଂସ୍କୃତିକ ସଂଘ ର ଉପସଭାପତି ଆଗଭର ହୋଇ ନିଜ ବ୍ଲକ ତଥା ଗ୍ରାମପଂଚାୟତରେ ପ୍ରଚାର ପ୍ରସାର କରିବେ। ଶ୍ରୀ ପ୍ରଧାନ ବିଏସଏସଓ ମାନଙ୍କୁ ସେପ୍ଟେମ୍ବର ୧୫ରୁ ୩୦ ପର୍ଯ୍ୟନ୍ତ ହେବାକୁ ଥିବା ଆଇଇସି କାର୍ଯ୍ୟକ୍ରମ ନିମନ୍ତେ ଏକ ପ୍ରୋଗ୍ରାମ କ୍ୟାଲେଣ୍ଡର ପ୍ରସ୍ତୁତ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। କେଉଁ ଦଳ କେଉଁ ପଂଚାୟତରେ କଳା ମାଧ୍ୟମରେ ସରକାରଙ୍କ ବିଭିନ୍ନ ଯୋଜନା ପ୍ରଦର୍ଶନ କରିବେ ତାହାର ତାଲିକା ତିଆରି କରିବାକୁ କୁହାଯାଇଛି। ଜିଲ୍ଲା ସୂଚନା ଓ ଲୋକସଂପର୍କ ଅଧିକାରୀ ତଥା ଜିଲ୍ଲା ସଂସ୍କୃତି ଅଧିକାରୀ, ପ୍ରମିଳା ମାଝୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ରାଜ୍ୟ ସଂସାଧନ ବିଶେଷଜ୍ଞ ଈଶ୍ୱର ପାଣିଗ୍ରାହୀ ପୁଙ୍ଖାନୁପଙ୍ଖ ଭାବେ କିଭଳି ସରକାରଙ୍କ ଯୋଜନାକୁ ପଂଚାୟତ ସ୍ତରରେ ପ୍ରଚାର ପ୍ରସାର କରିବେ ସେନେଇ ବିସ୍ତୃତ ଆଲୋଚନା କରିଥିଲେ। ସେହିପରି ସରକାରଙ୍କ ବିଭିନ୍ନ ଯୋଜନା ଉପରେ ଜିଲ୍ଲା ପରିଷଦ ଏପିଡି, ଅର୍ଥ ମାନସ ମିଶ୍ର ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ଶ୍ରମ, କୃଷି, ଶିକ୍ଷା, କ୍ରୀଡା, ମିଶନ ଶକ୍ତି, ସ୍ୱାସ୍ଥ୍ୟ, ଭିନ୍ନକ୍ଷମ ସଶକ୍ତିକରଣ ବିଭାଗର ଅଧିକାରୀ ଉପସ୍ଥିତ ରହି ସରକାରଙ୍କ ବିଭିନ୍ନ ଯୋଜନା ବିଷୟରେ ଉପସ୍ଥାପନ କରିଥିଲେ। କାର୍ଯ୍ୟକ୍ରମକୁ ବିନାଶ ମିଶ୍ର ପରିଚାଳନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୌର ପରିଷଦ ନିର୍ବାହୀ ଅଧିକାରୀ କାହ୍ନୁଚରଣ ପଟ୍ଟନାୟକ, ଜିଲ୍ଲା ଶ୍ରମ ଅଧିକାରୀ ଶରତ ପାଣିଗ୍ରାହୀ, ହରେକୃଷ୍ଣ କୀର୍ତନିଆ ଏବଂ ରଞ୍ଜନ ମହାନ୍ତି ଉପସ୍ଥିତ ଥିଲେ।

## ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ କରିବାକୁ ସରପଂଚଙ୍କ ତାଗିଦ

କୋରେଇ, ୦୬/୦୯ (ନି.ପ୍ର): କୋରେଇ ବ୍ଲକ ଅନ୍ତର୍ଗତ ପାଣିକୋଇଲି ପଞ୍ଚାୟତର ପାଣିକୋଇଲି ଓ ଅଳତିର ଗ୍ରାମକୁ ପାନୀୟ ଜଳ ଯୋଗାଣ ବ୍ୟବସ୍ଥାକୁ ଠିକା ନେଇଥିବା ମେଗା ପ୍ରକଳ୍ପର କର୍ମଚାରୀ ମାନଙ୍କୁ ଶୀଘ୍ର କାର୍ଯ୍ୟ ସାରିବାକୁ ତାଗିଦ କରିଛନ୍ତି ପାଣିକୋଇଲି ସରପଂଚ ପଦ୍ମାବତୀ ପଣ୍ଡା । ପ୍ରକାଶ ଥାଉକି ରାଜ୍ୟ ସରକାରଙ୍କ ବସୁଧା ଯୋଜନାରେ ପ୍ରତି ପଂଚାୟତରେ ପାଇପ ଲାଇନ ମାଧ୍ୟମରେ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ନିମନ୍ତେ ପାଇପଲାଇନ ବିଛା ସରିଥିବା ବେଳେ 'ମେଗା 'ନାମକ ଏକ ଠିକା କମ୍ପାନୀ ପାଣିକୋଇଲି ପଂଚାୟତର ନିର୍ମାଣ ଓ ମରାମତି କାମ ଠିକା ନେଇ ନିଜର ପାଇପ ଲାଇନ ବିଛାଇଥିଲେ । ଫଳରେ 'ମେଗା' ର ପାଇପଲାଇନକୁ ପୋତିବା ସମୟରେ ବସୁଧାର ପାଇପଲାଇନ ଗୁଡିକ କ୍ଷତିଗ୍ରସ୍ତ ହୋଇଥିଲା । ତେବେ ବର୍ତ୍ତମାନ ସୁଦ୍ଧା ମେଗାର ପାଣିଟାଙ୍କି କାର୍ଯ୍ୟ ନିର୍ମାଣାଧିନ ଥିବା ବେଳେ ଏ ସଂକ୍ରାନ୍ତରେ ସରପଂଚଙ୍କ ପରାମର୍ଶ କ୍ରମେ "ମେଗା'ର ଉକ୍ତ ପାଇପଲାଇନରେ ପଂଚାୟତ ତରଫରୁ ୩୦୦ ଘରକୁ ପାଣି ଯୋଗାଯାଉଅଛି । ତେବେ "ମେଗା' ଠିକା ନେବାର ଆଜକୁ ଦେଢ଼ବର୍ଷ ହୋଇଯାଇଥିଲେ ମଧ୍ୟ ଠିକା କମ୍ପାନୀର ଦାୟିତ୍ୱହୀନତା କାରଣରୁ ଉକ୍ତ ଦୁଇଟି ଗ୍ରାମରେ ଆହୁରି ୩୦୦ରୁ ଉର୍ଦ୍ଧ୍ୱ ଘରକୁ ପାଣି ଯୋଗାଯାଇ ପାରିନାହିଁ । ଫଳରେ ଆଜି ସରପଂଚ ପଦ୍ମାବତୀ ପଣ୍ଡା ନାଏବ ସଂପଂଚ ଦେବେନ୍ଦ୍ର କୁମାର ସ୍ୱାଇଁ,ସରପଂଚଙ୍କ ପ୍ରତିନିଧି ଲୋକନାଥ ପଣ୍ଡା ପ୍ରମୁଖ "ମେଗା'ର ସାଇଟ ଇଞ୍ଜିନିୟର ସଂଗ୍ରାମ କୁମାର ସିଂ, ବ୍ରଜସ କୁମାର ଓ ରାଜୁ କୁମାରଙ୍କୁ ପଞ୍ଚାୟତ କାର୍ଯ୍ୟାଳୟକୁ ଡ଼ାକି ଆସନ୍ତା ୧୫ ଦିନ ମଧ୍ୟରେ ପାଣି ପାଉନଥିବା ବାକି ଘର ନିକଟକୁ ପାଇପ ଲାଇନ ବିଛାଇବା କାର୍ଯ୍ୟ ସାରିବାକୁ ତାଗିଦ କରଛନ୍ତି ।

## ଅମୃତ ବଚନ

ନିଜର ଦୁର୍ବଳତା ବିଷୟରେ ଭାବନା କରିବା ଦୁର୍ବଳତାର ପ୍ରତିଷେଧକ ନୁହେଁ। ଶକ୍ତିର ଭାବନା କରିବା ହେଉଛି ତାର ପ୍ରତିଷେଧକ। ନିଜ ମଧ୍ୟରେ ଶକ୍ତି ସର୍ବଦା ପ୍ରସ୍ତୁତ ହୋଇ ରହିଛି ବୋଲି ମାନବକୁ ଶିକ୍ଷା ଦିଅ।

## ଧର୍ମ ବନାମ ଦୁର୍ବଳ ରାଜନୀତି...

ଧର୍ମ, ଜାତି ଇତ୍ୟାଦିକୁ ନେଇ ଭାରତରେ ରାଜନୀତି କରାଯିବା କିଛି ନୂଆକଥା ନୁହେଁ । କିନ୍ତୁ ସମୟ ଅତିବାହିତ ହେବା ସହିତ ଶିକ୍ଷା ଓ ସଭ୍ୟତାରେ ଉନ୍ନତି ଫଳରେ ଏସବୁ ଉପରୁ ରାଜନେତାମାନେ ଯେପରି ନଜର ହଟାଇ ଜନମଙ୍ଗଳ ଉପରେ ଧ୍ୟାନ କେନ୍ଦ୍ରିତ କରି ବିକାଶର ରାଜନୀତି ଉପରେ ଅଧିକ ଗୁରୁତ୍ୱ ଦେବା କଥା, ତାହା ହେବା ପରିବର୍ତ୍ତେ ରାଜନୀତି ଚକର ପହି ପୁଣିଥରେ ସେଇ ମୂଳକୁ ଫେରୁଛି। କହିବାର ତାତ୍ପର୍ଯ୍ୟ– ଗତ ସପ୍ତାହାନ୍ତରେ ତାମିଲନାଡୁରେ ମୁଖ୍ୟମନ୍ତ୍ରୀ ଏମ୍ ଷ୍ଟାଲିନ୍‌ଙ୍କ ପୁତ୍ର ତଥା ତାଙ୍କ କ୍ୟାବିନେଟ୍‌ରେ କ୍ରୀଡ଼ା ମନ୍ତ୍ରୀ ଥିବା ଦ୍ରାବିଡ଼ ନେତା ଉଦୟନିଧି ପୁଣିଥରେ ତାଙ୍କର ସେଇ ମୂଳ ଧର୍ମକୁ ଫେରି ସମଗ୍ର ଦେଶରେ ନିଆଁ ଲଗାଇବା ଭଳି 'ସନାତନ ଧର୍ମ'ର ଉଚ୍ଛେଦ ଉପରେ ମନ୍ତବ୍ୟ ପ୍ରଦାନ କରିଛନ୍ତି। ଦ୍ରାବିଡ଼ ରାଜନୀତି ଯେ ଏହାର ମୂଳ ନୀତିଗୁଡ଼ିକ ଆଡ଼କୁ ମୋଡ଼ ନେଉଛି, ତାହା ବହୁ ଆଗରୁ, ଏମିତିକି ୨୦୧୯ ଲୋକସଭା ନିର୍ବାଚନ ସମୟରେ ଜଣା ପଡ଼ି ଯାଇଥିଲା- ଦ୍ରାବିଡ଼ ମୁନ୍ନେତ୍ର କାଜାଗାମ୍ (ଡିଏମ୍) ଦଳର ମୁଖ୍ୟ ଏମ୍ ଷ୍ଟାଲିନ୍‌ଙ୍କ କଥାବାର୍ତ୍ତା, ଏପରିକି ନିର୍ବାଚନ ନିମନ୍ତେ ତାଙ୍କର ପ୍ରାର୍ଥୀ ମନୋନୟନରୁ ଆଉ ବର୍ତ୍ତମାନ ଏହାକୁ ପ୍ରମାଣିତ କରିଛନ୍ତି ତାଙ୍କ ପୁତ୍ର ଉଦୟନିଧି। ତେବେ ଏଭଳି ଏକ ମନ୍ତବ୍ୟ ବିରୋଧରେ ଜନଅସନ୍ତୋଷ ପ୍ରକାଶ ପାଇବା ଏକ ସ୍ୱାଭାବିକ କଥା ହେବା କିଛି ବିଚିତ୍ର ନୁହେଁ, କାରଣ ଦେଶର ଏହା ଏକ ପ୍ରମୁଖ ଧର୍ମ ଏବଂ ମୋଟ ଜନସଂଖ୍ୟାର ଏକ ବିଲିଅନ୍ତୁ ଅଧିକ ସଂଖ୍ୟକ ଲୋକଙ୍କର ଏହା ଧର୍ମ ହୋଇପାରେ, ଯଦିଓ କେବଳ ରାଜନୀତିକ ଦଳମାନେ ସେମାନଙ୍କର ସ୍ୱାର୍ଥ ପାଇଁ ଏହାକୁ ବ୍ୟବହାର କରୁଛନ୍ତି । ଏକ ସମ୍ମିଳନୀରେ 'ସନାତନ ଧର୍ମକୁ ଉଚ୍ଛେଦ' କରିବାର କଥା କହିବା ଗୋଟିଏ ସଂଖ୍ୟାଗରିଷ୍ଠ ବର୍ଗର ଲୋକମାନଙ୍କ ପାଇଁ ଅପମାନଜନକ । ଏକଥା ସତ ଯେ ଏହି ଯୁବ ରାଜନୀତିକ ଉତ୍ତରାଧିକାରୀ ଯେଉଁମାନେ ଏହି ଧାର୍ମିକ ଦର୍ଶନରେ ବିଶ୍ୱାସ କରୁଛନ୍ତି, ସେମାନଙ୍କର ସମସ୍ତଙ୍କର ସଂହାର କରି ଏହାକୁ ଉଚ୍ଛେଦ କରିବା କଥା କହି ନାହାନ୍ତି। ତେବେ ତାଙ୍କର ଶବ୍ଦଗୁଡ଼ିକ ସମାଲୋଚନା କରିବାର ସୀମାତିକ୍ରାନ୍ତ କରିବା ଭଳି ହୋଇଛି, ଯାହାକୁ ଘୃଣାତ୍ମକ ବକ୍ତବ୍ୟ ବୋଲି କୁହାଯାଇପାରେ। ସନାତନ ଧର୍ମକୁ କିଏ କେଉଁଭଳି ଭାବରେ ବ୍ୟାଖ୍ୟା କରିବ- ଏକ ଗଭୀର ଆଧ୍ୟାତ୍ମିକ ଚିନ୍ତନ ବା ଅଧୁକ ଲୋକଦେଖାଣିଆ ରୀତିନୀତି ପାଳନ କରିବାର ଦିଗ- ତାହା ବ୍ୟକ୍ତିଗତ ଭାବରେ ତାଙ୍କ ଉପରେ ନିର୍ଭର କରେ । ନାସ୍ତିକତା ଉପରେ ଆସ୍ଥା ରଖୁବା ଉଦୟନିଧିଙ୍କର ବ୍ୟକ୍ତିଗତ ଅଧିକାର । ସେ ହୁଏତ ଈଶ୍ୱରଙ୍କ ଉପରେ ବିଶ୍ୱାସ କରି ନପାରନ୍ତି । କିନ୍ତୁ ସର୍ବସାଧାରଣରେ ଏହି ପ୍ରସଙ୍ଗକୁ ଉପସ୍ଥାପନ କରିବା ଏବଂ ତାହା ପୁଣି ରାଜନୀତି ଦୃଷ୍ଟିରୁ ଏକ ଭୁଲ୍ ଶୈଳୀରେ କରିବାକୁ ଯାଇ ଏହି ଧାର୍ମିକ ଦର୍ଶନକୁ ଡେଙ୍ଗୁ, ମ୍ୟାଲେରିଆ ବା କୋଭିଡ୍ ଭଳି ରୋଗଗୁଡ଼ିକ ସହିତ ସମାନ ବୋଲି ଦର୍ଶାଇବା ଦ୍ୱାରା ସେ ନିଜକୁ ଜଣେ ଘୃଣାର ପାତ୍ର ବୋଲି ଦର୍ଶାଇ ନାହାନ୍ତି କି ; ବିଶେଷକରି ଆଜିକାର ଏଇ ଧ୍ରୁବୀକରଣ ସମୟରେ ଅତିରିକ୍ତ ଭାବରେ, ଯେଉଁମାନେ ତାଙ୍କର ଉପରୋକ୍ତ ମନ୍ତବ୍ୟ ଦ୍ୱାରା ଗଭୀର ଆଘାତ ପାଇଛନ୍ତି, ସେମାନେ ଯୁକ୍ତି ଦର୍ଶାଇଛନ୍ତି ଯେ 'ସନାତନ ଧର୍ମ'ର ବିଲୋପ ଯଦି ସତରେ ଘଟାଇବାର ଅଛି, ତା'ହେଲେ ପ୍ରଥମେ ଉଦୟନିଧ ତାଙ୍କୁ ନିଜ ପରିବାରରୁ ଆରମ୍ଭ କରିବା ଉଚିତ । କାରଣ, ତାଙ୍କ ନିଜ ପରିବାର ସମେତ ତାଙ୍କ ରାଜ୍ୟର ଲୋକମାନେ ପ୍ରାୟତଃ ପ୍ରତିଦିନ ଧାର୍ମିକ ଏବଂ ଆଧ୍ୟାତ୍ମିକ ପ୍ରଥା ପରମ୍ପରାଗୁଡ଼ିକର ପାଳନ କରିବା ସଙ୍ଗେ ସଙ୍ଗେ ମନ୍ଦିର ମଧ୍ୟ ଯାଉଛନ୍ତି । ସେମାନଙ୍କ ଦଳର ନେତାମାନଙ୍କର ବ୍ୟକ୍ତିଗତ ଜୀବନମାନଙ୍କରେ ଏତେ ପରିମାଣରେ ବିରୋଧାଭାସମାନ ରହିଛି ଯେ ଡିଏମ୍ ନାସ୍ତିକବାଦର ପ୍ରଚାର କରିବା ନିମନ୍ତେ ଦୋଦୋପାଞ୍ଚ ହେଉଛି ଯାହା ସେମାନଙ୍କ ବ୍ୟକ୍ତିଗତ ବିଶ୍ୱାସ ପ୍ରତି ସମ୍ମାନ ପ୍ରଦର୍ଶନର ଏକ ବିରୋଧାଚରଣ କହିଲେ ଅତ୍ୟୁକ୍ତି ହେବନାହିଁ । ପୁନଶ୍ଚ, ତାମିଲନାଡୁ ଏକ ଜାତିବିହୀନ ସମାଜ ନୁହେଁ (ଯଦିଓ ସାମାଜିକ ନ୍ୟାୟ ପରିସରରେ ଏହା ଢେର ଅଧିକ ସଫଳତା ହାସଲ କରିଛି) । ଏବଂ ସମୟ ଅତିବାହିତ ହେବା ସହିତ କେବଳ ଡିଏମ୍ ନୁହେଁ, ଏଆଇଏଡିଏମରେ ମଧ୍ୟ ଉଭୟ ନାସ୍ତିକବାଦ ଏବଂ ହେତୁବାଦ ଉପରେ ଗୁରୁତ୍ୱ ହ୍ରାସ ପାଇଛି, ପୁଣି ଏତେ ପରିମାଣରେ ଏହା ହୋଇଛି ଯେ ଏବେ ହେଉ ବା କେବେ ହେଉ, ଉଭୟ ଦଳ ବିଜେପି ସହିତ ମେଣ୍ଟ କରିବା ବିଷୟରେ ଭାବିବା ନେଇ ଅନୁତାପ ସୁଦ୍ଧା କରି ନାହାନ୍ତି । ଏହା ବାଦ୍ ଆଜିକା ସମୟର ଦ୍ରାବିଡ଼ ନେତାମାନେ (ଏବଂ ସେମାନଙ୍କର ପରିବାରବର୍ଗ) ବିଭିନ୍ନ ପ୍ରକାରର ଧାର୍ମିକ ରୀତିନୀତିକୁ ଖୁବ୍ ଧୁମ୍‌ଧାମ୍‌ରେ ପାଳନ କରୁଛନ୍ତି, ଯାହା ଦ୍ରାବିଡ଼ ଆନ୍ଦୋଳନର ପୁରୋଧା ପେରିୟାରଙ୍କ ନୀତିର ସମ୍ପୂର୍ଣ୍ଣ ବିରୋଧାଚରଣ। ଏଥିରେ ଦ୍ୱିମତ ନାହିଁ ଯେ ସମଗ୍ର ଭାରତ ଯେତେବେଳେ ଧାର୍ମିକ ରାଜନୀତି, ସାଂଗଠନିକ ଦୁର୍ନୀତି ଏବଂ ବଂଶବାଦ ରାଜନୀତି ଦେଇ ଏବେ ସୁଦ୍ଧା ଗତି କରୁଛି, ସେତେବେଳେ ତାମିଲନାଡୁ ରାଜନୀତି ଏଥିରୁ ମୁକ୍ତ ରହିବା କ୍ୱଚିତ୍ ସମ୍ଭବପର। ତେବେ ଏକଥା ସ୍ପଷ୍ଟ ଭାବରେ ଜଣାପଡ଼େ ନାହିଁ କି ୧୯୬୦ ଏବଂ ୧୯୭୦ ଦଶକରେ ଯେଉଁଭଳି ଭାବରେ ପେରିୟାରବାଦୀମାନଙ୍କ ସନାତନ ଧର୍ମ ବିରୋଧୀ ଭାବଧାରା ତାମିଲନାଡୁରେ ପ୍ରଭାବ ବିସ୍ତାର କରିଥିଲା, ତାହା ଆଜିକା ସମୟରେ କେଉଁଭଳି ଭାବରେ ଆଦୃତ ହେବ, ବିଶେଷକରି ଏହି ରାଜ୍ୟ ଯେତେବେଳେ ଆଧୁନିକ ସମୟରେ ସାମାଜିକ ଏବଂ ଆର୍ଥିକ ପ୍ରଗତିକୁ ପରିଲକ୍ଷିତ କରିଛି ! କିନ୍ତୁ ଯାହା ସ୍ପଷ୍ଟ, ତାହା ହେଉଛି- ଡିଏମ୍ ଏହି ପ୍ରସଙ୍ଗରେ ଏକ କଠୋର ନୀତି ଆପଣାଇବାକୁ ସ୍ଥିର କରିଛି ଏବଂ ଏହା ଧାର୍ମିକ ଭାଇଚାରା ପ୍ରତି ଅବଶ୍ୟ କ୍ଷତି ପହଞ୍ଚାଇବ। ଆଉ ଏଇ ଦୃଷ୍ଟିରୁ ଏହା ଏକ ଦୁର୍ବଳ ରାଜନୀତି ବୋଲି କୁହାଯାଇପାରେ।

## ଇଣ୍ଡିଆ ମେଣ୍ଟ ପାଇଁ ଦିଲ୍ଲୀ ଏବେବି ଦୂରରେ



**ଗୋପାଳ ମହାପାତ୍ର**

> ଭାରତୀୟ ରାଜନୀତିର ସଫଳ ନିର୍ବାଚନୀ ଅଭିଯାନ ମୁଖ୍ୟତଃ ୩ଟି କଥା ଉପରେ ନିର୍ଭର କରିଥାଏ। ସେଗୁଡିକ ହେଉଛି ଗଣମାଧ୍ୟମରେ ଚର୍ଚ୍ଚା, ନିର୍ବାଚନୀ ଯୋଜନା ଏବଂ ପ୍ରଶାସନିକ ଏଜେଣ୍ଡା। ମୁମ୍ବାଇ ବୈଠକରେ ନିର୍ବାଚନୀ ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଥିଲା ଓ ମୋଟାମୋଟି ମିଳିତ ଭାବେ ନିର୍ବାଚନ ଲଢିବା ଉପରେ ସହମତି ପ୍ରକାଶ ପାଇଥିଲା।

କେନ୍ଦ୍ର ସରକାର ସଂସଦର ବିଶେଷ ଅଧିବେଶନ ଡାକିବା ପରେ ରାଜନୈତିକ ପାଣିପାଗ ସରଗରମ ହୋଇ ଉଠିଛି। ଅନେକଙ୍କ ମତରେ ଲୋକସଭା ନିର୍ବାଚନ ନିର୍ଦ୍ଧାରିତ ସମୟ ଅବଧି ପୂର୍ବରୁ କରାଯିବାର ସମ୍ଭାବନା ରହିଛି। ଏତଦ୍‌ବ୍ୟତୀତ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦଙ୍କ ନେତୃତ୍ୱରେ ଏକ କମିଟି ଗଠନ କରାଯାଇଛି। ଏହି କମିଟି 'ଏକ ଦେଶ-ଏକ ନିର୍ବାଚନ' ପ୍ରସଙ୍ଗରେ ଅଧ୍ୟୟନ କରିବେ। ଏହି ପୃଷ୍ଠଭୂମିରେ ବିରୋଧି ଦଳଙ୍କ 'ଇଣ୍ଡିଆ' ମେଣ୍ଟର ଦୁଇଦିନିଆ ବୈଠକ ମୁମ୍ବାଇ ଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ୨୦୨୪ ଲୋକସଭା ନିର୍ବାଚନ ମିଳିତ ଭାବେ ଲଢିବେ ଓ ରାଜ୍ୟରେ ଆସନ ବଣ୍ଟନ ମଧ୍ୟ କରାଯିବ। ଇଣ୍ଡିଆ ମେଣ୍ଟର ଏକ ୧୪ ଜଣିଆ ସମନ୍ୱୟ କମିଟି ଗଠନ କରାଯାଇଛି। ମେଣ୍ଟର ଉଚ୍ଚତମ ନିର୍ଣ୍ଣାୟକ ଭାବେ ଏହି କମିଟି କାର୍ଯ୍ୟ କରିବ ଏବଂ ବିଭିନ୍ନ ଦଳ ମଧ୍ୟରେ ଆସନ ବୁଝାମଣା ସମ୍ପର୍କରେ କମିଟି ଫର୍ମୁଲା ପ୍ରସ୍ତୁତ କରିବ। ଇଣ୍ଡିଆ ମେଣ୍ଟର ନେତା ମାନଙ୍କ ମତ ଅନୁସାରେ ଦେଶର ସମୁଦାୟ ଜନସଂଖ୍ୟାର ୬୦ ପ୍ରତିଶତ ଜନସଂଖ୍ୟାର ପ୍ରତିନିଧିତ୍ୱ ଏହି ମେଣ୍ଟ କରୁଛି ଓ ଯଦି ଏମାନେ ଏକଜୁଟ ହୋଇ ନିର୍ବାଚନ ଲଢିବେ ତେବେ ସହଜରେ କେନ୍ଦ୍ରର ବିଜେପି ସରକାରକୁ ହଟାଇ ଦେଇ ପାରିବେ। ଇଣ୍ଡିଆ ମେଣ୍ଟର ଏହି ୩ୟ ବୈଠକରେ ୨୮ଟି ରାଜନୈତିକ ଦଳର ୬୩ ଜଣ ପ୍ରତିନିଧି ଅଂଶଗ୍ରହଣ କରିଥିଲେ ଏବଂ 'ଜୋଡ଼େଗା ଭାରତ – ଜିତିବ ଇଣ୍ଡିଆ' ସ୍ଲୋଗାନ ଦେଇ ମେଣ୍ଟର କାର୍ଯ୍ୟକ୍ରମ ଖୁବ୍ ଶୀଘ୍ର ପ୍ରସ୍ତୁତ କରାଯିବ ବୋଲି କହିଥିଲେ।

ଭାରତୀୟ ରାଜନୀତିର ସଫଳ ନିର୍ବାଚନୀ ଅଭିଯାନ ମୁଖ୍ୟତଃ ୩ଟି କଥା ଉପରେ ନିର୍ଭର କରିଥାଏ। ସେଗୁଡିକ ହେଉଛି ଗଣମାଧ୍ୟମରେ ଚର୍ଚ୍ଚା, ନିର୍ବାଚନୀ ଯୋଜନା ଏବଂ ପ୍ରଶାସନିକ ଏଜେଣ୍ଡା। ମୁମ୍ବାଇ ବୈଠକରେ ନିର୍ବାଚନୀ ଯୋଜନା ଉପରେ ଗୁରୁତ୍ୱ ଦିଆଯାଇଥିଲା ଓ ମୋଟାମୋଟି ମିଳିତ ଭାବେ ନିର୍ବାଚନ ଲଢିବା ଉପରେ ସହମତି ପ୍ରକାଶ ପାଇଥିଲା। କିନ୍ତୁ ଏସବୁ ପରେ ବିଜେପି ନେତୃତ୍ୱାଧିନ ଏନଡିଏ ମେଣ୍ଟର ବିକଳ୍ପ ହେବାପାଇଁ ଇଣ୍ଡିଆ ମେଣ୍ଟକୁ ନାକେଦମ ହେବାକୁ ପଡିବ। ଅନ୍ୟ ପକ୍ଷରେ ରାଜନୀତିରେ ସବୁ ସମ୍ଭବ ବୋଲି ଅନେକଙ୍କ ମତ। ଏକଥା ନିଶ୍ଚିତ ଯେ ୨୮ ଦଳିଆ ଇଣ୍ଡିଆ ମେଣ୍ଟର ମୁମ୍ବାଇ ଅଧିବେଶନ ମେଣ୍ଟକୁ ଆଉ ପାଦେ ଆଗେଇ ନେଇଛି। ଯେଉଁ ଦୁଇଟି କମିଟି ଗଠନ କରାଯାଇଛି ସେଥିରେ ତାମିଲନାଡୁ ମୁଖ୍ୟମନ୍ତ୍ରୀ ଏମ୍‌କେ ଷ୍ଟାଲିନ ଓ ଝାରଖଣ୍ଡ ମୁଖ୍ୟମନ୍ତ୍ରୀ ହେମନ୍ତ ସୋରେନ ଏବଂ ଅନୁଭବୀ ରାଜନେତା ଶରଦ ପାୱାର ଅଛନ୍ତି। କମିଟିରେ କଂଗ୍ରେସକୁ ପ୍ରତିନିଧିତ୍ୱ କରୁଛନ୍ତି କେସି ବେଣୁଗୋପଳ। ଜଣା ପଡୁଛି ଏନଡିଏ ମେଣ୍ଟ ଶାସକ ବିଜେପିକୁ ନିର୍ବାଚନରେ କଡା ଭାବେ ମୁକାବିଲା କରିବା ସ୍ଥିତିରେ ପହଞ୍ଚି ଯାଇଛି। ଏତେ ସବୁ ପରେ ମଧ୍ୟ ଏକଥା କହିବା ଭୁଲ ନୁହେଁ ଯେ ଇଣ୍ଡିଆ ମେଣ୍ଟ ଏବେ ଏବେ ଗଠନ ହୋଇଛି ଓ ଆଗକୁ ମେଣ୍ଟ ପାଇଁ ଅନେକ ଚାଲେଞ୍ଜ ରହିଛି। ଏନ୍‌ଡିଏର ନିର୍ବାଚନ ଅଭିଯାନକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପରିଚାଳନା କରିବେ ଓ ଜିତିବାକୁ ହେଲେ ଇଣ୍ଡିଆ ମେଣ୍ଟକୁ ଏନଡିଏର ଚକ୍ରବ୍ୟୁହକୁ ଭେଦ କରିବାକୁ ପଡିବ। ବିଜେପିର ଏଜେଣ୍ଡା ମଧ୍ୟ ସ୍ପଷ୍ଟ। ପ୍ରଧାନମନ୍ତ୍ରୀ ପଦ ପାଇଁ ମୋଦୀ ହିଁ ପ୍ରାର୍ଥୀ ହେବେ ଓ ଦଳ ତାକୁ ଜଣେ ମଜଭୁତ ନେତା ଭାବେ ଉପସ୍ଥାପନ କରିବ। ଏତଦ୍‌ବ୍ୟତୀତ ସମାନ ନାଗରିକ ସଂହିତା ଓ ଲଭ ଜିହାଦ ଭଳି ପ୍ରସଙ୍ଗକୁ ଲୋକଙ୍କ ପାଖକୁ ନେବ ବିଜେପି। ଏଭଳି କରି ମୂଳ ହିନ୍ଦୁତ୍ୱ ଆଧାରକୁ ଦଳ ଗୁରୁତ୍ୱ ଦେଉଛି ବୋଲି ଲୋକଙ୍କୁ ବୁଝାଇ ପାରିବ। ଯଦିଓ ଦରଦାମ ବୃଦ୍ଧି, ବେରୋଜଗାରୀ ଭଳି ପ୍ରସଙ୍ଗକୁ ନେଇ ଦେଶର ଜନସାଧାରଣ ସରକାର ଉପରେ ଅସନ୍ତୁଷ୍ଟ ତଥାପି ବିଜେପିର ଏଜେଣ୍ଡା କାମ କରିବ ବୋଲି ବିଜେପି ଆଶା ବାନ୍ଧିଛି। କିନ୍ତୁ ଗୋଟିଏ କଥା ସ୍ପଷ୍ଟ ଯେ ବିଜେପି ୨୦୧୪ର ସ୍ଲୋଗାନ 'ସବ୍‌କା ସାଥ – ସବ୍‌କା ବିକାଶ' ଓ ପ୍ରତି ବର୍ଷ ୨ କୋଟି ରୋଜଗାର ଦେବା କଥାକୁ ଦୋହରାଇ ପାରିବନି। ଏପରିକି ୨୦୧୯ର ସର୍ଜିକାଲ ଷ୍ଟ୍ରାଇକ୍ ଭଳି ରାଷ୍ଟ୍ରବାଦ କଥା ମଧ୍ୟ ଦୋହରାଇ ପାରିବନି। କିନ୍ତୁ ବିଜେପିର ୯ ବର୍ଷ ଶାସନ କାଳ ପରେ ମଧ୍ୟ ଶାସକ ବିରୋଧି ଆନ୍ତଃଲହର ଦେଖାଯାଉନାହିଁ। ଏଣୁ ଧାର୍ଯ୍ୟ ସମୟ ପୂର୍ବରୁ ନିର୍ବାଚନ କରାଯାଇପାରେ ବୋଲି ଆଶା କରାଯାଉଛି। ମୋଦୀ ସରକାର ଉପରେ ଅସନ୍ତୁଷ୍ଟ ହୋଇ ମଧ୍ୟ ଦେବାର ଜନସାଧାରଣ ଇଣ୍ଡିଆ ମେଣ୍ଟକୁ ଯେ ଏକତରଫା ଭାବେ ସମର୍ଥନ କରିଯିବେ ସେ କଥାରେ ମଧ୍ୟ ଗ୍ୟାରେଣ୍ଟି ନାହିଁ। ବିଜେପି ରାଷ୍ଟ୍ରବାଦ ଓ ହିନ୍ଦୁତ୍ୱ ବିଚାରଧାରାକୁ ଆପଣେଇ ନେଇଛି। ବିରୋଧି କିନ୍ତୁ ଏପର୍ଯ୍ୟନ୍ତ ବିକଳ୍ପ ଏଜେଣ୍ଡା ପ୍ରସ୍ତୁତ କରିପାରି ନାହାନ୍ତି। କଂଗ୍ରେସ ମୋଦୀ ସରକାର ବିରୁଦ୍ଧରେ ଅନେକ ଅଭିଯୋଗ ଆଣୁଛି ହେଲେ ସେ କଥାରୁ ରାଜନୈତିକ ଫାଇଦା ଉଠାଇ ପାରୁନାହିଁ। କଂଗ୍ରେସ ହେଉଛି ଇଣ୍ଡିଆ ମେଣ୍ଟର ଅଘୋଷିତ ନେତା। କଂଗ୍ରେସ ପ୍ରଶାସନିକ ଏଜେଣ୍ଡା ପ୍ରସ୍ତୁତ କରିପାରନ୍ତା କିନ୍ତୁ କଂଗ୍ରେସ ପାଇଁ ସମସ୍ୟା ହେଉଛି ୨୦୦୪ ଓ ୨୦୦୯ ଭଳି ସ୍ଥିତି ତାର ନାହିଁ। ସବୁଠୁ ବଡ କଥା ହେଉଛି ଦେଶର ମଧ୍ୟମ ବର୍ଗଙ୍କ ସମର୍ଥନ ବିନା ନିର୍ବାଚନରେ ଜିତିବା ସହଜ ନୁହେଁ। ଅନ୍ୟ ପକ୍ଷରେ କଂଗ୍ରେସର ଭୂମିକା କ'ଣ ହେବ ସେ ନେଇ ସଠିକ୍ ଭାବେ ଜଣା ପଡୁନାହିଁ। କଂଗ୍ରେସର ସାରା ଦେଶରେ ସଂଗଠନ ରହିଛି। ଅନେକ ଆଞ୍ଚଳିକ ଦଳ କଂଗ୍ରେସକୁ ଶିଡି ବନାଇ ନିଜର ପ୍ରଭାବ ବିସ୍ତାର କରିଛନ୍ତି। ଏଣୁ ୨୮ ଦଳ ମଧ୍ୟରେ ସମନ୍ୱୟ ରକ୍ଷା ଏକ ସହଜ ସାଧ୍ୟ ବ୍ୟାପାର ନୁହେଁ। ଏକଥା ସତ୍ୟ ଯେ ମୁମ୍ବାଇ ବୈଠକରେ ମିଳିତ ଭାବେ ନିର୍ବାଚନ ଲଢିବା ପାଇଁ ସହମତି ପ୍ରକାଶ ପାଇଛି। କିନ୍ତୁ ମେଣ୍ଟ ପାଇଁ ଅନେକ କିଛି କିରବାକୁ ରହିଯାଇଛି। ଯଦି ମେଣ୍ଟର ସବୁ ଠିକ୍ ଠାକ୍ ଚାଲେ ତେବେ ଆସନ୍ତା ଲୋକସଭା ନିର୍ବାଚନରେ କଡା ମୁକାବିଲା ଦେଖିବାକୁ ମିଳିବ।


+ରାମଚନ୍ଦ୍ରପୁର
ରଣପୁର
ମୋ- ୯୪୩୮୪୮୫୦୯୪


## ରୂପାନ୍ତରିତ ଓଡ଼ିଶାର ରୂପରେଖ- ଓଡ଼ିଆଙ୍କ ଉପରେ ଅଣଓଡିଆଙ୍କ ପ୍ରଭାବ/ପ୍ରକୋପ



**ପଙ୍କଜ କୁମାର ପାଣିଗ୍ରାହୀ**

> ଓଡ଼ିଆ ଶାସ୍ତ୍ରୀୟ ନୀତି ଅନୁଯାଇ ବୈଶାଖ ଆରମ୍ଭ ଓଡ଼ିଆ ନବବର୍ଷ ଭାବେ ପାଳିତ ହେଉଥିଲା ପୂର୍ବରୁ ଯାହା ଆଜି ସମ୍ପୂର୍ଣ୍ଣ ଭାବେ ଓଡ଼ିଆଙ୍କ ମନରୁ ଉଭାନ ହୋଇଯାଇ ଦକ୍ଷିଣ ଭାରତର ମକର ସଂକ୍ରାନ୍ତିକୁ ଓଡ଼ିଆ ନବବର୍ଷର ମାନ୍ୟତା, ଗ୍ରହଣୀୟତା ଏକ ବ୍ୟାପକ କଠିନ ଅସମୀଚୀନ ବ୍ୟାପାର ।

ଓଡ଼ିଆ ଶାସକଙ୍କ ଦକ୍ଷତାର ପ୍ରକୋପରେ ଇଂରେଜ ସର୍ବଶେଷରେ

ଓଡ଼ିଶାରେ ପ୍ରବେଶ କରିଥିବା ଏବଂ ଅନ୍ୟାନ୍ୟ ରାଜ୍ୟ ଗୁଡିକ ତୁଳନାରେ

ଖୁବ୍ କମ୍ କାୟା ବିସ୍ତାର କରିଥିବା ଓଡ଼ିଶାର ରୂପରେଖ ଆଜି କ'ଣ ?!

କିଛି କହିବା ଆବଶ୍ୟକ ନୁହେଁ ଯେ ଆମ ପୂର୍ବଜ କିଭଳି ଥିଲେ, ଏବଂ ସେମାନଙ୍କ ଜାତୀୟତାଭାବ କେଉଁ ସ୍ତରରେ ରହିଥିଲା ! ନିଜକୁ ନିଜେ ପଚାରି ବୁଝିବା ଏବଂ ବୁଝି ନପାରିଲେ ଯେ କାହାକୁ ପଚାରି ଜାଣିବା ପାଇଁ ଛାଡି ଦିଆଗଲା ସେମାନଙ୍କୁ ଯେଉଁମାନେ ଆଜି ଆମ ପୂର୍ବଜଙ୍କ ସ୍ମୃତିକୁ ନଷ୍ଟ କରି କେବଳ ଅନ୍ଧ ଭଳି ମାତିଛନ୍ତି ବିଭିନ୍ନ ପାଶ୍ଚାତ୍ୟ ତଥା ଅନ୍ୟାନ୍ୟ ସମ୍ପ୍ରଦାୟର ମଣିଷଙ୍କ ସହିତ ଯାହା ଆମକୁ କେଉଁ ସ୍ତରରେ ଆଣି ପହଂଚଇଲାଣି ହୁଏତ ଖୁବ୍ ଅନୁମାନ କରି ହେଉଥିବ ସ୍ୱାର୍ଥାନ୍ଧଙ୍କର।

ଆମେ ନିଜେ କେମିତି ଆମ ସଂସ୍କୃତିକୁ ଭ୍ରଷ୍ଟ କରିଚାଲିଛେ ଏବଂ ବାହ୍ୟ ପ୍ରଭାବରେ ସତ୍ୟକୁ ମିଥ୍ୟା, ମିଥ୍ୟକୁ ସତ୍ୟ ବୋଲି ଗ୍ରହଣ କରିବା ସହିତ ଆମ ପୂର୍ବଜଙ୍କ ସଂସ୍କୃତିକୁ ପରିବର୍ତ୍ତନ କରି ଅପଭ୍ରଂଶ କରିଚାଲିଥିବା ଆମ ଓଡ଼ିଆଙ୍କ ପୂର୍ବ ସ୍ମୃତି ଏବଂ ଉପସ୍ଥିତ ସମୟର ଗ୍ରହଣୀୟତାର କେତେକ ଉଦାହରଣ ନେଇ ତର୍ଜମା କଲେ ଜାଣିହେବ ଯେ ଆମେ କିଏ, କ'ଣ କରୁଥିଲେ, କ'ଣ କରିବା କଥା ଆଉ କରୁଛେ କ'ଣ...??!!

୧. ହିନ୍ଦୁ ସମ୍ପ୍ରଦାୟ ଆର୍ଯ୍ୟ ସମାଜର ପ୍ରଥମ ପୂଜ୍ୟପୂଜା ମାତା ସରସ୍ୱତୀଙ୍କ ଦୈନନ୍ଦିନ ବନ୍ଦନା ସହିତ ଶ୍ରୀପଞ୍ଚମୀ ପାଳନ ଦୀର୍ଘ ତିନିଦିନ ଧରି ବିଦ୍ୟାଳୟ ଗୁଡିକରେ ମହାଡ଼ମ୍ବରରେ ଚାଲୁଥିଲା ଯେଉଁଠି ଗଣେଶ ଚତୁର୍ଥୀ ପୂଜା ଉପରେ ସେତିକି ପ୍ରାଧାନ୍ୟତା ନଥିଲା ସେହି ସମୟରେ ଯାହାର ରୂପରେଖ ଆଜି ସମ୍ପୂର୍ଣ୍ଣ ଓଲଟା ସ୍ତରରେ ପହଂଚିଛି କେବଳ ମହାରାଷ୍ଟ୍ର/ବଲିଉଡର ପ୍ରଭାବ କାରଣରୁ ।

୨. ଗହ୍ମାପୂର୍ଣ୍ଣମାରେ ଗୋମାତାଙ୍କ ପୂଜା ହେଉଥିଲା ଏବଂ ଗହ୍ମାରେ ମଣ୍ଡା ପିଠା ସହିତ ଅନ୍ୟାନ୍ୟ ପିଠାପଣାର ସମାରୋହ ଆଜି କିଛି ଛେନା ମିଠା, ଲଡୁ ସହିତ ହାତରେ ସୂତା ଖଣ୍ଡେ ପରିଧାନ କରି ଭାଇ ଭଉଣୀର ରକ୍ଷା ବନ୍ଧନରେ ପରିଣତ କେବଳ ମହାରାଷ୍ଟ୍ରର ପରମ୍ପରାକୁ ମର୍ଯ୍ୟାଦା ଦେବାପାଇଁ ଯେଉଁଠି ଆମ ପରମ୍ପରା ଆଉ ଦିଶୁନାହିଁ କହିଲେ ଅତ୍ୟୁକ୍ତି ହେବ ନାହିଁ ।

୩. ଆର୍ଯ୍ୟ ପରମ୍ପରାର ରାଧା କୃଷ୍ଣ ପୂଜା ସହିତ ଶ୍ରୀରାମ, ଜଗନ୍ନାଥ ସଂସ୍କୃତିକୁ ସାଧାରଣ ସ୍ତରରେ ରଖି ବୋଲ୍ ବମ୍ ବୋଲି କାହିଁ ଅଜଣା ରାଇଜର ଅକୁହା କଥାକୁ ଦୀର୍ଘ ଏକ ମାସ ପର୍ଯ୍ୟନ୍ତ ପାଳନ କରିବାରେ କୌଣସି ଦ୍ୱିଧା ନାହିଁ ଆମର ଯଦ୍ୱାରା କୋଟି କୋଟି ଟଙ୍କାର ଅର୍ଥ ଶ୍ରାଦ୍ଧ କରାଯାଇଥାଏ କେବଳ ଗୁଜରାଟକୁ ସମ୍ମାନ ଦେବାପାଇଁ ।

୪. ଶ୍ରୀ ଚୈତନ୍ୟ, ବିବେକାନନ୍ଦ, ବୁଦ୍ଧଦେବଙ୍କ ମହାନତା ଆଗରେ କେଉଁ ବ୍ୟାପକ ପ୍ରତିଭାର ପ୍ରସ୍ଫୁଟିତ ହୁଏ ଆତ୍ମା ଭଗବାନ କିମ୍ବା ଆୟାପ୍ପା ସ୍ୱାମୀଙ୍କର ବୁଝିଥିବେ ସେମାନେ କେବଳ ଯିଏ ତାହା ସହିତ ସଂଲଗ୍ନ ହୋଇ ରହିଛନ୍ତି । କେବଳ ତାମିଲନାଡୁ ଏବଂ କେରଳର ସମ୍ମାନ କାରଣରୁ ହୋଇଥାଇପାରେ ବୋଲି ଆମର ଅନୁମାନ ।

୫. ହିନ୍ଦୁ ଆର୍ଯ୍ୟ ସମାଜର ସମସ୍ତ ଠାକୁରଙ୍କ ମହିମା ଆଗରେ କେଉଁ ଆଧାରରେ ତଥା କଥିତ ଆନ୍ଧ୍ରର ସାଇବାବା କିମ୍ବା ମହାରାଷ୍ଟ୍ରର ସାଇବାବା ଅତିକ୍ରମ କରିଯାଇଛନ୍ତି ହୁଏତ ଅଧିକ ଜ୍ଞାନ ରହିଥିବ ସେମାନଙ୍କର ଯେଉଁମାନେ ତାଙ୍କ ସହିତ ଯୋଡିହୋଇ ରହିଛନ୍ତି । ଆମକୁ ଅଧିକ କିଛି ବୁଝୁନାହିଁ କେବଳ ହୁଏତ ଆନ୍ଧ୍ର ଏବଂ ମହାରଷ୍ଟ୍ରକୁ ସମ୍ମାନ ଦେବାପାଇଁ ଆମେ ଏମିତି କରୁଥିବା ବୋଲି ଭାବିବା ବ୍ୟତୀତ।

୬. କିଛି ବର୍ଷ ପୂର୍ବେ ସଂକ୍ରାନ୍ତି, ମାସନ୍ତ ଭଳି ଦିନ ଗୁଡ଼ିକୁ ବିଷ୍ଟି ବେଳା ବୋଲି କହୁଥିବା ଓଡ଼ିଆଙ୍କ ପାଇଁ ସଂକ୍ରାନ୍ତି, ମାସାନ୍ତ ଆଜି ଶୁଭଦିନରେ ପରିଣତ କେବଳ ଦକ୍ଷିଣ ଭାରତୀୟଙ୍କୁ ସମ୍ମାନ ଦେବାପାଇଁ ନା ଆଉ କିଛି ରହସ୍ୟ ରହିଛି ତନ୍ମଧ୍ୟରେ ବିଚାର ଯୋଗ୍ୟ ।

୭. କାର୍ତ୍ତିକ ସୋମବାର ଏବଂ ମାର୍ଗଶିର ଗୁରୁବାର ଦକ୍ଷିଣ ଭାରତରେ ପାଳିତ ହେଉନଥିବା ବେଳେ ଓଡ଼ିଆଙ୍କ ଶିବ ଓ ମହାଲକ୍ଷ୍ମୀଙ୍କର କେଉଁ ଭୁଲ ହେତୁ ସେହି ଦିନ ଗୁଡିକ ବିଦ୍ୟାଳୟ ଛୁଟି ତାଲିକାରୁ ବାଦ ଦିଆଗଲା ଯାହା କିଛି ବର୍ଷ ପୂର୍ବେ ରହିଥିବା ସମସ୍ତେ ଜାଣନ୍ତି । ତାହା ହୁଏତ ଦକ୍ଷିଣ ଭାରତୀୟଙ୍କୁ ସମ୍ମାନ ପ୍ରଦର୍ଶନ କରିବା ପାଇଁ ହୋଇଥାଇ ପାରେ ବୋଲି ଅନୁମାନ ହୁଏ ଆମର ।

୮. ଓଡ଼ିଆ ଶାସ୍ତ୍ରୀୟ ନୀତି ଅନୁଯାଇ ବୈଶାଖ ଆରମ୍ଭ ଓଡ଼ିଆ ନବବର୍ଷ ଭାବେ ପାଳିତ ହେଉଥିଲା ପୂର୍ବରୁ ଯାହା ଆଜି ସମ୍ପୂର୍ଣ୍ଣ ଭାବେ ଓଡ଼ିଆଙ୍କ ମନରୁ ଉଭାନ ହୋଇଯାଇ ଦକ୍ଷିଣ ଭାରତର ମକର ସଂକ୍ରାନ୍ତିକୁ ଓଡ଼ିଆ ନବବର୍ଷର ମାନ୍ୟତା, ଗ୍ରହଣୀୟତା ଏକ ବ୍ୟାପକ କଠିନ ଅସମୀଚୀନ ବ୍ୟାପାର । ଏହି ସାଙ୍ଘାତିକ ପଥଭ୍ରଷ୍ଟ ଅନୈତିକ ବିଚାର ଉପରେ କୌଣସି ମନ୍ତବ୍ୟ ରଖିବା ଏକ ଅସାଧାରଣ, ଅବ୍ୟକ୍ତ ବିଷୟ ଯାହା ଆଜି ସମୟରେ ସମସ୍ତ ଓଡ଼ିଆଙ୍କ ମନ ମାନସରେ ଆନ୍ଦୋଳିତ ହେଉଛି ଯିଏ ତାହା ବୁଝିଛନ୍ତି ।

୦୯. ବାହାଘର ମେହେନ୍ଦି ଠାରୁ ଆରମ୍ଭ କରି ଜନ୍ମଦିନର କେକ୍ କାଟି ମହାମବତୀକୁ ଫୁଙ୍କି ଲିଭାଇବା ଭଳି ଆର୍ଯ୍ୟ ସଂସ୍କୃତିର ବ୍ୟାପକ ଅଗ୍ରହଣୀୟ କାର୍ଯ୍ୟ କରୁଥିବା ଓଡ଼ିଆଙ୍କ ଅଣଓଡିଆଙ୍କ ପ୍ରତି ସୃଷ୍ଟି ହେଉଥିବା ମାନ୍ୟତାର ସୀମା ନାହିଁ ଯାହା କାହାର ସଂସ୍କାର ଚେତନା ମଧ୍ୟରେ ରହିନଥିବା ଆଜିର ଦୃଶ୍ୟ, ସମସ୍ତେ ଜାଣୁଛନ୍ତି / କରୁଛନ୍ତି ମଧ୍ୟ ।

୧୦. ଦକ୍ଷିଣ ଭାରତୀୟ ତଥା ଦ୍ରାବିଡୀୟ ସଂସ୍କୃତିକୁ ଅନୁକରଣ କରି ମୃତ୍ୟୁ କାଳୀନ ମଦ୍ୟପାନ କରିବା ଠାରୁ ଆରମ୍ଭ କରି ଆହୁରି ଅନେକ ଅନାର୍ଯ୍ୟ କାର୍ଯ୍ୟ କରିବାରେ ଓଡ଼ିଆଙ୍କ କୌଣସି ଦୁବିଧା ରହୁନାହିଁ କିମ୍ବା କାହାର କୌଣସି ଆପତ୍ତି ଅଭିଯୋଗ ନଥାଇ ବରଂ ସମସ୍ତେ ଗୋଟିଏ ପଥର ବାଟୋଇ ଭଳି ଆଚରଣ କରିବାରେ କାହାର ଭୂମିକା ରହିଛି ବିଚାର ଯୋଗ୍ୟ ନିଶ୍ଚିତ !


ସୋସିଆଲ ଫୋରମ (ଭାରତ)
ଛତ୍ରପୁର, ଗଞ୍ଜାମ-୭୬୧୦୨୦
ମୋ: ୯୪୩୭୩୨୪୯୧୭





### ଅପ୍ରେମ

**ଡ. ଦୀପକ କୁମାର ମିଶ୍ର**



ତୁମେ କାଳେ ଛୁଇଁଦେଲେ
ଫୁଟି ଉଠେ କଢ଼
ଚାହିଁଦେଲେ ବର୍ଷିଯାଏ
ଆକାଶରୁ ମେଘ
ମୁଁ କିନ୍ତୁ କାହିଁକି ଯେ
ତୁମ ସାଥେ ନିରସ ଆଜନ୍ମ ।

ଆଦ୍ୟ ଆଷାଢ଼ରୁ ଶେଷ ଶ୍ରାବଣ
ଭିଜେ ନାହିଁ ଦେହ
ଅଙ୍କୁରିତ ହୁଏ ନାହିଁ ମନ
ଅବତୁରା ହୃଦୟରେ ଖାଲି
ପିଟିହୁଏ ବର୍ଷାହୀନ
ବଜ୍ର ଘନଘନ ।

ନିର୍ଜୀବ ଆକାଶ ମେଘରେ ମେଦୁର
ମୋ ହୃଦୟ ଆକାଶ ଶୂନ୍ୟ,
କାହିଁ ଯେ ବର୍ଷା
କାହିଁ ତୁମ ପ୍ରେମ ।


+ ଭୁବନେଶ୍ୱର
ମୋ: ୮୨୮୦୨୧୧୦୦୦


### ପ୍ରିୟତମା

**ବର୍ଷାରାଣୀ ମହାମଲ୍ଲିକ**



ଅଜଣା ଅଚିହ୍ନା ରୂପ ରାଇଜର ରାଜକୁମାର
ଓଲ୍ଲାହି ଆସିଛି ସନ୍ଧାନରେ ପ୍ରିୟତମାର..
ସତେ ଯେମିତି କେଉଁ ଉପବନେ ଫୁଟିଛି ତାର ପ୍ରେୟସୀ
ତୋଳି ନେଇଯିବ ଚୁପି ଚୁପି ଅନାୟାସେ ଆସି।
ଫୁଟିଛି ନାହିଁ ଯେ ଚହଟୁଛି ବାସ ପ୍ରିୟାର
ସେହି ବାସେ ମତ୍ତ ପ୍ରିୟ ଆଜି ଭ୍ରମର ପ୍ରକାର..
ସଙ୍ଗେ ଆଣିଛି ପାରିଜାତ, ଉପହାର କରି
ଫୁଲ କୁ ତୋଷିବ ଫୁଲ ହାତେ ତାର ଦେଇ..
ପାରିଜାତ ଦେଖି ସିଏ କରିବ କି ଇର୍ଷା
ନୁହେଁ ପ୍ରିୟା ଅଭିମାନୀ ଅଛି ତା ଭରସା
ସବୁ ଫୁଲ ଠୁଁ ସୁନ୍ଦର ଏକା ସେ ରମଣୀ
ବିଧାତା ଦେଇଛି ଗଢ଼ି ଅଙ୍ଗେ ଦେଇ ଠାଣି
ଶୁଣିଛି ରାଜକୁମାର ପ୍ରିୟା ଟିକେ ତା ଫୁଲେଇ
ଧରା ଦିଏନା ସହଜେ ନିଜକୁ ଦିଏ ଯେ ଲୁଚେଇ
କିନ୍ତୁ ସେ ପ୍ରତିଜ୍ଞାବଦ୍ଧ ପାଇବାକୁ ତାହାକୁ
ପ୍ରିୟତମ ଖୋଜୁଛି ମନର ପ୍ରିୟତମା କୁ।


+ ଜିଲ୍ଲା :ବରଗଡ଼
ମୋ: ୮୨୬୦୬୫୯୩୩୨


### ବାପା

**ବାବୁଲୁ ପଧାନ**



ବୟସର ରାଜରାସ୍ତାରେ,
ଦଗାବାଜ୍ ସମୟର ତତଲା
ଶବ୍ଦମାନେ
ଯେବେ ଘୋ ଘୋ ହୋଇ ବର୍ଷିପଡ଼ନ୍ତି
ଦେହରେ
ସେତେବେଳେ ତମେ ଖୁବ୍ ମନେପଡ଼
ବାପା !

ମନେପଡ଼େ ତମ ବଳୁଆ କାନ୍ଧ
ଯେଉଁଠି ବସି ଦିନେ
ମୁଁ ବୁଲିଥିଲି ଚଉଦ ବ୍ରହ୍ମାଣ୍ଡ !
ମନେପଡ଼େ ତମେ କେମିତି
ନିର୍ବିବାଦରେ
ପୋତିଦେଉଥିଲ ଗୋଟେ ପରେ
ଗୋଟେ
ତମ ହାତ ପାପୁଲିର ରେଖା
ଛାତିରେ ପୋତିଦେଇ ଜୀବନର ସବୁ
ବ୍ୟାଥା ।

ଆଜି ବି, ମୁଁ ଶୁଣିପାରେ
ଉଜୁଡ଼ା କାନ୍ଥରେ,ମୁମୂର୍ଷୁ ଅବସ୍ଥାରେ
ଝୁଲୁଥିବା
ତମର ସେ ରଗ୍ଣ ହାତଘଣ୍ଟାର ଧ୍ୱନି
ଏବେ ବି ମୋର ଆତ୍ମା ଅନୁଭବିପାରେ
ଛଟପଟ ହୋଇ ମୁକ୍ତି ମାଗୁଥିବା ;
ତମର ସେ ଅଧା ଇସ୍ତ୍ରୀକରା,ଫଟା
ପ୍ୟାଣ୍ଟର ଗ୍ଲାନି ।

ହଁ ବାପା,
ଆଜି ବି ମୁଁ ଝୁରିହୁଏ-
ତମ ମିଠା ମିଠା ଗାଳିର ସ୍ୱାଦକୁ
ଚାଖଣ୍ଡେ ମାଟିରେ ତମେ ତୋଳି
ଦେଇଥିବା
ସ୍ୱପ୍ନର ସ୍ୱର୍ଣ୍ଣିମ ତାଜମହଲକୁ
ନିଘୋର ଜହ୍ନରାତିରେ,ତମେ ଡାକି
ଆଣୁଥିବା
ମିଛେଇ ନିଦ ମାଉଁସୀକୁ ।

ବର୍ଣ୍ଣବୋଧର ବର୍ଣ୍ଣ ଭିତରୁ
ଦପ୍ ଦପ୍ ହୋଇ ଜଳିଉଠୁଥିବା
ଲଣ୍ଠନର ନିଆଁରୁ
ତମର ସ୍ୱପ୍ନଖୋର ଆଖି ହଳକ
ମୋତେ ଏବେ ବି ଅନେଇଥାନ୍ତି
ଗୋଟେ ନିଶ୍ୱାସରେ
ବାଟ ଚାଲୁଚାଲୁ, ଅଚାନକ୍ ଯେବେ
ମୋର ପାଦ ଖସିଯାଏ
ତମ ଛାତିଭିତ୍ରୁ ଦି ଟୋପା
ରକ୍ତ,ଏବେବି ସଙ୍ଗୁପ୍ତେ ଝରିଯାଏ ।

ମନର ମାନଚିତ୍ରରେ
ବେରଙ୍ଗୀ ହୃଦୟର କାନ୍ଭାସରେ
ତମେ ସବୁଦିନ ଏମିତି
ରଙ୍ଗଖେଳୁଥାଅ ବାପା
ଡାକିଲେ 'ଓ' କରୁଥାଅ,ସପନରେ
ନାଚୁଥାଅ
ଏ ଆୟୁଷର ଅନ୍ତିମ ଯାତ୍ରା ନସରିବା
ଯାଏ ।


+(ଗବେଷକ)ଭାଷା ଓ ସାହିତ୍ୟ
ବିଭାଗ,
ଫକୀର ମୋହନ
ବିଶ୍ୱବିଦ୍ୟାଳୟ,ବାଲେଶ୍ୱର
ମୋ: ୬୩୭୧୩୨୭୭୫୯



# ଜୀବନ ଚଳଣିର ମୂଳ ମନ୍ତ୍ର



**ଯଶସ୍ୱିନୀ ପଟ୍ଟନାୟକ**



ଜୀବନ କ'ଣ? ଜୀବନର ଅନ୍ତର୍ନିହିତ ଉପଲବ୍ଧି ଓ ଚେତନା କ'ଣ? ଏପରି ଅନେକ ଅନୁଚାରିତ ପ୍ରଶ୍ନ ଆମମାନଙ୍କ ଭିତରେ ଅନେକ ସମୟରେ ଉଠିଥାଏ। କିଛି ସମୟ ପାଇଁ ଆମେ ଭାବୁକ ବା କେହି କେହି ଭାବ ପ୍ରବଣ ଆଧ୍ୟାତ୍ମିକତା ଭିତରକୁ କିଛି ସମୟ ପାଇଁ ଚାଲିଯାଆନ୍ତି। ଦେବ ଦର୍ଶନ କରନ୍ତି, ଦାନ ଧର୍ମ କରନ୍ତି, କେହି କେହି ପିତାମାତଙ୍କୁ ନିଜ ପ୍ରକୃତ ଈଶ୍ୱର ଭାବି କିଛି ଦାୟିତ୍ୱ ନିର୍ବାହ କରନ୍ତି। କେହି କେହି ପୁଣି ନିଜ ତେଲଲୁଣ ଜୀବନକୁ ନେଇ ଫେରି ଯାଆନ୍ତି ନିଜ ଦାନାପାଣିର ଝିନଝଟ ଭିତରକୁ। ଦାନଧର୍ମ କରିବା, ସତସଙ୍ଗରେ ବସିବା, ପରୋପକାରରେ ଲିପ୍ତ ରହିବା ଠାରୁ ସର୍ବଶ୍ରେଷ୍ଠ ଚେତନା ହେଉଛି ନିଜକୁ ଚିହ୍ନିବା। ସତରେ ଆମେ କ'ଣ ଏ ଯାଏଁ ନିଜକୁ ଚିହ୍ନି ପାରିଛେ? ତାହାଲେ ଆମ ଭିତର ମଣିଷ ପଣିଆ ଅନେକ ସମୟରେ ହଜି ଯାଉଛି କିପରି? ଆଜିର ମଣିଷ ଏଭଳି ପରିସ୍ଥିତିରେ ପହଞ୍ଚିଲାଣି ଯେ ନିଜର ସମ୍ପତ୍ତି ବ୍ୟତୀତ ଅନ୍ୟର ସମ୍ପତ୍ତିକୁ ବି ନିଜର ମନେକରୁଛି। ଆଉ ତାକୁ ଉପଭୋଗ କରିବାକୁ ମଧ୍ୟ କୁଣ୍ଠା କରୁନାହିଁ। ଭୋଗର ଶେଷ ପରିଣତି ଯେ ଦୁଃଖ ତାହା ମଣିଷ ସହଜରେ ବୁଝେନା । ଆବଶ୍ୟକତାଠାରୁ ବହୁଅଧିକ ସଞ୍ଚୟକରିବା, କାରବାରଠାରୁ ଅତିଅଧିକ ଜମିକୁ ଦଖଲ କରିବା, ଚଳପ୍ରଚଳ କରିବାଠାରୁ ଖୁବ୍ ବେଶୀ ଘର ତିଆରି କରିବା ଆଦି ମଣିଷର ଗୋଟାଏ ନିଶାରେ ପରିଣତ ହୋଇଛି । ଅନ୍ୟମାନେ ଉପଯୁକ୍ତ ରୋଜଗାର କରି ଏପରି ସୌଖୀନରେ ରହୁଛନ୍ତି ତାଙ୍କୁ ଦେଖି କମ୍ ରୋଜଗାର କରୁଥିବା ଲୋକ ବି ସେହି ପଥର ଯାତ୍ରୀ ହେଉଛି । ଯାହାଫଳରେ ସୁଖ ମିଳିବା ପରିବର୍ତ୍ତେ ଦୁଃଖ ଭୋଗ କରୁଛି । ଆହୁରି ଅନେକ ଅଛନ୍ତି ଯେଉଁମାନେ ନିଜ ଜିନିଷକୁ କାରବାର ବା ବ୍ୟବହାର ନକରି ଅନ୍ୟର ଜିନିଷରେ କାମ ଚଳାଇବାକୁ ଇଚ୍ଛା କରନ୍ତି । ଯାହାଫଳରେ ସମାଜରେ ସୃଷ୍ଟିହୁଏ ଅଭାବ । ଏ କଥା ବୁଝିବାକୁ ରାଜି ହୁଅନ୍ତି ନାହିଁ ଅନେକ । ସେମାନେ ପ୍ରକାଶ କରନ୍ତି ଯେତିକି ମିଳିଛି ତାହା ଯଥେଷ୍ଟ ନୁହେଁ, ତେଣୁ ଆହୁରି ଆବଶ୍ୟକ। ନିଜପାଇଁ ସଂଗ୍ରହ କରୁଛେ । ତା ସହିତ ପରପିଢ଼ୀମାନଙ୍କ ପାଇଁ ବି ସଂଗ୍ରହ କରୁଛେ। ଥରେ ଭାବି ଦେଖିଲେ ଆମେ ଅଯଥାରେ ଯେତିକି ସଞ୍ଚୟ କରୁଛେ, ତାହା ବର୍ତ୍ତମାନ ଲୋକ ପାଇଲେ କେତେ ଆନନ୍ଦରେ ରହନ୍ତେ । ଆମେ ଭାବୁଛେ ନିଜେ କେବଳ ଆନନ୍ଦରେ ରହିଲେ ଆରାମ୍‌ରେ ରହିପାରିବା। ଏତିକି ବୁଝୁନେ ଅନ୍ୟର ଦୁଃଖ ମଧ୍ୟ ଆମ ପାଇଁ ଦୁଃଖର କାରଣ ହୋଇଯାଏ । ଥରୁଟିଏ ଉପବାସ ରହି ସେହି ଖାଦ୍ୟ କାହାକୁ ବି ଦାନ ଦେଲେ ଦେଖିବ କେତେ ଆନନ୍ଦ ମିଳିବ । ଥରୁଟିଏ ନିଜ ପାଇଁ ସାଇତି ଥିବା ଦ୍ରବ୍ୟକୁ ଅନ୍ୟକୁ ଅର୍ପଣ କରି ଦେଖ କେତେ ସୁଖ ମିଳୁଛି। ବାସ୍ତବରେ ତ୍ୟାଗ ଭିତରେ ଯେଉଁ ଆନନ୍ଦ ଥାଏ ତାହା ଭୋଗରେ ନଥାଏ । ସେଥିପାଇଁ ଆମ ପୂର୍ବଜମାନେ କହିଛନ୍ତି ତେନ ତ୍ୟକ୍ତେନ ଭୁଞ୍ଜିଥାଃ । ନିଜର ସୁଖ ଭୋଗ ସହିତ ଅନ୍ୟକୁ ସାମିଲ୍ କରିବା ଉଚିତ୍ ।

ଟ୍ରେନ୍ ବା ବସ୍‌ରେ ଦୂର ଯାତ୍ରା କଲାବେଳେ ଦୁଇଜଣ ଅଚିହ୍ନା ବ୍ୟକ୍ତି ପାଖାପାଖି ବସିବାର ନଜିର ଅଛି। ଅତୀତରେ ସେପରି ବି ହେଉଥିଲା । ନିଜ ସମ୍ପର୍କୀୟ ଯେତିକି ବନ୍ଧୁ ବାନ୍ଧବ ଥିଲେ ଦୂର ତୀର୍ଥ ବା ଯାତ୍ରାରୁ ବହୁ ବନ୍ଧୁ ସୃଷ୍ଟି ହେଉଥିଲେ । ପରସ୍ପର ସହିତ ଭାବବିନିମୟ କରି ନୂଆ ବନ୍ଧୁଟିଏ ସୃଷ୍ଟିହେବା କଥା ଖୁବ୍ ଜଣାଶୁଣା । ଏହି ବନ୍ଧୁ ଖୁବ୍ ଆପଣାର ପାଲଟି ଯାଆନ୍ତି । ଭଲରେ ମନ୍ଦରେ ଠିଆହୁଅନ୍ତି । ଏମାନଙ୍କୁ କୁହାଯାଏ ସୁରୁଜବନ୍ଧୁ । ତେଣୁ ଅନେକ ପରିବାରରେ ଏବେ ବି ସୁରୁଜ ବନ୍ଧୁଙ୍କୁ ଲୋଡାଯାଏ । ଏପରି ବନ୍ଧୁ ସୃଷ୍ଟି ହେଉଥିଲା ପରସ୍ପରର ଭାବର ଆଦାନ ପ୍ରଦାନରୁ । ଏବେ କିନ୍ତୁ ଦୁଇ ଅପରିଚିତ ଏକାଠି ବସିଲେ ଦୀର୍ଘ ସମୟ ଧରି ପରସ୍ପର ସହିତ ଆଳାପ ଆଲୋଚନା ହେବାର ଦେଖାଯାଏନାହିଁ । କାହାର ଠିକଣା କେହି ରଖେନାହିଁ । ନିଜେ ନିଜେ କେବଳ ମୋବାଇଲ୍‌ରେ କଥା ହେବା, ଗେମ୍ ଖେଳିବା ବା ଅନ୍ୟ ଭାବନାରେ ମାତିଯିବାରେ ସମୟ ଅତିବାହିତ ହୋଇଯାଏ। ଯାହା ଫଳରେ ସୃଷ୍ଟିହୋଇପାରେ ନା ଆତ୍ମୀୟତା ଭାବ । ପରସ୍ପର ସହିତ କଥା ହେଲେ ବା ଆଳାପ ଆଲୋଚନା କଲେ ନିଜର ଭାବକୁ ଅନ୍ୟକୁ ପ୍ରଦାନ କରି ଅନ୍ୟର ଭାବକୁ ଗ୍ରହଣ କଲେ ମନ ଫୁର୍ତ୍ତିରହେ। ଚିନ୍ତାମୁକ୍ତ ହୁଏ । ହେଲେ ଆଜିର ମଣିଷ ଏମିତି ବସ୍ତୁବାଦରେ ମାତିଯାଇଛି ଯେ କାହାରି ସହିତ ଭଲରେ କଥାପଦେ ହେବାକୁ ପସନ୍ଦ କରୁନାହିଁ । ମୋବାଇଲ୍‌ରେ ବହୁ ପ୍ରକାର ସଙ୍ଗୀତ ବା କାର୍ଯ୍ୟକ୍ରମକୁ ଉପଭୋଗ କରୁଛି। ସେ ଭାବେ ଏଥିରେ ମାନସିକ ଶାନ୍ତି ମିଳେ, ହେଲେ ବାସ୍ତବରେ ଶାନ୍ତି ମିଳେନାହିଁ । ଗୀତ ସରିଗଲାପରେ ପୂର୍ବର ଚିନ୍ତା ପୁଣି ମାଡିଆସେ। ବନ୍ଧୁଟିଏ କରିଥିଲେ ତା' ସହ ହସଖୁସି ହୋଇଥିଲେ ପରବର୍ତ୍ତି କ୍ଷଣରେ ସେହି ବନ୍ଧୁର ଚିନ୍ତା ଆସେ ଆଉ ମନ ହାଲ୍‌କା ହୋଇଯାଏ । କେବଳ ସେତିକି ନୁହେଁ ଦୂରଯାତ୍ରା ସମୟରେ ଅପରିଚିତ ଜଣେ ନିରବରେ ବସିରହିଥିବା ବେଳେ ଆମେ ବିଭିନ୍ନ ଜିନିଷ କିଣି କରି ଖାଇଥାଉ । ସେ ନିରବରେ ବସିଥାଆନ୍ତି । ଥରେ କେବେ ପାଖରେ ବସିଥିବା ଲୋକଟିକୁ ବା ବଲବଲ କରି ଚାହିଁଥିବା ନିରିହ ପିଲାଟିକୁ ନିଜ ଭାଗରୁ କିଛି ଦାନକର । ଦେଖିବ ତୁମ ଖାଇବାରେ ଯେତିକି ଆନନ୍ଦ ପାଉଛ, ଅନ୍ୟର ଖାଇବାରେ ତା'ଠାରୁ ଅଧିକ ଆନନ୍ଦ ପାଇବ । କେବଳ ମଣିଷ ବ୍ୟକ୍ତି କୈନ୍ଦ୍ରିକ ସ୍ୱାର୍ଥରେ ମାତି ଏପରି କରିଥାଏ। ବ୍ୟକ୍ତିଗତ ସ୍ୱାର୍ଥ ଅପେକ୍ଷା ବ୍ୟଷ୍ଟିଗତ ସ୍ୱାର୍ଥକୁ ଆଖିରେ ରଖିଲେ ବହୁ ଆନନ୍ଦ ମିଳେ । ଆମେ ମୋବାଇଲ୍ ବ୍ୟବହାର କରୁଛେ ତାହା ଆମ ପାଇଁ ଆବଶ୍ୟକ କିନ୍ତୁ ଯେତିକି ଦରକାର ତାହା ଠାରୁ ଅଧିକ ଆବଶ୍ୟକ କଲେ ତାହା ଦୁଃଖର କାରଣ ହୁଏ । ସେହିପରି ବନ୍ଧୁ ବାନ୍ଧବ ସୃଷ୍ଟିକରିବା ଉଚିତ୍ କିନ୍ତୁ ଲୋକ ଠିକ୍ ନା ଭୁଲ୍ ନିଜର ହୃଦୟ ଭାବକୁ ବୁଝୁଥିବା ଲୋକ ଦେଖି ବନ୍ଧୁ ବାନ୍ଧିବା ଦରକାର । ଯଦି ନିଜର ସର୍ବସ୍ୱ ଭୁଲି ବନ୍ଧୁଙ୍କ ସହିତ ସମ୍ପର୍କ ଜମେଇ ବସିଲେ ନିଜର ଜୀବନ ନଷ୍ଟ ହୋଇଯିବ। ଜୀବନର ତତ୍ତ୍ୱ ହେଉଛି ନିଜକୁ ଚିହ୍ନିବା ସହ ଅନ୍ୟ ମାନଙ୍କୁ ଚିହ୍ନିବା। ଯଥା ସମ୍ଭବ ପରୋପକାର କରିବା, ସମାଜ, ରାଜ୍ୟ, ଦେଶ ପ୍ରତି ନିଜ ସତତ୍ ଦାୟିତ୍ୱ ନିର୍ବାହ କରିବା। ମାନବୀୟ ମୂଲ୍ୟବୋଧକୁ ଜୀବନର ପ୍ରତିଟି କ୍ଷେତ୍ରରେ କାର୍ଯ୍ୟକାରୀ କରି ଜୀବନର ଚେତନାକୁ ଅନ୍ୟ ମାନଙ୍କ ଠାରେ ବାଣ୍ଟିବା। ତେବେ ଅନ୍ତତଃ ଶାନ୍ତି ଟିକିଏ ପାଇବାକୁ ଯାଇ ମଣିଷ ଅଶାନ୍ତିକୁ ଆବାହନ ନକରୁ । ଏହା ହିଁ ଜୀବନ ଚଳଣୀର ମୂଳ ମନ୍ତ୍ର ।

+ଅଧ୍ୟକ୍ଷ, ନାଳନ୍ଦା ପବ୍ଲିକ ସ୍କୁଲ,
ସେକ୍ଟର-୮, ସିଡିଏ, କଟକ



ଧାରାବାହିକ ଉପନ୍ୟାସ

(ପୂର୍ବ ପ୍ରକାଶିତ ଉତ୍ତାରୁ)

# ତ୍ରିପାଦମେଦିନୀ

**ଜ୍ୟୋତ୍ସ୍ନାମୟୀ ପଣ୍ଡା**

II ଭାଗ-୧୬ II

(ପୂର୍ବ ପ୍ରକାଶିତ ଉତ୍ତାରୁ)



ବର୍ତ୍ତମାନଠାରୁ ପ୍ରାୟ ପାଞ୍ଚ କୋଟି ବର୍ଷ ପୂର୍ବେ ସମଗ୍ର ପୃଥିବୀର ମହାଦେଶ ଗୁଡ଼ିକ ପରସ୍ପର ସହ ସଂଲଗ୍ନ ଥିଲେ ଓ ସ୍ଥଳ ଭାଗଟି ଦୁଇ ଭାଗରେ ବିଭକ୍ତ ହୋଇଥିଲା।

ସେହି ସମୟରେ ବାନର ମାନଙ୍କର ସୃଷ୍ଟି ହୋଇ ସାରିଥିଲା ଏବଂ ଏକ କୋଟି ବର୍ଷ ପରେ ଜଳ, ବାୟୁର ପରିବର୍ତ୍ତନ ହେତୁ ସେମାନେ ଭୂମି ରେ ଗତି କଲେ । କ୍ରମେ ସେମାନେ ନୃ ବାନରରେ ପରିଣତ ହେଲେ। ଏହି ନୃବାନର ମାନେ ଅଷ୍ଟ୍ରେଲିଆ, ଆଫ୍ରିକା, ଭାରତ ଆଦି ସ୍ଥାନରେ ଜନ୍ମ ହୋଇ କ୍ରମେ ବିଭିନ୍ନ ସ୍ଥାନରେ ଯାଯାବର ରୂପେ ଦଳ, ଦଳ ହୋଇ ଘୁରି ବାରେ ଲାଗିଲେ। ଏହିପରି ଭାବେ କିଛିଦିନ ମଧ୍ୟରେ ସେମାନେ ପୃଥିବୀର ବିଭିନ୍ନ ସ୍ଥାନରେ ପହଞ୍ଚି ଯାଇଥିଲେ।

ବର୍ତ୍ତମାନଠାରୁ ପ୍ରାୟ ଚାରିରୁ ପାଞ୍ଚ କୋଟି ବର୍ଷ ପୂର୍ବେ। ଏହି ବିଶାଳ ଭୂଖଣ୍ଡଟି ଭୂକମ୍ପ ହେତୁ ଖଣ୍ଡ, ଖଣ୍ଡ ହୋଇଗଲା । ଉତ୍ତରରେ ଥିବା ସମୁଦ୍ର ମଧ୍ୟରୁ ହିମାଳୟ ପର୍ବତର ସୃଷ୍ଟି ହେଲା। ସେତେବେଳକୁ ଦକ୍ଷିଣ ଭାରତରେ ଏକ ନୃବାନର ଦଳ ବ୍ୟାପି ଯାଇଥିଲେ। ସେମାନେ ଏହି ପ୍ରାକୃତିକ ବିପର୍ଯ୍ୟୟରୁ ମଧ୍ୟ ବର୍ତ୍ତି ଯାଇଥିଲେ। ଏମାନେ ହେଲେ ଭାରତର ମୂଳ ଅଧିବାସୀ। ବର୍ତ୍ତମାନଠାରୁ

ଚାରିକୋଟି ବର୍ଷ ପୂର୍ବଠାରୁ ପ୍ରାୟ କୋଡିଏ ଲକ୍ଷ ବର୍ଷ ପୂର୍ବ ପର୍ଯ୍ୟନ୍ତ ଏମାନେ ପ୍ରକୃତି ଅଧୀନରେ ପଶୁ ପରି ବଞ୍ଚି ରହିବା ପରେ କ୍ରମେ ଉନ୍ନତ ଓ ସଭ୍ୟ ମଣିଷରେ ପରିଣତ ହେଲେ। ପ୍ରାଚୀନ ପ୍ରସ୍ତର ଯୁଗର ଆରମ୍ଭ ହେଲା। ଆଜକୁ ପନ୍ଦର ହଜାର ବର୍ଷ ପୂର୍ବ ବେଳକୁ ଏହି ଦଳ ମାନଙ୍କ ମଧ୍ୟରୁ କେତେକ ସ୍ଥାୟୀ ଭାବରେ କେତେକ ସ୍ଥାନ ରେ ବସ, ବାସ କଲେ ଓ ନିଜର ଦଳପତିଙ୍କ ଅଧୀନରେ ଶୃଙ୍ଖଳିତ ସାମାଜିକ ଜୀବନ ବିତାଇଲେ। ନିଜର ଜନ୍ମ ସ୍ଥାନ ଜଳରେ ଦ୍ରବିଭୂତ ହୋଇଯାଇଥିବାରୁ କିମ୍ବା ତିନି ପାର୍ଶ୍ୱରେ ସମୁଦ୍ର ବେଷ୍ଟିତ ସ୍ଥଳ ଭାଗରେ ରହିଥିବାରୁ ସେମାନେ ନିଜକୁ ଦ୍ରାବିଡ ବୋଲି ନାମିତ କରିଥିଲେ। ପ୍ରାୟ ପଚାଶ ହଜାର ବର୍ଷ ତଳେ ଜଳ ବାୟୁର ପରିବର୍ତ୍ତନ ହେବାରୁ ସେମାନେ ଉଷ୍ମ ସ୍ଥାନ ଉଦ୍ଦେଶ୍ୟରେ ଉତ୍ତର ପଶ୍ଚିମ ଆଡ଼କୁ ଗତି କଲେ। ନୃବାନର ସମୟରେ ସ୍ଥଳ ଭାଗରେ ବିଶେଷ ସୀମାରେଖା ସୃଷ୍ଟି ହୋଇ ନଥିବାରୁ ସେମାନେ ପ୍ରାୟ ସିନ୍ଧୁ, ଭାରତର ପଶ୍ଚିମରେ ଅନେକ ସ୍ଥାନକୁ ବ୍ୟାପି ଯାଇଥିଲେ। ଦ୍ରାବିଡମାନଙ୍କର ଦଳ ପତି ବା ରାଜା ସତ୍ୟବ୍ରତ ତାମିଲ ନାଡୁରେ ବାସ କରୁଥିଲେ।

ସନତ ବ୍ରହ୍ମା ସୃଷ୍ଟି ଓ ସ୍ରଷ୍ଟା ବିଷୟରେ ତାଙ୍କୁ ଜ୍ଞାନ ଦେବାପାଇଁ ଏହି ଅଲୌକିକ ଦୃଶ୍ୟଟି ନିଜ ସାଧନା ବଳରେ ଦେଖାଇ ଦେଇ ପାରିଥିଲେ।

କ୍ଷୁଦ୍ର ଶଫରୀ. ....... । ରାଜା ଜଳ ଅଞ୍ଜଳିକୁ ଅଶୁଦ୍ଧ ମନେକରି ତତ୍‌କ୍ଷଣାତ୍ ତଳେ ନିକ୍ଷେପ କଲେ । 'ହେ,ତପସ୍ୱୀ !' ସତ୍ୟବ୍ରତଙ୍କ ଉଦ୍ଦେଶ୍ୟରେ କାରୁଣ୍ୟ ପ୍ରକାଶ କରି କହିଲା ମୀନ, ' ହେ, ରାଜନ, ମୁଁ ଆପଣ ଙ୍କର ପ୍ରଜା ଏବଂ ଆପଣ ମୋର ରକ୍ଷକ ଅଟନ୍ତି ।ମୋତେ ଦୟା କରି ଏହି ଜଳ ମଧ୍ୟରେ ଛାଡ଼ନ୍ତୁ ନାହିଁ। ଜଳରେ ଥିବା ମୋର ଜ୍ଞାତି କୁଟୁମ୍ବ ମାନେ ମୋତେ ଆହାର ରୂପେ ଭକ୍ଷଣ କରିବେ। ମୋତେ ଆପଣ ସୁରକ୍ଷିତ ରଖନ୍ତୁ ।'

ଦୟାଶୀଳ ରାଜା ସେହି କ୍ଷୁଦ୍ର ଶଫରୀକୁ ଉଠାଇ ଆଣି ନିଜର କମଣ୍ଡଳୁ ମଧ୍ୟରେ ଆଶ୍ରୟ ଦେଲେ।

ତର୍ପଣ ଶେଷ ହେବା ପରେ ସେ ସେହି କମଣ୍ଡଳୁ ସହିତ ମୀନକୁ ସାଙ୍ଗରେ ଧରି ସ୍ୱଗୃହକୁ ପ୍ରତ୍ୟାବର୍ତ୍ତନ କଲେ । ଗଭୀର ରାତ୍ରି।

ପୁଣି ଶୁଣାଗଲା ମୀନର କରୁଣ ଚିତ୍କାର। 'ରକ୍ଷା କର, ରକ୍ଷା କର !! ଏହି କମଣ୍ଡଳୁ ମଧ୍ୟରେ ମୋର କାୟା ବିସ୍ତୃତ ହେବାରୁ ମୁଁ ଆଉ ଚଳି ପାରୁନାହିଁ। ମୋତେ ଏଠାରୁ ଉଦ୍ଧାର କରନ୍ତୁ ।'

ରାଜା ଦୟା ପରବଶ ହୋଇ ସେହି ବିସ୍ତାର ଲାଭ କରୁଥିବା ମୀନକୁ କ୍ରମେ କମଣ୍ଡଳୁରୁ କଳସୀ, କଳସୀରୁ କୂପ, କୂପରୁ ଖାତ, ଖାତରୁ ସରୋବର , ସରୋବରରୁ ହ୍ରଦ ଏବଂ ହ୍ରଦରୁ ସେହି ବିଶାଳ କାୟ ମୀନକୁ ନେଇ ସମୁଦ୍ର ମଧ୍ୟରେ ନିକ୍ଷେପ କଲେ। (ମତ୍ସ୍ୟ ପୁରାଣ ଅନୁସାରେ ସତ୍ୟବ୍ରତ ଏହି ମତ୍ସ୍ୟକୁ ନେଇ କଶ୍ୟପଙ୍କୁ ଦେଇଥିଲେ। କଶ୍ୟପ ଏହାକୁ ନେଇ ସମୁଦ୍ରରେ ଛାଡିଥିଲେ। ବୋଧହୁଏ ସେ ଜଣେ ବୈଜ୍ଞାନିକ ହୋଇଥିବାରୁ ଏହି କ୍ଷୁଦ୍ର ମତ୍ସ୍ୟଟିକୁ ସୁରକ୍ଷିତ ରଖିବାର ଦାୟିତ୍ୱ ତାଙ୍କୁ ଦିଆଯାଇଥିଲା କାରଣ ସମସ୍ତ ମାଛ ମାନଙ୍କର ଗୁଣସୂତ୍ର ସମାନ। ଏହି କ୍ଷୁଦ୍ରଠାରୁ କିପରି ବିଶାଳ ଅବତାରଙ୍କର ସୃଷ୍ଟି ସଂଭବ ହୋଇଥାଏ, ରାଜା ସତ୍ୟବ୍ରତ ତାହା ବିଶ୍ୱାସ ରଖି ତାଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରିବା ଉଚିତ୍।)

ବିଶାଳ କାୟ, ଅଦ୍ଭୁତ କାୟ ମୀନ ସମୁଦ୍ର ଜଳରେ ମଧ ନିଜର ଦେହ ବିସ୍ତାରକରି ସୁରକ୍ଷା ପାଇଁ ବ୍ୟାକୁଳ ପ୍ରାର୍ଥନା କରିବାରୁ ରାଜା ସତ୍ୟବ୍ରତ ଚିନ୍ତା କଲେ ଯେ,ଏ ନିଶ୍ଚୟ ମାୟା ରୂପ ଧାରୀ କୌଣସି ଦେବତା। ମୋ ସହିତ ଛଳନା କରି ପରୀକ୍ଷା କରୁଛନ୍ତି।

ସତ୍ୟବ୍ରତ ନତଜାନୁ ହେଲେ। ସେ ମହା ଯୋଗୀ ସିଦ୍ଧ ସାଧକ ଥିଲେ। ନିଜର ଯୋଗ ଶକ୍ତି ବଳରେ ସେ ସେହି ମତ୍ସ୍ୟ ଅବତାରଙ୍କର ବାର୍ତ୍ତାକୁ ବୁଝି ପାରୁଥିଲେ। (ଯୋଗ ସାଧକ ମାନେ ପଶୁ, ପକ୍ଷୀ ମାନଙ୍କର ସଂକେତ ବା ଭାଷା ଦିବ୍ୟ ଚେତନା ବଳରେ ଜାଣି ପାରନ୍ତି) ସେ ବିନୀତ ଭାବରେ ପ୍ରାର୍ଥନା କରିବାରେ ଲାଗିଲେ, ' ହେ ପ୍ରକାଣ୍ଡ କାୟ ମତ୍ସ୍ୟ ! ଆପଣ ଯେ ନିଶ୍ଚୟ ସେହି ସର୍ବ ଶକ୍ତିମାନ ଭଗବାନ ବିଷ୍ଣୁ ଏଥିରେ ମୋର କୌଣସି ସନ୍ଦେହ ନାହିଁ । କେବଳ ସାଧୁଜନ ମାନଙ୍କ ହିତ ପାଇଁ ହିଁ ଆପଣ ପୃଥିବୀରେ ବିବିଧ ରୂପ ଧାରଣ କରିଥାନ୍ତି। ତେଣୁ,ଦୟା କରି କୁହନ୍ତୁ, କେଉଁ କାର୍ଯ୍ୟର ସାଧନ ପାଇଁ ଆପଣ ମୀନ ରୂପ ଧାରଣ କରିଛନ୍ତି ?'

ମତ୍ସ୍ୟ ଅବତାରୀ ଭଗବାନ ଉତ୍ତର ଦେଲେ , 'ପ୍ରଜାପତି ବେଦପତି ବ୍ରହ୍ମା ସିନ୍ଧୁ ତଟରେ ବେଦ ପୁସ୍ତକ ରଖି ଜଳ ମଧ୍ୟରେ ପଶି ସନ୍ଧ୍ୟା ତର୍ପଣ କରୁଥିଲେ। ସେ ଥିଲା ସୃଷ୍ଟିର ପ୍ରାକ୍ ସମୟ।

(କ୍ରମଶଃ)

+ବାଲିଝରି, କାନପୁର, ବଡ଼ମ୍ବା, କଟକ

ସମ୍ପର୍କର ରଙ୍ଗ

# ଅନ୍ୟ ସମ୍ପର୍କରେ ମିଛ ଗପିବା ବଡ ପାପ

**ଶ୍ୱେତା ରାଉତ୍**



ଏଇଟା ମିଛର ଯୁଗ।ଏଠି ମିଛ କହିଲେ ମିତ୍ର, ସତ କହିଲେ ଶତ୍ରୁ। ସତକୁ ସହଜେ କେହି ବିଶ୍ୱାସ କରନ୍ତିନି, ସତ ସହଜରେ ପ୍ରଚାର ହୋଇନଥାଏ, ସତ କଣ ଜାଣିବାକୁ କେହି ଚେଷ୍ଟା କରନ୍ତିନି,ସତ୍‌ରେ ରହୁଥିବା ମଣିଷ ଦୁଃଖ ପାଏ, ସତ ପଥରେ ଚାଲିବାକୁ ହେଲେ ଖୁବ୍ ଯନ୍ତ୍ରଣା ସହିବାକୁ ପଡେ। ସେଥିପାଇଁ ସ୍ୱାର୍ଥବାଦୀ ମଣିଷ ସବୁବେଳେ ମିଛ ଆଶ୍ରୟରେ ବଞ୍ଚେ,ଭୁଲ ରାସ୍ତାରେ ଚାଲେ, ମିଛକୁ ହିଁ ପ୍ରକୃତ ସତ୍ୟ ମାନିନିଏ,ମିଛ କହିବାକୁ ଡରେ ନାହିଁ।ମିଛର ଏତେ ଅଭ୍ୟସ୍ତ ଥାଏ ଯେ ଅନ୍ୟ ସମ୍ପର୍କରେ ମିଛ କହି ଖୁବ୍ ଖୁସି ହୁଏ, ଅନ୍ୟକୁ ନିଚା ଦେଖେଇ ନିଜେ ଉପରକୁ ଉଠିବାକୁ ଚେଷ୍ଟା କରେ।ସେ ଭାବିଥାଏ 'ଯାହା ବିଷୟରେ କହୁଛି, ସେ ତ ନାହିଁ, ମୁଁ ଯାହା ଇଚ୍ଛା ତା ବିଷୟରେ ଖରାପ କହି ନିଜେ ପ୍ରଶଂସା ପାଇଯିବି'।

ଅଫିସମାନଙ୍କରେ କର୍ମଚାରୀଙ୍କ ଭିତରେ ଏମିତି ହୁଏ। ବସ୍ ବା ମାଲିକଙ୍କ ପ୍ରିୟ ହେବା ପାଇଁ ନିଜ ସହଯୋଗୀ କର୍ମଚାରୀଙ୍କ ଅନୁପସ୍ଥିତିରେ ତାଙ୍କ ସମ୍ପର୍କରେ ମିଛ ଅଭିଯୋଗ କରିଥାନ୍ତି ଓ ମାଲିକ ସେଇ ମିଛକୁ ବିଶ୍ୱାସ କରି ଉକ୍ତ ବ୍ୟକ୍ତିଙ୍କୁ ଚାକିରିରୁ ବହିଷ୍କୃତ କରିଥାନ୍ତି।ଶାଶୁଙ୍କ ସାମ୍ନାରେ ଜଣେ ବୋହୂ ଅନ୍ୟ ଜଣେ ବୋହୂ ବିଷୟରେ ମିଛ କହି, ନିଜେ ପ୍ରିୟ ହେବାକୁ ଚେଷ୍ଟା କରେ,ଶାଶୁ ସମ୍ପର୍କରେ ମିଛ କହି ସ୍ୱାମୀଠୁ ସହାନୁଭୂତି ଆଶା କରେ। ଜଣେ ଭାଇ ଅନ୍ୟ ଜଣେ ଭାଇ ସମ୍ପର୍କରେ ମିଛ କହି ତାକୁ ବାପାମାଆଙ୍କ ସମ୍ପତ୍ତି ଓ ଅଧିକାରରୁ ବହିଷ୍କୃତ କରିଦିଏ।କୌଣସି ଖଟିରେ କଥାବାର୍ତ୍ତା ହେବାବେଳେ ଅନେକଙ୍କ ସମ୍ପର୍କରେ ମିଛ ଗୁଜବକୁ ଆଲୋଚନା କରି କେତେ କେତେ ନୀରିହଙ୍କ ପବିତ୍ର ଚରିତ୍ର ଉପରେ କଳଙ୍କ ଲଗାଇ ଦିଆଯାଏ। 'ତୁଣ୍ଡ ବାଇଦ ସହସ୍ର କୋଷ' ଭଳି ସେହି ମିଛ କଥା କୁଆଡ଼େ କୁଆଡ଼େ ବ୍ୟାପିଯାଏ ଓ ଲୋକମାନେ ସତ ଜାଣିବାକୁ ଚେଷ୍ଟା ନକରି ମିଛ ଗୁଜବକୁ ବିଶ୍ୱାସ କରି ଯାଆନ୍ତି। ମିଛ କହିଥିବା ବ୍ୟକ୍ତି ସବୁବେଳେ ଭାବେ ମୁଁ ମିଛ କହିଛି ବୋଲି ମୋତେ କେହି ଦେଖିନି କି ଜାଣି ପାରିବେନି।

କିନ୍ତୁ କେହି ନଥିବା ବେଳେ ଯଦି କାହା ବିଷୟରେ ଜଣେ ଖରାପ ବା ମିଛ କହିଥାଏ,ତାକୁ ସେ ବ୍ୟକ୍ତି ଦେଖି ନପାରିଲେ କଣ ହେଲା, ପ୍ରଥମେ ତା ନିଜ ଆତ୍ମା ଦେଖୁଥାଏ ଓ ଆତ୍ମା ସବୁବେଳେ ସତ କୁହେ, ନିଜ କର୍ମର ପାଞ୍ଜି ଲେଖେ। ପ୍ରତ୍ୟେକ ମଣିଷର ପଞ୍ଜିକା ପାଠ କରନ୍ତି ଗ୍ରହରାଜ,କର୍ମଫଳଦାତା ଶନିଦେବ। ଶନିଦେବ ନିର୍ଦ୍ଧାରଣ କରନ୍ତି,କାହାକୁ କେଉଁ ଦଣ୍ଡ ମିଳିବ ଓ ତା ପରେ ତାଙ୍କ ଭାଇ ଯମରାଜକୁ ନିର୍ଦ୍ଦେଶ ଦିଅନ୍ତି ତାଙ୍କ କାର୍ଯ୍ୟ ପୁରା କରିବା ପାଇଁ। ଏ ସଂସାରରେ କେହି ବି ଅନ୍ୟ ଆଢୁଆଳରେ ରହି କାହା ପାଇଁ ଖରାପ ଚିନ୍ତା କରୁ ବା ମିଛ କହୁ,କାହାର କ୍ଷତି କରିବାକୁ ଚେଷ୍ଟା କରୁ, ପରମାତ୍ମା ସବୁ ଦେଖନ୍ତି, ଜାଣନ୍ତି ଓ କର୍ମଫଳ ଅନୁସାରେ ଦଣ୍ଡ ବି ଦିଅନ୍ତି।ମଣିଷ ଦେଉଥିବା ଦଣ୍ଡରୁ ମୁକ୍ତି ମିଳିପାରେ, କିନ୍ତୁ ଈଶ୍ୱର ଯେଉଁ ଦଣ୍ଡ ଦିଅନ୍ତି ତାର ମୁକ୍ତି ନାହିଁ।ବିଜ୍ଞାନକୁ ବିଶ୍ୱାସ କରୁଥିବା ବ୍ୟକ୍ତି କେବେ ଈଶ୍ୱରଙ୍କୁ ବିଶ୍ୱାସ କରି ନପାରନ୍ତି, ହେଲେ ସତ୍ୟକୁ ମାନିବାକୁ ସମସ୍ତେ ବାଧ୍ୟ ଯେ ମଣିଷ ଚନ୍ଦ୍ରରେ ପହଁଚିପାରେ, କିନ୍ତୁ ଚନ୍ଦ୍ର ତିଆରି କରି ପାରିବ ନାହିଁ।ଖରାପ ହୃଦୟକୁ ନିଜ ଜ୍ଞାନ କୌଶଳରେ ସଜାଡି ଦେଇ ପାରେ, କିନ୍ତୁ ହୃଦୟ ତିଆରି କରି ସେଥିରେ ସ୍ପନ୍ଦନ ଭରି ପାରିବ ନାହିଁ,ଭାବପ୍ରବଣତାକୁ ତିଆରି କରି ପାରିବ ନାହିଁ, ଜୀବନ ତିଆରି କରି ପାରିବ ନାହିଁ କି ମୃତ୍ୟୁକୁ ରୋକି ପାରିବ ନାହିଁ।

ଏ ସଂସାରରେ ଜଣେ ସ୍ୱୟଂସମ୍ପୂର୍ଣ୍ଣ ସୃଷ୍ଟି ରଚିଥିବା ପ୍ରାଣଦାତା ପରମାତ୍ମା ଅଛନ୍ତି, ଯିଏ ପ୍ରତ୍ୟେକ କ୍ଷଣକୁ ଦେଖନ୍ତି, ଅନୁଭବ କରନ୍ତି ଏବଂ ମନୁଷ୍ୟକୁ ତାର କର୍ମଫଳ ଅନୁସାରେ ଦଣ୍ଡିତ କରନ୍ତି। ତେଣୁ କାହା ସମ୍ପର୍କରେ ମିଛ କହି, କାହାକୁ ମିଥ୍ୟା ଦୋଷାରୋପ କରି, କାହାକୁ ମିଥ୍ୟା ଅଭିଯୋଗ ଦ୍ୱାରା ଦଣ୍ଡିତ କରି କେହି ମୁକ୍ତି ପାଇବେ ନାହିଁ। ମିଛ କହିବା ମହା ପାପ, ତା'ଠୁ ବଡ ପାପ ମିଛ କହି ଅନ୍ୟକୁ କ୍ଷତି ପହଞ୍ଚାଇବା।ଯାହା ପ୍ରତି ଘୃଣା ଅଛି,ଅଭିଯୋଗ ଅଛି ଆମେ ତାକୁ ସମ୍ମୁଖରେ ବସାଇ,ଆଲୋଚନା କରି ପାରିବା,ତାର ତ୍ରୁଟି ଥିଲେ ଜଣାଇ ପାରିବା, ହେଲେ ପଛଆଡେ ମିଛ କହି,ନିନ୍ଦିତ କରିବା କାପୁରୁଷତାର କାମ,ଏକ ଅକ୍ଷମଣୀୟ ପାପ। ଏଥିପାଇଁ ଈଶ୍ୱର କେବେ କ୍ଷମା କରନ୍ତି ନାହିଁ।

+ ରାଉତ କମ୍ପ୍ଲେକ୍ସ, କଟକ ରୋଡ୍,
ଲକ୍ଷ୍ମୀସାଗର, ଭୁବନେଶ୍ୱର
ମୋ: ୯୪୩୯୭୨୬୦୬୦

## ଆଜିର କବିତା

### ଚୁକ୍ତିବଦ୍ଧ ପ୍ରେମ

**ମୀରା ବେଉରା**

ମନଖୋଲି କେବେ କଥା ହୋଇନିତ
ତୋ ସାଥିରେ
ନା କେବେ ବାଲିଘର ତୋଳି ବାର
ସ୍ୱପ୍ନ ଦେଖିଛି ବେଳା ଭୂଇଁରେ
ଛାତିରେ ଜମାଟ ବାନ୍ଧିଥିବା ଯନ୍ତ୍ରଣାର
ବରଫ କିନ୍ତୁ ତରଳ ହୁଏ
ତୋର କେଇପଦ ଦରଦୀ କଥାରେ
କାହିଁକି କେଜାଣି
ଲୁହରେ ଭିଜିଥିବ ପଣତଟା ମୋର
ଆପେ ଆପେ ଶୁଖିଯାଏ
ଅଜଣା ଉତ୍ତାପରେ
ଅଦେଖା କ୍ଷତ ସବୁ ଶୁଖିଯାଏ
ଆପେ ଆପେ ବିନା ମଲମରେ
ବେଳେ ବେଳେ ମନ ହୁଏ
କଥା ହେବାକୁ ତୋ ସାଥିରେ
ବିବେକର ଛାଟ କିନ୍ତୁ ତାଗିଦ୍ କରେ
ମୋତେ ଚୁପ୍ ରହିବାକୁ
ଛାତିର ସ୍ପନ୍ଦନ ସବୁ ଧକ୍କା ଖାଏ
ବିବେକର କବାଟରେ
ହଜିଯାଏ ଅସ୍ତିତ୍ୱ ମୋର
ଶବ୍ଦ ହିନ ହୁଏ ପାସାଣି ମୁଖ ମୋର
ଛାତିତଳେ ଉଙ୍କିମାରେ
ଅଞ୍ଜୁଳାଏ ଅନୁଭବର ଶିଳା ପଦ୍ମ
ଯଦିଓ ଦମ୍ଭହିନ ଅସ୍ତିତ୍ୱ ହିନ
ମୋ ସମ୍ପର୍କର ମେରୁଖୁଣ୍ଟ
ଜାଣେନା ତଥାପି ଲାଗୁ କାହିଁ
ତୁହି ନିହାତି ନିଜର ନିଜର
ମୋ ଭିତରେ ଦମ୍ଭ, ଅହଙ୍କାର
ସ୍ୱାଭିମାନ ସବୁ ଜାଗିଉଠନ୍ତି
ସୂତା ଖିଅରେ ଝୁଲୁଥିବା ସମ୍ପର୍କକୁ
ଜାଗି ଉଠନ୍ତି ସମାଧି ଦେବାକୁ
ଆଖିର ଲୁହରେ ଅସ୍ପଷ୍ଟ ହୁଏ
ସମ୍ପର୍କର ଯୁକ୍ତାକ୍ଷର ସବୁ
ଅହଙ୍କାର ପୂର୍ଣ୍ଣ ଚୁକ୍ତିବଦ୍ଧ ପ୍ରେମରେ
ନା ଥାଏ ଅସ୍ତିତ୍ୱ ନା ଆତ୍ମୀୟତା
ଥାଏ ଖାଲି ମରୀଚିକା ଆଉ
ଆତ୍ମ ପ୍ରବଞ୍ଚନା ।

+ରଘୁନାଥଜୀଉ ମହାବିଦ୍ୟାଳୟ,
ଦେଉଳ ସାହି, ତୁଳସୀପୁର କଟକ
ମୋ: ୯୮୫୩୩୫୦୩୮୪

# ଓଏସ୍ଓୟୁ ଭାଗ୍ୟକୁ ନେଇ ଖେଳ: ଏପ୍ରିଲ୍ ନିଷ୍ପତ୍ତିକୁ ଜୁଲାଇରେ ଭୁଲିଗଲା ଉଚ୍ଚଶିକ୍ଷା ବିଭାଗ




ସମ୍ବଲପୁର, ୦୬/୦୯ (ନି.ପ୍ର): ସମ୍ବଲପୁର ସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ(ଓଏସଓୟୁ) ସହ ଖେଳ ଖେଳାଯାଉଛି। ନାକ୍ ମାନ୍ୟତା ନାହିଁ ବୋଲି ୟୁଜିସି ନାମଲେଖାକୁ ଅନୁମତି ଦେଲା ନାହିଁ। ଆଉ ନାକ୍ ମାନ୍ୟତା ନମିଳିବା ପଛର କାରଣ ଶିକ୍ଷକ ପଦବି ନାହିଁ। ସବୁ ଜାଣିଥିଲେ ରାଜ୍ୟ ସରକାର। କିନ୍ତୁ ଶିକ୍ଷକ ଦେଲେନି। ଝୁଲାଇ ରଖାଗଲା ପ୍ରସ୍ତାବ। ବୈଠକ ଓ ଚିଠିପତ୍ରର ଗୋଲକଧନ୍ଦା ଭିତରେ ଛନ୍ଦି ହୋଇଗଲା ଓଏସ୍ଓୟୁ ପ୍ରସଙ୍ଗ। ପରିଣାମ ସ୍ୱରୂପ ସ୍ନାତକ ଓ ସ୍ନାତକୋତ୍ତରର ୨୫ଟି ପାଠ୍ୟକ୍ରମରେ ବନ୍ଦ ରହିଛି ନାମଲେଖା। ନାମଲେଖାଇବାକୁ ଆଶା ବାନ୍ଧିଥିବା ହଜାର ହଜାର ଛାତ୍ରଛାତ୍ରୀଙ୍କୁ ନିରାଶ ହେବାକୁ ପଡ଼ିଛି। ସୂଚନା ଅନୁସାରେ, ଗତ ଏପ୍ରିଲ ୧୦ ତାରିଖ ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ଓଏସଓୟୁରେ ଶିକ୍ଷକ ଓ ଅଣଶିକ୍ଷକ ସ୍ୱୀକୃତିପ୍ରାପ୍ତ ପଦବି ନଥିବାରୁ ଏକ ଆଲୋଚନା ବୈଠକ ହୋଇଥିଲା। ବୈଠକରେ ଉନ୍ନୟନ ଆୟୁକ୍ତ, ଉଚ୍ଚ ଶିକ୍ଷା ବିଭାଗ ପ୍ରମୁଖ ସଚିବ, ସ୍ୱତନ୍ତ୍ର ସଚିବ, ସମ୍ବଲପୁର ଓଏସ୍ଓୟୁ କୁଳପତି ପ୍ରମୁଖ ଯୋଗ ଦେଇଥିଲେ। ନାକ୍ ମାନ୍ୟତା ପାଇଁ ଶିକ୍ଷକଙ୍କ ଆବଶ୍ୟକତା ନେଇ ବିସ୍ତୃତ ଆଲୋଚନା ହୋଇଥିଲା। ଆଲୋଚନା ପରେ ୪୩ଟି ଶିକ୍ଷକ, ୧୪ଟି ଅଣଶିକ୍ଷକ, ୨ଟି ବିଭାଗୀୟ ଅଧିକାରୀ, ୪ଟି ବରିଷ୍ଠ ସହାୟକ ଏବଂ ୮ଟି କନିଷ୍ଠ ସହାୟକ ପଦ ସୃଷ୍ଟି କରିବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହା ସହ ବିଶ୍ୱବିଦ୍ୟାଳୟର ସୁପରିଚାଳନା ନେଇ ମଧ୍ୟ ଅନ୍ୟ କେତେକ ନିଷ୍ପତ୍ତି ବୈଠକରେ ଗୃହୀତ ହୋଇଥିଲା। ହେଲେ, ଏଯାଏଁ କୌଣସି ଗୋଟିଏ ନିଷ୍ପତ୍ତି କାର୍ଯ୍ୟକାରୀ ହେଲାନି। ଅନ୍ୟ ପକ୍ଷରେ ଗତ ଜୁଲାଇରେ ରାଜ୍ୟ ସରକାରଙ୍କ ଉଚ୍ଚଶିକ୍ଷା ବିଭାଗର ଅନୁସଚିବ ବିଶ୍ୱବିଦ୍ୟାଳୟର କୁଳସଚିବଙ୍କୁ ଚିଠି ଲେଖି ବିଶ୍ୱବିଦ୍ୟାଳୟ କେମିତି ପରିଚାଳନା ହେଉଛି ? କେତେ ଶିକ୍ଷକ ଅଛନ୍ତି ? କେତେ ରହିବା ଦରକାର ? କେତେ ପିଲା ନାମ ଲେଖାଇଛନ୍ତି ? ଏଭଳି କିଛି ତଥ୍ୟ ଲୋଡ଼ିଛନ୍ତି। ଏଠାରେ ପ୍ରଶ୍ନ ଉଠୁଛି ଯେ, ଗତ ଏପ୍ରିଲରେ ଅନୁଷ୍ଠିତ ଗୁରୁତ୍ୱପୂର୍ଣ୍ଣ ବୈଠକର ନିଷ୍ପତ୍ତିକୁ ଉଚ୍ଚଶିକ୍ଷା ବିଭାଗ ଭୁଲିଗଲା କେମିତି ? ନିଷ୍ପତ୍ତି କାର୍ଯ୍ୟକାରୀ କରିବା ବଦଳରେ ବିଶ୍ୱବିଦ୍ୟାଳୟକୁ ଚିଠି କରିବା ପଛର କାରଣ କଣ ହୋଇପାରେ ? ନା ସବୁ ଜାଣିଶୁଣି ମୁକ୍ତ ବିଶ୍ୱବିଦ୍ୟାଳୟର ଭବିଷ୍ୟତକୁ ଅନ୍ଧକାର ଆଡ଼କୁ ଠେଲି ଦିଆଯାଇଛି ? ନାକ୍ ମାନ୍ୟତାରୁ ବଂଚିତ ମୁକ୍ତ ବିଶ୍ୱବିଦ୍ୟାଳୟ ନାମଲେଖା ଅନୁମତି ନପାଇ ନିଜର ସତ୍ତା ହରାଇବାକୁ ଆଡ଼କୁ ଗତି କଲାଣି। ଏଣୁ ଉଚ୍ଚଶିକ୍ଷା ବିଭାଗ ସବୁ ଜାଣିଶୁଣି ଓଏସ୍ଓୟୁ ସହ ଏଭଳି ଖେଳଖେଳିବାକୁ ନେଇ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ବଢ଼ିବାରେ ଲାଗିଛି।

# ଗ୍ରେଡ୍ ପେ ଏବଂ ଘରଭଡ଼ା ପାଇଁ ଅଧ୍ୟାପକଙ୍କ ପ୍ରତିବାଦ

ବଲାଙ୍ଗୀର, ୦୬/୦୯ (ନି.ପ୍ର): ରାଜ୍ୟର ୪୮୮ଟି କଲେଜ୍‌ରେ ଥିବା ପ୍ରାୟ ୪୦୦୦ ଅଧ୍ୟାପକ ଆଜି ଆନ୍ଦୋଳନ କୁ ଓହ୍ଲାଇ ଛନ୍ତି ଓ ସେମାନଙ୍କ ଅଭିଯୋଗ ହେଲା ଯେ ଷ୍ଟେଟ ସେଲେକ୍ସନ ବୋର୍ଡ ଦ୍ୱାରା ଲିଖିତ, ମୌଖିକ ଏବଂ କ୍ୟାରିଅର ମାର୍କ ଏଭଳି ତିନୋଟି ପର୍ଯ୍ୟାୟ ଦେଇ ସେମାନଙ୍କୁ ଅଧ୍ୟାପକ ପାଇଁ ଚୟନ କରାଯାଉଥିବା ବେଳେ ମିଳୁଛି ହାଇସ୍କୁଲ ଶିକ୍ଷକ ଙ୍କ ସହିତ ସମାନ ଦରମା ଓ ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଏକଲ ବିଦ୍ୟାଳୟ ଏବଂ କେନ୍ଦ୍ରୀୟ ବିଦ୍ୟାଳୟ ର ପିଜିଟି ଶିକ୍ଷକ ମାନେ ଯେତେ ଦରମା ପାଉଛନ୍ତି ଓଡ଼ିଶାର ଡ଼ିଗ୍ରୀ କଲେଜ୍ ରେ କାର୍ଯ୍ୟରତ ଥିବା ଅଧ୍ୟାପକ ମାନେ ମଧ୍ୟ ସେତିକି ପାଉଛନ୍ତି ଓ ଘର ଠାରୁ ଦୂର ଦୂରାନ୍ତ ରେ ସରକାର ନିଯୁକ୍ତ ଦେଇଥିଲେ ଥିଲେ ମଧ୍ୟ ଘର ଭଡ଼ା ଦେଉନାହାନ୍ତି ଓ ଅନେକ କଲେଜ୍ ରେ ଯୁକ୍ତ ଦୁଇ ଠାରୁ ସ୍ନାତକୋତର ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ାଉ ଥିଲେ ହେଁ ମିଳୁଛି ହାଇସ୍କୁଲ ଶିକ୍ଷକଙ୍କ ଗ୍ରେଡ୍ ପେ ୪୬୦୦ ହାର ରେ ଦରମା ଓ ତେଣୁ ଏଇ ଅସଙ୍ଗତି କୁ ଦୂର କରି ୫୬୦୦ ଗ୍ରେଡ୍ ପେ ଆକାରରେ ଦରମା ପିଛଲା ଭାବରେ ଲାଗୁ କରିବା ପାଇଁ ଏବଂ ଘର ଭଡ଼ା ଦେବା ପାଇଁ ଅଧ୍ୟାପକ ମାନେ ବାରମ୍ବାର ଗୁହାରି କରିଥିଲେ ବି ସରକାର ଶୁଣୁନଥିବାରୁ ଆଜି କଳା ବ୍ୟାଚ୍ ପିନ୍ଧି ଆନ୍ଦୋଳନ କୁ ଓହ୍ଲାଇ ଛନ୍ତି ଓ ତେବେ ପାଠ ପଢ଼ାରେ କୌଣସି ବ୍ୟାଘାତ ନ କରି ଅଧ୍ୟାପକ ମାନେ କଳାବ୍ୟାଚ୍ ପିନ୍ଧି ପ୍ରତିବାଦ କରିଛନ୍ତି ଓ ବଲାଙ୍ଗୀର ଜିଲ୍ଲାରେ ଡି. ଏ. ଭି.( ସ୍ୱୟଂ ଶାସିତ) କଲେଜ, ଟିଟିଲାଗଡ଼, ଜବାହାର କଲେଜ, ପାଟଣା ଗଡ଼, କେ ଭି କଲେଜ କଣ୍ଟାବାଞ୍ଜି, ଏପି ଏସ କଲେଜ୍ ରୋଥ, ଆଗଲପୁର, ବେଲ ପଡା କଲେଜ, ଲୋଇସିଂହା କଲେଜ, ସଇଁତଳା କଲେଜରେ ଆଜି ଷ୍ଟେଟ ସିଲେକ୍ସନ୍ ବୋର୍ଡ ଦ୍ୱାରା ନିଯୁକ୍ତ ଅଧ୍ୟାପକମାନେ କଳା ବ୍ୟାଜ ପିନ୍ଧି ନିରବ ପ୍ରତିବାଦ କରିଥିଲେ ଓ ସମସ୍ୟା ର ସମାଧାନ ନହେଲେ ଆଗକୁ ଆନ୍ଦୋଳନ କରିବା ପାଇଁ ବାଧ୍ୟ ହେବୁ ବୋଲି ଅଧ୍ୟାପକ ଅଧ୍ୟାପିକା ମାନେ କହିଛନ୍ତି।

# ସ୍ୱର୍ଣ୍ଣକାର ଗଜାନନଙ୍କ ହତ୍ୟାକାରୀ ତିନିବର୍ଷ ପରେ ଗିରଫ

ବଲାଙ୍ଗୀର, ୦୬/୦୯ (ନି.ପ୍ର): ଦୀର୍ଘ ତିନି ବର୍ଷ ପରେ ବହୁଚର୍ଚ୍ଚିତ ବଲାଙ୍ଗିର ଜିଲ୍ଲାର ଦେଓଗାଁ ବଙ୍ଗଳା ଛକର ସ୍ୱର୍ଣ୍ଣକାର ଗଜାନନ ମେହେରଙ୍କ ବହୁ ଚର୍ଚ୍ଚିତ ହତ୍ୟାକାଣ୍ଡର ଅଭିଯୁକ୍ତ ଶିର ରଣାଙ୍କୁ ଗିରଫ୍ କରି ଆଜି ସିନ୍‌ରିକ୍ରିଏସନ୍ କରିଛି ଦେଓଗାଁ ପୋଲିସ। ଏ ସମ୍ପର୍କରେ ସୂଚନା ଦେଇଛନ୍ତି ଏସ୍‌ଡ଼ିପିଓ ତୋଫାନ ବାଗ । ଦିଆଯାଇଥିବା ସୂଚନା ଅନୁସାରେ ଗତ ୨୦୨୦ ନଭେମ୍ବର ୧୯ ତାରିଖ ଦିନ ସ୍ୱର୍ଣ୍ଣକାର ଗଜାନନ ମେହେର ନିଖୋଜ ହୋଇଥିବା ଦେଓଗାଁ ଥାନାରେ ରିପୋର୍ଟ ହୋଇଥିବା ବେଳେ ୨୦୨୦ ନଭେମ୍ବର ୨୩ ତାରିଖ ଦିନ ପାଟଣାଗଡ଼ ଦେଓଗାଁ ବ୍ଲକ ସୀମାରେ ଥିବା ଏକ ଜଂଗଲ ଭିତରୁ ନିଖୋଜ ସ୍ୱର୍ଣ୍ଣକାର ଗଜାନନଙ୍କ ମୃତଦେହ ମିଳିଥିଲା। ସେତେ ବେଳେ ଏହା ଏକ ହତ୍ୟା ଘଟଣା ବୋଲି ସଂଦେହ କରାଯାଇ ଦେଓଗାଁ ନିକଟସ୍ଥ ସାରସବାହାଲର ଶିର ରଣାଙ୍କୁ ପୋଲିସ ସଂଦେହ କରିଥିଲା। କିନ୍ତୁ ଶିର ରଣା ଫେରାର ଥିବାରୁ ପୋଲିସ ତାଙ୍କୁ କାବୁ କରିବାରେ ବିଫଳ ହୋଇଥିଲା । ତେବେ ବଲାଙ୍ଗିର ଏସ୍‌ପି କ୍ରାଇମ ରିଭ୍ୟୁ ସମୟରେ ଏହି ଘଟଣା ଉପରେ ଗୁରୁତ୍ୱ ଦେଇ ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ପାଇଁ ଦେଓଗାଁ ପୋଲିସକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଦେଓଗାଁ ପୋଲିସ ଅଭିଯୁକ୍ତ ଶିର ରଣାଙ୍କୁ ଗିରଫ ପାଇଁ ଯୋଜନା କରିଥିଲା। ଦୁଇ ତିନି ଥର ବିଫଳ ହେବା ପରେ ଗତକାଲି ଦେଓଗାଁ ଥାନା ଆଇଆଇସି ତାରାବତୀ ପଧାନ ଓ ତାଙ୍କ ଟିମ୍ ଅଭିଯୁକ୍ତ ଶିର ରଣାଙ୍କୁ ଗିରଫ୍ କରିଥିଲେ। ତେବେ ଅଭିଯୁକ୍ତ ଶିର ସ୍ୱର୍ଣ୍ଣକାର ଗଜାନନ ମେହେରଙ୍କୁ ହତ୍ୟା କରିଥିବା ପୋଲିସ ଆଗରେ ସ୍ୱୀକାର କରିଥିବା ବେଳେ କେମିତି ଓ କାହିଁକି ସେ ଗଜାନନଙ୍କୁ ହତ୍ୟା କରିଥିଲେ, ସିନ୍‌ରିକ୍ରିଏସନ୍ ସମୟରେ ସବୁ ବଖାଣିଛନ୍ତି ବୋଲି ଏସ୍‌ଡ଼ିପିଓ ଶ୍ରୀ ବାଗ କହିଛନ୍ତି।

# ଗଞ୍ଜେଇ ସହ ଲକ୍ଷାଧିକ ଟଙ୍କା, ବାଇକ୍ ଜବତ : ୪ ଗିରଫ

ସମ୍ବଲପୁର, ୦୬/୦୯ (ନି.ପ୍ର): ସମ୍ବଲପୁର ଜିଲ୍ଲା ପୋଲିସ ପ୍ରଶାସନର ଏସଡିପିଓ କାର୍ଯ୍ୟାଳୟ ପରିସରରେ ପୋଲିସ ଏସଡିପିଓ ପ୍ରଦୀପ ସାହୁଙ୍କ ଦ୍ୱାରା ଆଜି ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ସମ୍ମିଳନୀରେ ଏସଡିପିଓ ଶ୍ରୀ ସାହୁ ଗଣମାଧ୍ୟମକୁ ଏକ ବଡ଼ ଧରଣର ଗଞ୍ଜେଇ ଚାଲାଣରେ ଚଢ଼ାଉ ଓ ସଫଳତା ନେଇ ସୂଚନା ଦେଇଛନ୍ତି । ଏହି ଗଞ୍ଜେଇ ଚୋରାଚାଲାଣ ଘଟଣାରେ ପୋଲିସ ୨୧ କେଜି ଗଞ୍ଜେଇ ଜବତ କରିଛି । ଏହାସହ ନଗଦ ୧ ଲକ୍ଷ ୨୦ ହଜାର ଟଙ୍କା, ୪ଟି ମୋବାଇଲ, ଗୋଟିଏ ବାଇକ୍ ସହ ସଂପୃକ୍ତ ୪ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଥିବା ସୁଚନା ଦେଇଛନ୍ତି । ଶ୍ରୀ ସାହୁ କହିଛନ୍ତି ଯେ ବିଶେଷ ସୂତ୍ରରୁ ଖବର ପାଇଁ ସଦର ଥାନା ପୋଲିସ ରାସନପୁର ପାଖରେ ଏକ କାର ମଧ୍ୟରୁ ସନ୍ଦେହ ଜନକ ଅବସ୍ଥାରେ କିଛି ମାଲ ଏପଟେ ସେପଟ ହେଇଥିବା ଦେଖିବା ପରେ ଅଚାନକ ଚଢ଼ାଉ କରି ଏହି ସଫଳତା ପାଇଥିଲା । କନ୍ଧମାଳ ଗୋଛାପଡାରୁ ଛତିଶଗଡ଼ ରାଜ୍ୟ ଯସପୁରକୁ ଗଞ୍ଜେଇ ଚୋରାଚାଲାଣ କରୁଥିବାବେଳେ ପୋଲିସ ଏମାନଙ୍କୁ ଗିରଫ କରିଛି । ଗଞ୍ଜେଇ ସହ ଜବତ ଗାଡ଼ିର ଆନୁମାନିକ ମୂଲ୍ୟ ସାଢ଼େ ତିନି ଲକ୍ଷ ଟଙ୍କା ହେବ ବୋଲି ଆକଳନ କରାଯାଇଥିବା ଏସଡିପିଓ ଶ୍ରୀ ସାହୁ ସୁଚନା ଦେଇଛନ୍ତି ।

# ଜିଲ୍ଲାସ୍ତରୀୟ ସଂସାଧାନ ତାଲିମ ଶିବିର ଉଦ୍‌ଯାପିତ

କେନ୍ଦ୍ରାପଡ଼ା, ୦୬/୦୯ (ନି.ପ୍ର): କେନ୍ଦ୍ରାପଡା ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଦୁଇଦିନିଆ ଜିଲ୍ଲା ସ୍ତରୀୟ ସଂସାଧାନ ତାଲିମ ଶିବିର ଉଦ୍‌ଯାପିତ ହୋଇଯାଇଛି । ଆଜିର କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ନିଲୁ ମହାପାତ୍ର ଅଧ୍ୟକ୍ଷତା କରିଥିଲେ । ଓଡିଶା ଭାଷା, ସାହିତ୍ୟ, ସଂସ୍କୃତି ବିଭାଗର ନିର୍ଦ୍ଦେଶାବଳୀ ଓ ମାର୍ଗ ଦର୍ଶିକା ଅନୁଯାଇ ଜିଲ୍ଲାର ୨୪୯ଟି ପଂଚାୟତରେ ରାଜ୍ୟ ସରକାରଙ୍କ ୧୦ଟି ଜନ ମଙ୍ଗଳକାରୀ ଯୋଜନାର ପ୍ରଚାର ପ୍ରସାର ଲୋକକଳା ମାଧ୍ୟମରେ ସଠିକ୍ ଭାବରେ କରିବା ପାଇଁ ଶ୍ରୀ ମହାପାତ୍ର ପରାମର୍ଶ ଦେଇଥିଲେ । ଚଳିତ ମାସ ୧୫ ତାରିଖ ଠାରୁ ୩୦ ତାରିଖ ପର୍ଯ୍ୟନ୍ତ ସମସ୍ତ ବ୍ଲକରେ ଓ ସମସ୍ତ ଗ୍ରାମରେ ସରକାରଙ୍କର ଜନ କଲ୍ୟାଣକାରୀ ୧୦ ଟି ଯୋଜନାର ସଫଳ ବାର୍ତ୍ତା କଳାକାର ମାନେ ଲୋକ କଳା ମାଧ୍ୟମରେ ଜନ ସାଧାରଣଙ୍କ ନିକଟରେ ପହଁଚାଇବେ । ଏହି ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ, ଜିଲ୍ଲା ପରିଷଦ କାର୍ଯ୍ୟ ନିର୍ବାହୀ ରାଜେନ୍ଦ୍ର ପଣ୍ଡା, ଉପ ଜିଲ୍ଲାପାଳ ନିରଞ୍ଜନ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ । ଡାକ୍ତର ସଚ୍ଚିଦାନନ୍ଦ ମିଶ୍ର, ଡେପୁଟି ଡାଇରେକ୍ଟର ପ୍ଲାନିଂ ଆରତୀ ନାୟକ, ଜିଲ୍ଲା କୃଷି ଅଧିକାରୀ ତୁଷାରକାନ୍ତି ସାମଲ, ମିଶନଶକ୍ତିର କୈଳାସ ସେନାପତି, ଜିଲ୍ଲା ଶିକ୍ଷା ଅଧିକାରୀ ଶୁଭଲକ୍ଷ୍ମୀ ନାୟକ ପ୍ରମୁଖ ବିଭିନ୍ନ ଯୋଜନା ସଂପର୍କରେ ତାଲିମ ପ୍ରଦାନ କରିଥିଲେ । ଜିଲ୍ଲା ସୂଚନା ଓ ଲୋକ ସଂପର୍କ ଅଧିକାରୀ ଆଲୋକ କୁମାର ମହାନ୍ତି, ଜିଲ୍ଲା ସଂସ୍କୃତି ଅଧିକାରୀ ସୋନାଲୀ ବେହେରା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଉପଖଣ୍ଡ ସୂଚନା ଅଧିକାରୀ ଅଶୋକ କୁମାର ବଳିଆରସିଂହ ଧନ୍ୟବାଦ ଅର୍ପଣ କରିଥିଲେ ।

# ଆରମ୍ଭ ହେଲା ଓଡ଼ିଆ ବିଶ୍ୱବିଦ୍ୟାଳୟରେ ପାଠପଢ଼ା: ସାକ୍ଷୀଗୋପାଳ ପାନ୍ଥଶାଳାରେ ଅସ୍ଥାୟୀ ଶ୍ରେଣୀଗୃହ



ସାକ୍ଷୀଗୋପାଳ, ୦୬/୦୯ (ନି.ପ୍ର): ସତ୍ୟବାଦୀରେ ସ୍ଥାପିତ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହୋଇଛି । ବିଶ୍ୱବିଦ୍ୟାଳୟର କ୍ୟାମ୍ପସ୍ ନିର୍ମାଣାଧୀନ ଥିବା ବେଳେ ସାକ୍ଷୀଗୋପାଳ ପାନ୍ଥଶାଳା ପରିସରରେ ଖୋଲିଥିବା ଅସ୍ଥାୟୀ ଶ୍ରେଣୀଗୃହରେ ଆଜିଠାରୁ ଶିକ୍ଷାଦାନ ଆରମ୍ଭ ହୋଇଛି। ଆଜି ଗୁରୁ ଦିବସ ପାଳନ କରାଯିବା ସହ ଶିକ୍ଷାଦାନ ଆରମ୍ଭ ପାଇଁ ଆୟୋଜିତ କାର୍ଯ୍ୟକ୍ରମରେ ଉଚ୍ଚଶିକ୍ଷା ମନ୍ତ୍ରୀ ଅତନୁ ସବ୍ୟସାଚୀ ନାୟକ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ବିଶ୍ୱବିଦ୍ୟାଳୟର କୁଳପତି ସବିତା ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ରୂପେ ବିଧାୟକ ଉମାକାନ୍ତ ସାମନ୍ତରାୟ, ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ରମାକାନ୍ତ ନାୟକ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ। ମନ୍ତ୍ରୀ ଶ୍ରୀ ନାୟକ କହିଥିଲେ ଯେ ସତ୍ୟବାଦୀ ଯୁଗର ପଞ୍ଚସଖାଙ୍କ ଦ୍ୱାରା ୧୦୦୯ ମସିହାରେ ପ୍ରତିଷ୍ଠିତ ସତ୍ୟବାଦୀ ବନ ବିଦ୍ୟାଳୟକୁ ଏବେ ଓଡ଼ିଆ ବିଶ୍ୱବିଦ୍ୟାଳୟରେ ରୂପାନ୍ତରିତ କରାଯାଉଛି । ଏହାଦ୍ୱାରା ପଞ୍ଚସଖାଙ୍କର ସେହି ସ୍ୱପ୍ନ ପୂରଣ ହୋଇ ପାରିବ ବୋଲି ସେ କହିଥିଲେ। ଏହି ବିଶ୍ୱବିଦ୍ୟାଳୟ ପାଇଁ ଆଉ ୬ ଏକର ଜମି ଯୋଗାଇ ଦେବା ନିମନ୍ତେ ରାଜ୍ୟ ସରକାରଙ୍କୁ ଅବଗତ କରାଯାଇଥିବା ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ରମାକାନ୍ତ ନାୟକ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟ କୁଳସଚିବ ରଶ୍ମିରେଖା ଦାସ, ଅତିରିକ୍ତ ଜିଲ୍ଲାପାଳ ପ୍ରଦୀପ କୁମାର ସାହୁ, ସତ୍ୟବାଦୀ ପଞ୍ଚାୟତସମିତି ଅଧ୍ୟକ୍ଷ ସୁନୀଲ କୁମାର ପଣ୍ଡା, ଉପ ଜିଲ୍ଲାପାଳ ଭବତାରଣ ସାହୁ, ଜିଲ୍ଲା ଲୋକସମ୍ପର୍କ ଅଧିକାରୀ ସନ୍ତୋଷ କୁମାର ସେଠି, ସତ୍ୟବାଦୀ ତହସିଲଦାର ଜୟନ୍ତ କୁମାର ଜୟ ସିଂ, ବିଡିଓ ଲୋଚନ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଅଧ୍ୟାପକ ଅନନ୍ତ କିଶୋର ଜେନା ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଏକ ଭିଡିଓ ବାର୍ତ୍ତା ପ୍ରଦର୍ଶିତ ହୋଇଥିଲା। ବାର୍ତ୍ତା ମାଧ୍ୟମରେ ମୁଖ୍ୟମନ୍ତ୍ରୀ ବିଶ୍ୱବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ଅଭିନନ୍ଦନ ଜଣାଇଥିଲେ।

# ଭୋଟର ସଚେତନତା ପାଇଁ ଜିଲ୍ଲାରେ ମୁଁ ବି ମିତା କାର୍ଯ୍ୟକ୍ରମର ଶୁଭାରମ୍ଭ

ସୁବର୍ଣ୍ଣପୁର, ୦୬/୦୯ (ନି.ପ୍ର): ସୁବର୍ଣ୍ଣପୁର ଜିଲ୍ଲା ସ୍ତରୀୟ ଭୋଟର ସଚେତନତା କାର୍ଯ୍ୟକ୍ରମ ମୁଁ ବି ମିତାର ଶୁଭାରମ୍ଭ ଜିଲ୍ଲାପାଳ ସୁବର୍ଣ୍ଣପୁର ବିମଳେନ୍ଦୁ ରାୟଙ୍କ ଅଧ୍ୟକ୍ଷତା ରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି । ସମଗ୍ର ରାଜ୍ୟରେ ନୂତନ ମତଦାତାମାନଙ୍କୁ ଭୋଟର ତାଲିକାରେ ପଞ୍ଜୀକରଣ କରିବା ପାଇଁ ରାଜ୍ୟ ନିର୍ବାଚନ କମିଶନ ବୁଥସ୍ତରୀୟ ଅଧିକାରୀ ମିତାକୁ ସୃଷ୍ଟି କରିଛନ୍ତି । ଏହି କାର୍ଯ୍ୟକ୍ରମର ବ୍ୟାପକ ରୂପାୟନ ପାଇଁ ବିଭିନ୍ନ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ମୁଁ ବି ମିତା କାର୍ଯ୍ୟକ୍ରମରେ ସାମିଲ କରାଯାଇଛି। ଆଜିର ଏହି ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୂର୍ଯ୍ୟନାରାୟଣ ଦାଶ, ଅଞ୍ଜଳିନା ପ୍ରଧାନ, ଜିଲ୍ଲା ଉନ୍ନୟନ ଅଧିକାରୀ ଅଶ୍ୱିନି ମେହେର ସମ୍ମାନିତ ଅତିଥି ଭାବରେଯୋଗଦେଇଥିଲେ । ଡେପୁଟି କଲେକ୍ଟର ନିର୍ବାଚନ ଯଶସ୍ୱିନୀ ପୃଥାଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟର ଶତାଧିକ ଛାତ୍ରୀ, ଅଧ୍ୟାପକ ଏବଂ ଅଧ୍ୟାପିକା ଯୋଗଦେଇଥିଲେ। ଶ୍ରୀମତୀ ପୋଥାଲ ସ୍ୱାଗତ ସମ୍ଭାଷଣ ରେ କାର୍ଯ୍ୟକ୍ରମ ର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। ଏହି ନୂତନ ମତଦାତା ମାନଙ୍କୁ ସମ୍ବୋଧିତ କରି ଅତିଥିମାନେ ସେମାନଙ୍କ ଗୁରୁଦାୟିତ୍ୱ ବୁଝାଇବା ସହ ଆସନ୍ତା ନିର୍ବାଚନ ପ୍ରକ୍ରିୟା ରେ ସେମାନଙ୍କ ସହଯୋଗ କାମନା କରିଥିଲେ । ଜିଲ୍ଲାପାଳ ଶ୍ରୀଯୁକ୍ତ ରାୟ ଭାରତ ଭଳି ବିଶ୍ୱର ସର୍ବ ବୃହତ୍ ଗଣତାନ୍ତ୍ରିକ ରାଷ୍ଟ୍ରରେ ସଫଳ ନିର୍ବାଚନ ପାଇଁ ମତଦାନର ପ୍ରତିଶତ ବଢାଇବା ଉପରେ ଗୁରୁତ୍ୱାରୋପ କରିଥିଲେ। ଏଥିପାଇଁ ସବୁ ମିତାମାନଙ୍କୁ ସମର୍ପଣ ର ସହିତ ନିଜର କର୍ତ୍ତବ୍ୟ କରି ଗଣତନ୍ତ୍ର କୁ ସଫଳ କରିବା ପାଇଁ ଉତ୍ସାହିତ କରିଥିଲେ । ସମସ୍ତ ଛାତ୍ରଛାତ୍ରୀ ମାନଙ୍କୁ ମୁଁ ବି ମିତା ଲୋଗୋ ଥିବା ଟୋପି ଓ ବ୍ୟାଚ ପ୍ରଦାନ କରାଯାଇଥିଲା। ଭିଜୁଆଲ ମାଧ୍ୟମରେ ଛାତ୍ରୀ ମାନଙ୍କୁ ସେମାନଙ୍କ ଦାୟିତ୍ୱ ସମ୍ବନ୍ଧରେ ବୁଝାଇ ଦିଆଯାଇଥିଲା ।

# ବେଆଇନ ଗୋ-ଚାଲାଣ ଘଟଣାରେ ବେପାରୀ କୋର୍ଟ ଚାଲାଣ

କୋରେଇ, ୦୬/୦୯ (ନି.ପ୍ର): ପାଣିକୋଇଲି ଥାନା ଅନ୍ତର୍ଗତ କେଉଟନଗୁଆଁ ଗାଁ ଅଂଚଳରେ ନିୟମିତ ଗୋରୁ ବେପାର ଚାଲୁଥିବା ବେଳେ ଗତକାଲି ସେଠାରୁ ୭୦ ଟି ଗୋରୁଙ୍କୁ ଉଦ୍ଧାର କରାଯାଇଥିଲା । ଏ ସଂକ୍ରାନ୍ତରେ ଥାନାର ଏଏସଆଇ ଉଦୟନାଥ ସୋରେନଙ୍କ ଅଭିଯୋଗ କ୍ରମେ ଥାନାରେ ଏକ ମାମଲା ୨୩୯/୨୩ ରୁଜୁ ହୋଇ ଅଭିଯୁକ୍ତ ଏହି ଥାନା ଅନ୍ତର୍ଗତ ଗୋଲେଇପୁର ପଂଚାୟତ କେଉଟନଗୁଆ ଗ୍ରାମର ଭୋଳାନାଥ ଜେନାକୁ ଗିରଫ କରି ଆଜି କୋର୍ଟଚାଲାଣ କରିଛି ବୋଲି ତଦନ୍ତକାରୀ ଅଫିସର ଥାନାର ସବଇନିସପେକ୍ଟର ସ୍ମୃତିମଞ୍ଜରୀ ବଡ଼ଜେନା ପ୍ରକାଶ କରିଛନ୍ତି ଓ ଏଥି ସହିତ ଉଦ୍ଧାର ହୋଇଥିବା ଗୋରୁ ଗୁଡ଼ିକୁ ଭଦ୍ରକ ଜିଲ୍ଲାର ଏକ ଗୋଶାଳାକୁ ସ୍ଥାନାନ୍ତରିତ କରିବା ଲାଗି ପୁଲିସ ବ୍ୟବସ୍ଥା କରୁଛି । ଗତକାଲି ସାହାପୁର ହାଟରୁ ବାହାର ରାଜ୍ୟକୁ ଚାଲାଣ ନିମନ୍ତେ ବନ୍ଧା ହୋଇଥିବା ୭୦ଟି ଗୋରୁଙ୍କୁ ଥାନାଧିକାରିଣୀ ଲିଜାରାଣୀ ବିଶ୍ୱାଳଙ୍କ ନିର୍ଦ୍ଦେଶ କ୍ରମେ ପାଣିକୋଇଲି ପୁଲିସ ଉଦ୍ଧାର କରିବା ସହିତ ନିୟମିତ ଗୋରୁ ବେପାରୀ ଭୋଳାନାଥ ଜେନାକୁ ଗିରଫ କରିଥିଲା । ଏଠାରେ ପ୍ରକାଶ ଥାଉକି, ଗତ ଜୁନ ମାସ ୧୯ ତାରିଖ ଦିନ କେଉଟନଗୁଆଁ ଠାରେ ବାହାର ରାଜ୍ୟକୁ ଚାଲାଣ ହେବାକୁ ଥିବା ୫୦ରୁ ଉର୍ଦ୍ଧ୍ୱ ଗୋରୁଙ୍କୁ ପୁଲିସ ଉଦ୍ଧାର କରିବା ସହିତ ଗୋରୁ ବେପାରୀ ଭୋଳାକୁ ଥାନା କେଶ ନମ୍ବର ୧୫୪ ରେ କୋର୍ଟଚାଲାଣ କରିଥିଲା। ମାତ୍ର ଜେଲରୁ ଫେରି ଭୋଳା ପୁଣି ଥରେ ତାର ଏହି ବେପାର ଆରମ୍ଭ କରିଦେଇଥିଲା । ତେବେ ଭୋଳା ସପ୍ତାହକୁ ଥରେ ବାହାର ରାଜ୍ୟକୁ ଗୋରୁ ଚାଲାଣ କରୁଥିବା ବେଳେ ଗୋରୁ ବେପାରୀ ମାନେ ମଧ୍ୟରାତ୍ରୀରେ ସାହାପୁରରୁ ଗାଡିରେ ଆଣି ତେଲିଆ ଗ୍ରାମ ଦେଇ ଚାଲାଣ ହେବାକୁ ଥିବା ଗୋରୁ ଗୁଡ଼ିକୁ ନେଇଥାନ୍ତି ।

# ସିବିଆଇ ଲୋକଙ୍କ ପାଖକୁ ଯାଉଛି, ଭିଜିଲାନ୍ସ ଶୋଇଛି

ରାଉରକେଲା, ୦୬/୦୯ (ନି.ପ୍ର): ରାଜ୍ୟରେ ନିକଟରେ ସିବିଆଇ ଏସପି ଅଫିସ ମେସେଜ କରି ଦୁର୍ନୀତି ବିରୋଧରେ ଅଭିଯୋଗ ଦାଖଲ କରିବାକୁ ଆହ୍ୱାନ ଦେଇଥିବା ବେଳେ ରାଜ୍ୟରେ ରାଉରକେଲା ଭିଜିଲାନ୍ସ ଡିଭିଜନ ଶୋଇ ରହିଛି। ଫଳରେ ରାଉରକେଲା ସମେତ ସମଗ୍ର ଜିଲ୍ଲାରେ ଲାଂଚ ନଦେଲେ କାମ ନାହିଁ ଭଳି ସ୍ଥିତିରେ ପହଁଚିଲାଣି । ନିକଟରେ ରାଜ୍ୟ ସିବିଆଇ ଅଫିସ ଭୁବନେଶ୍ୱର ପକ୍ଷରୁ ଲୋକଙ୍କ ଭିତରେ ସଚେତନତା ସୃଷ୍ଟି କରିବା ଲାଗି ଦୁଇଟି ନମ୍ବର ୯୪୩୮୨୩୩୨୭୭ ଓ ୦୬୭୪୨୫୬୧୫୬୭କୁ ଡାଏଲ କରି ରେଳବାଇ, ବ୍ୟାଙ୍କ ସମେତ କେନ୍ଦ୍ରୀୟ ଅନୁଷ୍ଠାନ ଗୁଡିକରେ ଲାଂଚ କାରବାର ହେଉଥିଲେ ସେ ନେଇ ଏହି ନମ୍ବର ଗୁଡିକରେ ଏତଲା ଦେବାକୁ ଆହ୍ୱାନ କରାଯାଇଛି । ଏହି ନମ୍ବରକୁ ଯୋଗାଯୋଗ ପାଇଁ ଚେଷ୍ଟା କରାଜିବା ପରେ ଏହା ସିବିଆଇର ନମ୍ବର ବୋଲି ଜଣାପଡିଥିଲା । ତେବେ ଏଭଳି କାର୍ଯ୍ୟ ନିଶ୍ଚୟ ସ୍ୱାଗତ ଯୋଗ୍ୟ ପଦକ୍ଷେପ, କିନ୍ତୁ ସେପଟେ ରାଜ୍ୟ ଭିଜିଲାନ୍ସକୁ ଯଦି ଦେଖାଯାଏ ତେବେ ରାଜ୍ୟର ଅନ୍ୟାନ୍ୟ ସ୍ଥାନରେ ଅନେକ ଡିଏ, ଲାଂଚ ମାମଲା କରାଯାଉଥିବା ବେଳେ ରାଉରକେଲାରେ ଏସପି ଅଫିସ ହେବା ସତ୍ତ୍ୱେ ଏଠାରେ ଆଜିକୁ ୪ ବର୍ଷ ଭିତରେ ଗୋଟିଏ ହେଲେ ମାମଲା ହୋଇପାରିନାହିଁ । ଏଠାରେ ଥିବା ଭିଜିଲାନ୍ସ ଅଫିସକୁ ଉନ୍ନତ କରି ସରକାର ଏଠାରେ ଜଣେ ଏସପି ଦେଲେ, ଆବଶ୍ୟକୀୟ କର୍ମଚାରୀ ଓ ଗାଡି ମଧ୍ୟ ଦେଲେ, ହେଲେ ଆଖ ପାଖରେ କେତେବେଳେ ମାମଲାଟିଏ କରିଦେଇ ବାବୁ ମାନେ ମାସିକିଆ ସରକାରୀ ଦରମା ଓ ମାସିକିଆ ଭତା ନେଇ ଆରାମରେ ଶୋଇଥିବା ବେଳେ ରାଉରକେଲା ସରକାରୀ ଅଫିସ ଗୁଡିକରେ ଲାଂଚ କାରବାର ଚରମ ସୀମାରେ ପହଁଚିଲାଣି । ଯଦି କେବେ କେହି ଏନେଇ କହିଲା ତାକୁ ଉତର ଆସୁଛି, ଗୋଟିଏ ମାମଲା ଦେଉ ନାହାନ୍ତି, ଆମେ ଧରିବୁ, ନଚେତ କୁହାଯାଉଛି ଉପରୁ ଆଦେଶ ନଆସିଲେ କିଛି କରିହେବନି। ଯାହାଦ୍ୱାରା କାମ ନକରି ଆରାମରେ ରୋଜଗାର କରି ରାଉରକେଲାରେ ସମୟ କାଟିବା ଲାଗି ହୋଇଥିବା ମହତ ଉଦ୍ଦେଶ୍ୟ ପଦାରେ ପଡୁଛି । ଏନେଇ ବାରମ୍ବାର ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଲେ ମଧ୍ୟ ଉପର ବାବୁ ମାନେ ନୀରବ। ଫଳରେ ରାଉରକେଲା ଭିଜିଲାନ୍ସ ଏକ ପ୍ରକାର କୋମା ଅବସ୍ଥାରେ ପହଁଚିଛି । ରାଉରକେଲା ମହାନଗର ନିଗମରେ ରାତି ଦିନ ଲାଂଚ କାରବାର ଖୋଲା ଖୋଲି ଚାଲିଥିବା ବେଳେ ଭିଜିଲାନ୍ସ ଆଜି ଯାଏ ତାର ଇତିହାସରେ ଗୋଟାଏ ହେଲେ ମାମଲା ରୁଜୁ କରିପାରି ନାହିଁ । ପାଖରେ ରହିଛି ପୂର୍ତ୍ତ ବିଭାଗ ଅଫିସ। ଏ ଅଫିସରେ ସକାଳୁ ସଂଧ୍ୟା ଯାଏ ନଗଦ ଲାଂଚ କାରବାର ଚାଲିଥିବା ଅଭିଯୋଗ ହେଉଛି। ଏଠି ମଧ୍ୟ ଭିଜିଲାନ୍ସ ହାତ ମାରିପାରିନାହିଁ। ମାପ ଓଜନ ବିଭାଗ ଏଠାକାର ବାବୁ ସପ୍ତାହ ୧୫ ଦିନରେ ଆସି ମାସିକିଆ ବଟୀ ଆଦାୟ କରି ବସରେ ଭୁବନେଶ୍ୱର ଫେରୁଥିବା ଅଭିଯୋଗ ହେଉଛି, ସେଠି ମଧ୍ୟ ଭିଜିଲାନ୍ସ ହାତ ମାରିପାରୁନାହିଁ । ଫାକ୍ଟ୍ରୀ ବୟଲର ବିଭାଗର ବାବୁ ମାନେ ଭାବି ସାରିଛନ୍ତି ଏଠି ଭିଜିଲାନ୍ସ ନାହିଁ । ଆର ଆଇ, ତହସିଲ. କୋଇଡା ରାଉରକେଲା ଖଣି ବିଭାଗ ଅଫିସ, ଆରଟିଓ ଅଫିସ, ଡ୍ରଗ୍ ଇନ୍ସପେକ୍ଟର ଅଫିସ ଭଳି ନିୟମିତ କାମ ରହୁଥିବା ଅଫିସ ଗୁଡିକରେ ବ୍ୟାପକ ଲାଂଚ କାରବାର ଚାଲିବା ସହ ବାବୁ ମାନଙ୍କ ଠାରୁ ଅଧିକାରୀ ମାନେ ଭୁବନେଶ୍ୱର, ରାଉରକେଲା, କଟକରେ ଘରଦ୍ୱାର କିଣି ମାଲାମାଲ, କିନ୍ତୁ ଭିଜିଲାନ୍ସ ବାଲାଙ୍କ ଆଖିକୁ ଏସବୁ ଦେଖାଯାଉନାହିଁ ।

ଏତ ଗଲା ସରକାରୀ ଅଫିସ, ରାଉରକେଲାର ଦୁଧିଆଳି ଥାନା ଯଥା, ବ୍ରାହ୍ମଣୀ ତରଙ୍ଗ, ଟାଙ୍ଗରପାଲ୍ଲୀ, ପ୍ଲାଂଟସାଇଡ, ଉଦିତନଗର, ରଘୁନାଥପାଲ୍ଲୀ ଥାନା ଗୁଡିକରେ ପୋଷ୍ଟିଂ ଲାଗି ଅନେକ ପ୍ରତିଯୋଗିତା, ଉପରେ ମାଲ ଖର୍ଚ୍ଚ କରି ମାସିକିଆ ଫିକ୍ସ ହେଲେ କୁଆଡେ ଏସବୁ ଥାନାରେ ରହି ବେଶ ଦୁଇପଇସା ରୋଜଗାର କରିହୁଏ । ଏ ସବୁ ଥାନାରେ କଳକାରଖାନା ବାଲାଙ୍କ ମାସିକିଆ ସାଙ୍ଗକୁ ନିଶା ବେପାରୀ ଠିକାଦାର ଆପେ ଆପେ ଆସି ଦେଖା କରି ଯାଆନ୍ତି, ତେଣୁ ବାବୁ ମାନଙ୍କର ୨/୩ ବର୍ଷରେ ବେଶ ଦୁଇପଇସା କୁଆଡେ ରୋଜଗାର ହୋଇପାରେ । ଅନେକ ଆସି ମାଲାମାଲ ହୋଇ ଗଲେ, ହେଲେ ନିଜ ଜାତି ଭାଇ ବୋଲି ଭିଜିଲାନ୍ସ ଆଖିକୁ ତାହା ଦେଖାଯାଉନଥିବା କୁହାଯାଉଛି । ଏଭଳି ନୀରବତା ଲାଗି ଲୋକଙ୍କର ମଧ୍ୟ ଭିଜିଲାନ୍ସ ଉପରୁ ଭରଷା ତୁଟିବାରେ ଲାଗିଛି, ତେଣୁ ସିବିଆଇ ଭଳି ଭିଜିଲାନ୍ସକୁ ତତ୍ପର କରି ଲୋକଙ୍କୁ ସେବା ଯୋଗାଇବାକୁ ଦାବି ହେଉଛି ।

# ଜାତୀୟସ୍ତରର ଟାଇକୋଣ୍ଡୋ ପ୍ରତିଯୋଗିତାରେ କନ୍ଧମାଳ ଖେଳାଳିଙ୍କ କୃତିତ୍ୱ

କନ୍ଧମାଳ, ୦୬/୦୯ (ନି.ପ୍ର): ସେପ୍ଟେମ୍ବର ମାସ ୨ ତାରିଖରୁ ୪ ତାରିଖ ମଧ୍ୟରେ ଝାଡ଼ଖଣ୍ଡର ରାଂଚି ଠାରେ ବିର୍ସା ମୁଣ୍ଡା ସ୍ମାରକୀ ୧୪ ତମ ଓପନ ଜାତୀୟ ସ୍ତର ଟାଇକୋଣ୍ଡୋ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ କନ୍ଧମାଳ ଜିଲ୍ଲା ଟାଇକୋଣ୍ଡୋ ସଂଘ ତରଫରୁ ୮ ଜଣ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ। ସେଥି ମଧ୍ୟରୁ ଫୁଲବାଣୀ ମାର୍ଶାଲ ଆର୍ଟ ଏକାଡେମୀର ଛାତ୍ରୀ ସବ ଜୁନିଅର ବାଳିକା ବିଭାଗରୁ ଅଣ୍ଡର ୪୧ କିଗ୍ରା ବର୍ଗରେ ଶ୍ରେଷ୍ଠା ବେହେରା ରୌପ୍ୟ ପଦକ ଓ ବାଳକ ବିଭାଗରୁ ଅଣ୍ଡର ୩୫ କିଗ୍ରା ବର୍ଗ ମଧ୍ୟରେ ଅମିତ କୁମାର ସାହୁ କାଂସ୍ୟ ପଦକ ହାସଲ କରିଛନ୍ତି। ଅନୁଷ୍ଠାନର ଖେଳାଳି ମାନେ ତଥା ଅଭିଭାବକ ଓ ଫୁଲବାଣୀ ମାର୍ଶାଲ ଆର୍ଟ ଏକାଡେମୀର ମୁଖ୍ୟ ପ୍ରଭାତ କୁମାର ସାହୁ ଏବଂ ପ୍ରଶିକ୍ଷକ ରମାକାନ୍ତ ବେହେରା, ପ୍ରିତମ ଚନ୍ଦ୍ର ପ୍ରଧାନ ଓ ମଦନ ଦଳବେହେରା, ଜିଲ୍ଲା ସଂଘ ର ସଭାପତି ପ୍ରତାପ କୁମାର ମୁଖୀ ଏବଂ ରାଜ୍ୟ ସଂଘ ର ସମ୍ପାଦକ ମନମୋହନ ଭଞ୍ଜ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

# ୱାର୍ଲଡ୍ ଓଡ଼ିଶା ସୋସାଇଟି ପକ୍ଷରୁ ସୂର୍ଯ୍ୟ ପାତ୍ରଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ

ନୂଆଦିଲ୍ଲୀ/ଭୁବନେଶ୍ୱର, ୦୬/୦୯ (ନି.ପ୍ର): ୱାର୍ଲଡ୍ ଓଡ଼ିଶା ସୋସାଇଟି(ୱାଓସୋ) ପକ୍ଷରୁ ଏହାର ମୁଖ୍ୟ ପୃଷ୍ଠପୋଷକ ତଥା ଓଡ଼ିଶା ବିଧାନସଭାର ପୂର୍ବତନ ବାଚସ୍ପତି ଡଃ ସୂର୍ଯ୍ୟ ନାରାୟଣ ପାତ୍ରଙ୍କୁ ଭବ୍ୟ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଛି । ଏହି ଉପଲକ୍ଷେ ଆଭାସି ମଞ୍ଚରେ ଆୟୋଜିତ ଏକ ଶୋକ ସଭାରେ ଯୋଗଦେଇ ପ୍ରବାସୀ ଓଡ଼ିଆ ନେତୃବର୍ଗମାନେ, ଡଃ ପାତ୍ରଙ୍କର ନିଧନରେ ବିଶ୍ୱଭରି ଓଡ଼ିଆ ସମ୍ପ୍ରଦାୟ ଗଭୀର ଭାବେ ମର୍ମାହତ ହୋଇଥିବା ପ୍ରକାଶ କରିଥିଲେ। ଓଡ଼ିଶାର କଳା, ସଂସ୍କୃତି ଏବଂ ଐତିହ୍ୟକୁ ସାରା ଦୁନିଆରେ ପ୍ରଚାର ପ୍ରସାର କରିବାରେ ଡଃ ପାତ୍ରଙ୍କର ବଳିଷ୍ଠ ଯୋଗଦାନ ରହିଥିବାକୁ ସ୍ମରଣ କରି ବିଶିଷ୍ଟ ବକ୍ତାମାନେ ତାଙ୍କର ସ୍ମୃତି ପ୍ରତି ଉଚ୍ଛ୍ୱସିତ ଶ୍ରଦ୍ଧା ନିବେଦନ କରିଥିଲେ। ଡଃ ପାତ୍ରଙ୍କର ବିୟୋଗ ସମ୍ବାଦ ସାରା ପୃଥିବୀର ୱାଓସୋର ସଦସ୍ୟ ଓ ଶୁଭେଚ୍ଛୁମାନଙ୍କୁ ଦାରୁଣ ଦୁଃଖ ଦେଇଥିବା ସେମାନେ ଅବତାରଣା କରିଥିଲେ। ଆଭାସୀ ସମାବେଶକୁ ସମ୍ବୋଧନ କରି ୱାର୍ଲଡ୍ ଓଡ଼ିଶା ସୋସାଇଟିର ଅଧ୍ୟକ୍ଷ କିଶୋର ଦ୍ୱିବେଦୀ, ଡଃ ସୂର୍ଯ୍ୟ ନାରାୟଣ ପାତ୍ର ୱାଓସୋ ପାଇଁ ପିତୃପ୍ରତିମ ଥିଲେ ବୋଲି ଉଲ୍ଲେଖ କରିଥିଲେ। ଏହି ବୈଶ୍ୱିକ ସଂସ୍ଥାର ପ୍ରତିଷ୍ଠା ଏବଂ ଏହାର ପରିବର୍ଦ୍ଧନ କ୍ଷେତ୍ରରେ ଡଃ ପାତ୍ରଙ୍କର ବ୍ୟାପକ ଯୋଗଦାନ ରହିଥିବା ଶ୍ରୀ ଦ୍ୱିବେଦୀ ସୂଚାଇ ଥିଲେ। ୱାଓସୋର ଇତିହାସରେ ଡଃ ପାତ୍ରଙ୍କ ନାମ ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି ଶ୍ରୀ ଦ୍ୱିବେଦୀ ଦର୍ଶାଇଥିଲେ। ବୈଠକରେ ଆବୁଧାବିରେ ଅବସ୍ଥାପିତ ୱାଓସୋର ପ୍ରେସିଡିୟମ ସଦସ୍ୟ ପ୍ରଦୀପ କୁମାର ରଥ ଆଗତ କରିଥିବା ଏକ ଶୋକ ପ୍ରସ୍ତାବ ପାରିତ ହୋଇଥିଲା। ଏହି ପ୍ରସ୍ତାବରେ ଡଃ ପାତ୍ର ପୃଥିବୀ ସାରା ପ୍ରବାସୀ ଓଡ଼ିଆ ମାନଙ୍କର ଜଣେ ଘନିଷ୍ଠ ଶୁଭଚିନ୍ତକ ଓ ବରିଷ୍ଠ ମୁରବୀ ସଦୃଶ ଥିଲେ ବୋଲି ଦର୍ଶାଯାଇ ତାଙ୍କର ପରଲୋକରେ ଏନଆରଓ ମହଲରେ ଏକ ଅପୂରଣୀୟ ଶୂନ୍ୟତା ସୃଷ୍ଟି ହୋଇଥିବା ଉଲ୍ଲେଖ କରାଯାଇଛି। ଡଃ ପାତ୍ର ଓଡ଼ିଶାର ଆକାଶରେ ଜଣେ ଉଜ୍ଜ୍ୱଳ ତାରକା ଥିଲେ ବୋଲି ଉଲ୍ଲେଖ କରି ୱାଓସୋର ପ୍ରତିଷ୍ଠାତ୍ରୀ ଡଃ ଅରୁନ୍ଧତୀ ଦେବୀ, ତାଙ୍କର ପ୍ରସ୍ଥାନରେ ଏହି ତାରକା ଅସ୍ତମିତ ହୋଇଯାଇଥିବା ସୂଚାଇଥିଲେ। ୱାଓସୋ ର ଗଠନ ସମୟରେ କରୋନା ସଙ୍କଟକୁ ଭ୍ରୁକ୍ଷେପ ନକରି ଏହାର ପ୍ରଥମ ସଦସ୍ୟ ଡଃ ପାତ୍ର ଯେଉଁଭଳି ଆଯାଚିତ ସାହାଯ୍ୟ ଓ ଅକୁଣ୍ଠ ସହଯୋଗ ଯୋଗାଇ ଦେଇଥିଲେ, ସେଥିପାଇଁ ଏହି ସଂସ୍ଥା ଚୀରକାଳ ପାଇଁ ତାଙ୍କ ନିକଟରେ କୃତଜ୍ଞ ହୋଇ ରହିବ ବୋଲି ଡଃ ଦେବୀ କହିଥିଲେ। ବିଶ୍ୱର କୋଣ ଅନୁକୋଣରୁ ଡିଜିଟାଲ ଜରିଆରେ ଏହି ଶୋକସଭାରେ ଯୋଗ ଦେଇଥିବା ଏବଂ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତିମାନଙ୍କ ମଧ୍ୟରେ ଧୀରେନ୍ଦ୍ର କର, କୃପାନିଧି ବିଶ୍ୱାଳ, ସୁଧୀର କୁମାର ଦାଶ, ଶିବ ରଞ୍ଜନ ବିଶ୍ୱାଳ, ଅକ୍ଷୟ ମହାନ୍ତି, ଦେବେନ୍ଦ୍ର ମାଝୀ, ଜୀତେନ୍ଦ୍ର କୁମାର ନାୟକ, ଡଃ ବଦ୍ରି ମହାପାତ୍ର, ଡଃ ଚିଦାତ୍ମିକା ଖଟୁଆ, ଡଃ ରବି ନାରାୟଣ ବେହେରା, ଡଃ ସୀତାଂଶୁ ଶେଖର ନନ୍ଦ, ଉମାକାନ୍ତ ଜେନା, ପୀତାମ୍ବର ବାରିକ, ରୀତା ପାତ୍ର, କାବେରୀ ବେହେରା, ସତ୍ୟ ମହାନ୍ତି, ବିଶ୍ୱ ରଞ୍ଜନ ସାହୁ, ଜ୍ଞାନ ପ୍ରକାଶ ଜେନା ଓ ନନ୍ଦନ ଦ୍ୱିବେଦୀ ପ୍ରମୁଖ ଅନ୍ତର୍ଭୁକ୍ତ ଥିଲେ। ଶେଷରେ ୱାଓସୋର ବ୍ୟଞ୍ଜନ ବିଭାଗର ସହ ସାଧାରଣ ସମ୍ପାଦକ ପୁଷ୍ପାଞ୍ଜଳି ବାରିକ, ଡଃ ପାତ୍ରଙ୍କର ଅମର ଆତ୍ମା ପ୍ରତି ସାଙ୍ଗୀତିକ ଶ୍ରଦ୍ଧାଞ୍ଜଳି ଅର୍ପଣ କରି କେତେକ ସୁମଧୁର ଓ ସୁଲଳିତ ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ।




# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ.....

## କଂଗ୍ରେସରୁ ନିର୍ବାଚନ....

ପରିବାରର ସମସ୍ତ ସଦ୍ୟସ କହୁଛନ୍ତି କଂଗ୍ରେସ ଟିକେଟରୁ ନିର୍ବାଚନ ଲଢିବାକୁ । କିନ୍ତୁ ମୋର ବି ଅଧିକାରୀ ଅଛି । ମୁଁ ନିଷ୍ପତ୍ତି ନେବାରେ ସ୍ୱାଧୀନ । ତେଣୁ କେଉଁ ଦଳରୁ ଛିଡା ହେବି, କେଉଁ ଦଳକୁ ପସନ୍ଦ କରିବି । ତାହା କେବଳ ମୋ ନିଷ୍ପତ୍ତି । ମୋ ଉପରେ ନିଷ୍ପତ୍ତି ଥୋପାନଯାଉ । ଆଉ ୨୦ ଦିନ ଅପେକ୍ଷା କରନ୍ତୁ । କଂଗ୍ରେସରୁ କାହିଁକି ଛିଡା ହେବିନାହିଁ , ସେନେଇ ଖୁଲାସା କରିବି । ସୂଚନାଯୋଗ୍ୟ ଯେ, ଗତ ୨୦୧୯ରେ ବିଧାନସଭା ନିର୍ବାଚନରେ ଜଟଣୀ ନିର୍ବାଚନୀ ମଣ୍ଡଳୀରୁ କଂଗ୍ରେସ ନେତା ସୁର ରାଉତରାୟ ବିଜୟୀ ହୋଇଥିଲେ । ନିକଟତମ ପ୍ରତିଦ୍ୱନ୍ଦୀ ତଥା ବିଜେଡି ପ୍ରାର୍ଥୀ ବିଭୂତି ବଳବନ୍ତରାୟଙ୍କ ପରାସ୍ତ କରିଥିଲେ କଂଗ୍ରେସର ଏହି ବରିଷ୍ଠ ନେତା ସୁର ରାଉତରାୟ । ଏହି ନିର୍ବାଚନ ପରେ ଆଉ କୌଣସି ନିର୍ବାଚନରେ ଲଢିବେନାହିଁ ବୋଲି ଘୋଷଣା ବି କରିଥିଲେ ସୁର ରାଉତରାୟ । ତାଙ୍କ ବଦଳରେ ପୁଅ ମନ୍ମଥ ରାଉତରାୟ ଆଗାମୀ ନିର୍ବାଚନରେ ଜଟଣୀରୁ ଲଢିବେ ବୋଲି ଘୋଷଣା କରିଥିଲେ । ଆଉ ଏବେ ନିର୍ବାଚନ ପାଖେଇ ଆସୁଥିବାର ନିର୍ବାଚନୀ ମାହୋଲ ସରଗରମ ହୋଇଛି । ଏହିକ୍ରମରେ ମନ୍ମଥ ରାଉତରାୟଙ୍କ ବୟାନ ଚର୍ଚ୍ଚାକୁ ଖୋରକ ଯୋଗାଇଛି ।

## ବଜ୍ରପାତ ଜନିତ....

ଜାତୀୟ ବିପର୍ଯ୍ୟୟରେ ସାମିଲ ହେଲେ କେନ୍ଦ୍ର ଏହି ବିପତ୍ତିରେ ଅର୍ଥ ଦେବେ। କେନ୍ଦ୍ର ମନ୍ତ୍ରୀଙ୍କ ସହ ଏନେଇ ଆଲୋଚନା କରିଛୁ। ସେ ବିଚାର କରିବେ ବୋଲି କହିଥିବା ରାଜସ୍ୱମନ୍ତ୍ରୀ କହିଛନ୍ତି। ସୂଚନାରୁ ପ୍ରକାଶ, ପ୍ରତିବର୍ଷ ବଜ୍ରପାତରେ ଶହଶହ ଲୋକଙ୍କ ମୃତ୍ୟୁ ହେଉଛି। କାହାର ପୁଅ ମରିଯାଉଛି ତ ଆଉ କାହାର ବାପା ବା ମାଆଙ୍କ ମୃତ୍ୟୁ ହେଉଛି। ପୂରା ପରିବାର ବେସାହାରା ହୋଇଯାଉଛି। ଏଥିପାଇଁ ରାଜ୍ୟ ସରକାର ଜଣକା ୪ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ କରୁଛନ୍ତି। ସେଥିରେ କ'ଣ ଗୋଟିଏ ପରିବାର ସାରା ଜୀବନ ବଞ୍ଚିପାରିବ ?

## ସ୍ୱାମୀଜୀ ହତ୍ୟାକାରୀ....

ଦଙ୍ଗାରେ ବହୁ ଧନଜୀବନ ନଷ୍ଟ ହେଲା। କିନ୍ତୁ ଘଟଣାରେ କେତେ କ୍ଷୟକ୍ଷତି ହେଲା ଓ ସ୍ୱାମୀଜୀଙ୍କ ହତ୍ୟାକାରୀ କିଏ ଆଜି ଜଣାପଡିଲାନି। ରାଜ୍ୟ ସରକାର ଦୁଇ ଦୁଇଟି କମିଶନ ରିପୋର୍ଟ ପାଇଛନ୍ତି କିନ୍ତୁ ତା'କୁ ଜାଣିଶୁଣି ସାର୍ବଜନୀନ କରୁନାହାନ୍ତି। ଅତିଶୀଘ୍ର ରାଜ୍ୟ ସରକାର କମିଶନଙ୍କ ରିପୋର୍ଟକୁ ସାର୍ବଜନୀନ କରନ୍ତୁ। ଯାହା ଫଳରେ ସମସ୍ତେ ସତ୍ୟତା ଜାଣିପାରିବେ ବୋଲି ଅଜୟନ୍ତୀ ପ୍ରଧାନ କହିଛନ୍ତି। ତେବେ ଉଭୟ ବିରୋଧୀ ଦଳର ମନ୍ତବ୍ୟ ଉପରେ କନ୍ଧମାଳ ଜିଲ୍ଲା ବିଜେଡି ସଭାପତି ସରୋଜ କର୍ଣ୍ଣ ପ୍ରତିକ୍ରିୟା ରଖି କହିଛନ୍ତି, ଏହା ଏକ ସମ୍ବେଦନଶୀଳ ଘଟଣା। ତେଣୁ ସରକାର ଉପଯୁକ୍ତ ସମୟରେ ଏହାକୁ ନିଶ୍ଚିତ ପ୍ରକାଶ କରିବେ।

## କାଠ ଗଡ଼ାରେ....

ରାଜ୍ୟ ସରକାର, ବାଲେଶ୍ୱର ଜିଲ୍ଲାପାଳ, ଜିଲ୍ଲା ପଞ୍ଚାୟତ ଅଧିକରୀ ଓ ବାଲିଆପାଳ ବିଡିଓଙ୍କୁ ନୋଟିସ୍ ? ଜାରି କରିଛନ୍ତି। ସତ୍ୟପାଠ ମାଧ୍ୟମରେ ଜବାବ ଦାଖଲ କରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି। 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ପ୍ରକଳ୍ପ କାର୍ଯ୍ୟକାରୀ କରିବା ବେଳେ ପଞ୍ଚାୟତର ସ୍ୱାର୍ଥ ଓ ଗ୍ରାମସଭାର ସଂପୃକ୍ତି ରହିବା ଉପରେ ହାଇକୋର୍ଟ ଗୁରୁତ୍ୱ ଦେଇଛନ୍ତି। ସରକାରୀ କର୍ତ୍ତୃପକ୍ଷ ନିଜ ପ୍ରତିଶ୍ରୁତି ମାନିବାକୁ ବାଧ ବୋଲି ହାଇକୋର୍ଟ କହିଛନ୍ତ। ଆବେଦନକାରୀରେ ଦର୍ଶାଇଥିଲେ, ପଲ୍ଲୀସଭା ଓ ଗ୍ରାମସଭା ନଡାକି ପଞ୍ଚାୟତରେ ଉନ୍ନୟନମୂଳକ କାର୍ଯ୍ୟ ବିଭିନ୍ନ ବିଭାଗ ଦ୍ୱାରା ସଂପାଦନ କରାଯିବା ଆଇନ୍ ଅନୁସାରେ ଗ୍ରହଣୀୟ ନୁହେଁ। ସରକାର ଏକ ପ୍ରଶାସନିକ ଆଦେଶ ବଳରେ ଆଇନରେ ଥିବା ବ୍ୟବସ୍ଥାର ଉଲ୍ଲଂଘନ କରିପାରିବେ ନାହିଁ। ଯଦି ପଞ୍ଚାୟତକୁ ଅଣଦେଖା କରି ଗ୍ରାମରେ ଉନ୍ନୟନମୂଳକ କାର୍ଯ୍ୟ କରାଯାଏ, ତେବେ ତ୍ରିସ୍ତରୀୟ ପଞ୍ଚାୟତ ବ୍ୟବସ୍ଥା ଭୁଶୁଡି ପଡ଼ିବ। 'ଆମ ଓଡ଼ିଶା ନବୀନ ଓଡ଼ିଶା' ଯୋଜନାରେ ବିଭିନ୍ନ ସରକାରୀ ବିଭାଗ ବା ଜିଲ୍ଲାପାଳଙ୍କ ଦ୍ୱାରା ଚୟନ କରାଯାଇଥିବା ଏଜେନ୍ସି ମାଧ୍ୟମରେ ପ୍ରକଳ୍ପ କାର୍ଯ୍ୟ ସଂପାଦନ ପାଇଁ ରହିଥିବା ନିୟମ ବେଆଇନ ହୋଇଥିବାରୁ ଏହାକୁ ରଦ୍ଦ କରାଯାଉ। ଗ୍ରାମ ପଞ୍ଚାୟତ ଆଇନ୍ ଓ ନିୟମାବଳୀ ଅନୁସାରେ ଏହି ଯୋଜନାରେ ବିଭିନ୍ନ ପ୍ରକଳ୍ପ କାର୍ଯ୍ୟ କରାଯାଉ ବୋଲି ସରପଞ୍ଚମାନେ ଆବେଦନରେ ଉଲ୍ଲେଖ କରିଛନ୍ତି। ହାଇକୋର୍ଟଙ୍କ ଏପରି ନୋଟିସ୍ ପରେ ରାଜ୍ୟ ସରକାରଙ୍କ ଉପରେ ବର୍ଷିଛି ଜିଲ୍ଲା କଂଗ୍ରେସ।

## ୩ରୁ ୫ ଟଙ୍କା କମିବ ...

ନଭେମ୍ବର-ଡିସେମ୍ବରରେ ୫ ରାଜ୍ୟରେ ବିଧାନସଭା ନିର୍ବାଚନ ହେବ। ଏହାପୂର୍ବରୁ ଅର୍ଥାତ ଦୀପାବଳି ବେଳକୁ କେନ୍ଦ୍ର ସରକାର ପେଟ୍ରୋଲ ଓ ଡିଜେଲ ଦାମ ଲିଟର ପିଛା ୩ରୁ ୫ ଟଙ୍କା ହ୍ରାସ କରିବେ ବୋଲି ଜେଏମ ଫାଇନାନ୍ସିଆଲ ଇନଷ୍ଟିଚ୍ୟୁସନାଲ ସିକ୍ୟୁରିଟିଜ୍ ଗୋଟିଏ ରିପୋର୍ଟରେ ଏପରି ଦାବି କରିଛି। ଗତ ସପ୍ତାହରେ କେନ୍ଦ୍ର ସରକାର ୧୪.୨ କେଜି ଏଲପିଜି ସିଲିଣ୍ଡର ପିଛା ୨୦୦ ଟଙ୍କା ହ୍ରାସ କରିଥିଲେ। ଅଗଷ୍ଟ ୩୦ରୁ ଏହାର ଲାଭ ସମସ୍ତ ୩୩୦ ମିଲିୟନ ଗ୍ରାହକ ଉଠାଉଛନ୍ତି। ମୁଦ୍ରାସ୍ଫୀତିରେ ବର୍ଦ୍ଧିତ ଦରଦାମରୁ ଲୋକଙ୍କୁ ଏପରି ନିଷ୍ପତ୍ତି କିଛି ମାତ୍ରାରେ ଆଶ୍ୱସ୍ତ କରିଛି। କିନ୍ତୁ ଦାମ ହ୍ରାସ ଯୋଗୁ ସରକାରଙ୍କ ଉପରେ ଅତିରିକ୍ତ ଋଣ ବୋଝ ପଡ଼ିଛି। ଏବେ ପୁଣି ପେଟ୍ରୋଲ ଓ ଡିଜେଲର ଦାମ ଯଦି ହ୍ରାସ କରାଯିବ, ତା'ହେଲେ ସରକାରଙ୍କୁ ଆହୁରି ଅଧିକ ପରିମାଣର ରାଜସ୍ୱ କ୍ଷତି ସହିବାକୁ ପଡ଼ିବ।

## ବିଜେପି ଛାଡ଼ିଲେ ସୁଭାଷ....

ଦେଶକୁ ଏକାଠୀ କରିବାର ଏହା ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ଚନ୍ଦ୍ର ବୋଷ ତାଙ୍କ ଇସ୍ତଫା ପତ୍ରରେ ଦର୍ଶାଇଛନ୍ତି। ସେ ଆହୁରି ମଧ୍ୟ କହିଛନ୍ତି ଯେ ମୋର ଏହି ଉତ୍ସାହ ମୂଳକ ପଦକ୍ଷେପକୁ ନା କେନ୍ଦ୍ର ନେତୃତ୍ୱ ନା ପଶ୍ଚିମବଙ୍ଗ ବିଜେପି ନେତୃତ୍ୱ କାହା ପାଖରୁ ବି ସମର୍ଥନ ମିଳିଲା ନାହିଁ। ଏନେଇ ଏକ ପ୍ରସ୍ତାବ ଦେଇଥିଲେ ବି ମୋ ପ୍ରସ୍ତାବକୁ ଅଣଦେଖା କରାଗଲା ବୋଲି ଶ୍ରୀ ବୋଷ ଅଭିଯୋଗ କରିଛନ୍ତି। ସୂଚନା ଥାଉକି ଚନ୍ଦ୍ର କୁମାର ବୋଷଙ୍କୁ ୨୦୧୬ରେ ରାଜ୍ୟ ବିଜେପି ଉପସଭାପତି ଭାବେ ନିଯୁକ୍ତି ଦିଆଯାଇଥିଲା। ହେଲେ ୨୦୨୦ରେ ଦଳୀୟ ନେତୃତ୍ୱ ପରିବର୍ତ୍ତନରେ ତାଙ୍କୁ ଏହି ପଦରୁ ବାହାର କରାଯାଇଥିଲା। ପଢ଼ନ୍ତୁ-ମନ୍ତ୍ରୀ ପରିଷଦ ବୈଠକର ମୋଦୀଙ୍କ ପରାମର୍ଶ: ସନାତନ ବିରୋଧୀ ମନ୍ତବ୍ୟର ଉଚିତ ଜବାବ ଦିଅ, ଭାରତ ନାମକରଣରେ ପ୍ରସଙ୍ଗରେ ନିରବ ରୁହ ତେବେ ସୂଚନା ଥାଉକି ଚନ୍ଦ୍ର କୁମାର ବୋଷ ଅନେକ ସମୟରେ ବେଙ୍ଗଲ ବିଜେପି ନେତୃତ୍ୱଙ୍କ ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ। ଏଥିସହିତ ୨୦୧୯ରେ କେନ୍ଦ୍ର ସରକାର ଆଣିଥିବା ସିଏଏ ନିୟମକୁ ମଧ୍ୟ ସେ ବିରୋଧ କରିଥିଲେ।

# ଜଳେଶ୍ୱର ଅଟୋରିକ୍ସା ମାଲିକ ସଂଘ ନୂତନ କର୍ମକର୍ତ୍ତା ନିର୍ବାଚନ

ଜଳେଶ୍ୱର , ୦୬/୦୯ (ନି.ପ୍ର): ଜଳେଶ୍ୱର ଡାକବଂଗଳା ପରିସରରେ ଅଟୋରିକ୍ସା ମାଲିକ ସଂଘରର ତ୍ରିବାର୍ଷିକ ନିର୍ବାଚନ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ସଭାପତିଭାବେ କମଳା ଚକ୍ରବର୍ତ୍ତୀ, କାର୍ଯ୍ୟକାରୀ ସଭାପତିଭାବେ ଅଶୋକ ଦାସ, ଉପସଭାପତି ଅଶୋକ ସାହୁ ଓ ସତ୍ୟରଂଜନ ଦତ୍ତ, ସଂପାଦକ ଗଣେଶଚନ୍ଦ୍ର ପାଳ, ସହସଂପାଦକ ଚନ୍ଦ୍ର ଦାସ, ମନୋଜ ବେହେରା, କୋଷାଧ୍ୟକ୍ଷ ପ୍ରଶାନ୍ତ ପଣ୍ଡା ନିର୍ବାଚିତ ହୋଇଛନ୍ତି । କାର୍ଯ୍ୟକାରୀ ସଦସ୍ୟଭାବେ ମହେନ୍ଦ୍ର ରଣା, ଦେବିପ୍ରସାଦ ଦାସ, ଗଦାଧର ସୁର, ରଂଜନ ପଲାଇ, ଅଭିଜିତ୍ ପାଲ, ତାପସ ଦାସ, ସମ୍ଭୁ କାହାଲିଙ୍କୁ ମନୋନୀତ କରାଯାଇଛି ।

# ପଞ୍ଚଲିଙ୍ଗେଶ୍ୱର ଶୈବପୀଠ ଏବଂ ଏହାର ପାରିପାର୍ଶିକ ପ୍ରକଳ୍ପ ଉନ୍ନତିକରଣର ସମୀକ୍ଷା କଲେ ଜିଲ୍ଲାପାଳ



ନୀଳଗିରି , ୦୬/୦୯ (ନି.ପ୍ର): ଉତ୍ତର ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ବାବା ପଞ୍ଚଲିଙ୍ଗେଶ୍ୱର ଓ ଏହାର ଚତୁରପାର୍ଶ୍ୱ ର ସାମଗ୍ରିକ ବିକାଶ ପାଇଁ ରାଜ୍ୟ ସରକାର ୧୫ କୋଟି ୫୮ଲକ୍ଷ ଟଙ୍କାର ମାଷ୍ଟର ପ୍ଲାନକୁ ତ୍ୱରାନ୍ୱିତ କରିବା ପାଇଁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉ ସାହେବ ସୀନ୍ଧେ ବୁଧୁବାର ପଞ୍ଚଲିଙ୍ଗେଶ୍ୱର ଗସ୍ତ କରିଥିଲେ। ପୂର୍ବାହ୍ନରେ ପଞ୍ଚଲିଙ୍ଗେଶ୍ୱର ବସଷ୍ଟାଣ୍ଡ ନିକଟ ମିଶନଶକ୍ତି କାଫେ ରେ ଆୟୋଜିତ ସମୀକ୍ଷା ବୈଠକରେ ଜିଲ୍ଲାପାଳଙ୍କ ସହ ନୀଳଗିରି ଉପଜିଲ୍ଲାପାଳ ମନ୍ଦରଧର ମହାଲିକ, ବାଲେଶ୍ୱର ପର୍ଯ୍ୟଟନ ବିଭାଗ ଅଧିକାରୀ, ଔପଦା ବିଡିଓ, ନୀଳଗିରି ଅତିରିକ୍ତ ତହସିଲଦାର , କୁଳଡିହା ରେଞ୍ଜର ସମେତ ସ୍ଥାନୀୟ ସରପଞ୍ଚ ଓ ବହୁ ବୁଦ୍ଧିଜୀବୀ ଉପସ୍ଥିତ ରହିଥିଲେ। ପରେ ମନ୍ଦିର ପରିଦର୍ଶନ କରିବା ସହିତ ମା ବଡ଼ମ୍ମା ଠାକୁରାଣୀ ପୀଠକୁ ଯାଇ ଦର୍ଶନ କରି ଯଥାଶୀଘ୍ର ପୀଠର ଉନ୍ନତି କରଣ ଆରମ୍ଭ ପାଇଁ ସମସ୍ତ ବିଭାଗକୁ ସହଯୋଗ କରିବା ପାଇଁ ନିର୍ଦ୍ଦେଶ ଦେଇଥିଲେ। ଶୈବପୀଠରେ ଦୋକାନ କରି ବ୍ୟବସାୟ କରୁଥିବା ସମସ୍ତ ଦୋକାନୀଭାଇ ମାନଙ୍କୁ ଏକମାସ ମଧ୍ୟରେ ଥଇଥାନ କରିବାର ପ୍ରତିଶୃତି ଜିଲ୍ଲାପାଳ ଦେଇଛନ୍ତି।

# 'ମୁ ବି ମିତା' ଅଭିଯାନର ଶୁଭାରମ୍ଭ

ବାରିପଦା , ୦୬/୦୯ (ନି.ପ୍ର): ରାଜ୍ୟ ନିର୍ବାଚନ ଅଧିକାରୀ ଙ୍କ ନିର୍ଦ୍ଦେଶ କ୍ରମେ ଆଜି ମୟୁରଭଞ୍ଜ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷ ଠାରେ ବିଭିନ୍ନ ମହାବିଦ୍ୟାଳୟରୁ ଆସିଥିବା ୧୭ ବର୍ଷ ବୟସରୁ ଉର୍ଦ୍ଧ୍ୱ ଛାତ୍ରୀମାନଙ୍କୁ ନେଇ ମୁଁ ବି ମିତା ଅଭିଯାନର ଶୁଭାରମ୍ଭ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ବିନୀତ ଭରଦ୍ୱାଜ ଯୋଗ ଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଜିଲ୍ଲାପାଳଙ୍କ ନିର୍ବାଚନ ପ୍ରତିନିଧି ଦୁର୍ଗା ଚରଣ ମୁର୍ମୁ ମୁଁ ବି ମିତାର ପରିକଳ୍ପନା ଏବଂ ଏହାର ଆଭିମୁଖ୍ୟ ବିଷୟରେ ଆଲୋଚନା କରିଥିବା ବେଳେ, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ, ବାରିପଦା ଉପଜିଲ୍ଲାପାଳ ଈଶ୍ୱର ଚନ୍ଦ୍ର ନାଏକ ପ୍ରମୁଖ ଯୋଗଦେଇ ଭୋଟର ତାଲିକାର ସଂଶୋଧନ, ନାମ ପଞ୍ଜିକରଣ ଅନ୍ୟାନ୍ୟ ସମସ୍ତ ପ୍ରକ୍ରିୟା ସମ୍ବନ୍ଧରେ ବିସ୍ତୃତ ଭାବେ ବର୍ଣ୍ଣନା କରିବା ସହ ଗଣତନ୍ତ୍ରକୁ ସୁରକ୍ଷିତ ତଥା ସୁଦୃଢ କରିବାରେ ଭୋଟଦାତାଙ୍କ ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଏହି ଅବସରରେ ଘରେ ବସି କିଭଳି ମୋବାଇଲ ଫୋନ ଜରିଆରେ ନିଜେ ଅନଲାଇନରେ ଭୋଟର ତାଲିକାରେ ନିଜ ନାମ ପଞ୍ଜିକରଣ ସହିତ ନୂତନ ଭୋଟର ପରିଚୟ ପତ୍ର ପ୍ରାପ୍ତ କରିପାରିବେ ସେ ବିଷୟରେ ମଧ୍ୟ ପ୍ରଶିକ୍ଷଣ ଦିଆଯାଇଥିଲା । କର୍ମଶାଳାରେ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ବିକାଶ ରଞ୍ଜନ ମହାନ୍ତି, ବିଭିନ୍ନ ମହାବିଦ୍ୟାଳୟର ଛାତ୍ରୀ, ଅଧ୍ୟାପକ, ଜିଲ୍ଲା ନିର୍ବାଚନ କାର୍ଯ୍ୟାଳୟର କର୍ମଚାରୀ ମାନେ ଯୋଗ ଦେଇଥିଲେ ।

# ଗୁରୁଦିବସରେ ଜିଲ୍ଲାସ୍ତରୀୟ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ



ବାରିପଦା , ୦୬/୦୯ (ନି.ପ୍ର): ସ୍ଥାନୀୟ ସହିଦ ସ୍ମୃତି ଭବନ ପରିସରରେ ମୟୁରଭଞ୍ଜ ଜିଲ୍ଲା ଶିକ୍ଷକ ସମନ୍ୱୟ ସମିତି ଆନୁକୂଲ୍ୟରେ ପବିତ୍ର ଗୁରୁ ଦିବସ ଅବସରରେ ଜିଲ୍ଲା ସ୍ତରୀୟ ଶିକ୍ଷକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଅବସର ରେ ମୁଖ୍ୟ ଅତିଥି ଭାବେ ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ମନ୍ତ୍ରୀ ବାସନ୍ତୀ ହେମ୍ବ୍ରମ, ସମ୍ମାନିତ ଅତିଥି ଭାବରେ ବିଧାୟକ ରାଜକିଶୋର ଦାସ, ଜିଲ୍ଲା ପରିଷଦ ସଭାପତି ଭାରତୀ ହାଁସଦା, ସ୍ୱତନ୍ତ୍ର ଉନ୍ନୟନ ପରିଷଦ ଅଧ୍ୟକ୍ଷ ଡଃ ଦେବାଶିଷ ମାର୍ଣ୍ଡି, ବାରିପଦା ନଗରପାଳ କୃଷ୍ଣଓନନ୍ଦ ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ ଅକ୍ଷୟ ସୁନୀଲ ଅଗ୍ରୱାଲ ଏବଂ ମୁଖ୍ୟ ବକ୍ତା ଭାବରେ ଜିଲ୍ଲା ଶିକ୍ଷା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ସେଠୀ ପ୍ରମୁଖ ଉପସ୍ଥିତ ରହି ସୁସ୍ଥ ସମାଜ ଗଠନରେ ଶିକ୍ଷକମାନଙ୍କର ଭୂମିକା ଉଲ୍ଲେଖନୀୟ ବୋଲି ପ୍ରକାଶ କରିଥିଲେ ଓ ଏହି ଉତ୍ସବରେ ଜିଲ୍ଲାର ୨୬ ଗୋଟି ବ୍ଲକର ମୋଟ ୬୦୦ ଶିକ୍ଷକ ଶିକ୍ଷୟତ୍ରୀ ଯୋଗ ଦେଇଥିବା ବେଳେ, ପ୍ରତି ବ୍ଲକରୁ ବିଭିନ୍ନ ବିଭାଗରୁ ୬ ଜଣ ଲେଖାଏଁ କୃତୀ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ତଥା ୩୩ ଜଣ ଅବସର ପ୍ରାପ୍ତ ଶିକ୍ଷକ ଶିକ୍ଷୟିତ୍ରୀଙ୍କୁ ମାନପତ୍ର ଓ ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା ଓ ଶିକ୍ଷକ ସୋମନାଥ ସିଂହ, ଯାମିନୀକାନ୍ତ ପଣ୍ଡା ଓ ହରେନ୍ଦ୍ର ମହାନ୍ତ ମଞ୍ଚ ପରିଚାଳନା କରିଥିବା ବେଳେ, ଗଦାଧର ନାୟକ ଧନ୍ୟବାଦ ଅର୍ପଣ କରିଥିଲେ ଓ ଶିକ୍ଷକ ସମନ୍ୱୟ ସମିତିର ଅଧ୍ୟକ୍ଷ ପୂର୍ଣ୍ଣାନନ୍ଦ ଆଚାର୍ଯ୍ୟଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ଆଭାହକ ବିମଳ କୁମାର ଆଚାର୍ଯ୍ୟ ସ୍ୱାଗତ ଅଭିଭାଷଣ ଦେଇଥିବା ବେଳେ ଅନ୍ୟ ମାନଙ୍କ ମଧ୍ୟରେ ସଂଯୋଜକ ହରେକୃଷ୍ଣ ବାରିକ, ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସଭାପତି ଆରତ କୁମାର ପରିଡା, ଜିଲ୍ଲା ନୂତନ ପ୍ରାଥମିକ ଶିକ୍ଷକ ସଙ୍ଘର ସମ୍ପାଦକ ରାଜେନ୍ଦ୍ର କୁମାର ମହାନ୍ତ, ଜିଲ୍ଲା ଏକ୍ସ କେଡର ଶିକ୍ଷକ ସଂଘର ସଭାପତି ଛବିଲତା ବାରିକ ଓ ଜିଲ୍ଲା ଜୁନିୟର ଶିକ୍ଷକ ସଂଘର ସଭାପତି ରାକେଶ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

# ମୁନି ଶିରୋମଣି ରୂହ୍ୟାଜୀ ମହାରାଜଙ୍କ ଶ୍ରଦ୍ଧାଞ୍ଜଳି ସହିତ ଯୋଗୀ ରତ୍ନାକର ଖୁଣ୍ଟିଆଙ୍କ ଶ୍ରଦ୍ଧାଞ୍ଜଳି ଦିବସ ପାଳନ




ରୂପସା , ୦୬/୦୯ (ନି.ପ୍ର): ହାତିଆଡିହା ଶିବମୁନି ଯୋଗଶିକ୍ଷାକେନ୍ଦ୍ର ର ପ୍ରାଣ ପ୍ରତିଷ୍ଠାତା ଦିବଙ୍ଗତ ଯୋଗୀ ରତ୍ନାକର ଖୁଣ୍ଟିଆଙ୍କ ୧୫ ତମ ଶ୍ରଦ୍ଧାଞ୍ଜଳୀ ଦିବସ ପାଳନ ସହିତ ,ସାଧନା-ସିଦ୍ଧ-ସାଧକ ମୁନି ଶିରୋମଣି ରୂହ୍ୟାଜୀ ମହାରାଜଙ୍କ ୧୬ ତମ ଶ୍ରଦ୍ଧାଞ୍ଜଳୀ ଦିବସ, ଅଖିଳ ଭୂମଣ୍ଡଳୀୟ ସର୍ବଶିରୋମଣି ମୁନି ସମାଜ ଓଡିଶା ପ୍ରାନ୍ତର ସହ ସମ୍ପାଦକ, ଆତ୍ମଜ୍ଞାନୀ ଯୋଗୀ ଚିତ୍ତରଞ୍ଜନ ମୁନିଜୀ ମହୋଦୟ ଙ୍କ ସଭାପତିତ୍ୱରେ ମହା ସମାରୋହରେ ପାଳିତ ହୋଇଯାଇଛି। ପ୍ରଥମେ ସମୂହ ପ୍ରଣବ ଶୁଭ ଭାବନା କରି, ଶିବମୁନି, ରୂହ୍ୟାଜୀ ମହାରାଜ ଏବଂ ଯୋଗୀ ରତ୍ନାକର ଖୁଣ୍ଟିଆଙ୍କ ଫଟୋ ଚିତ୍ରରେ ସମସ୍ତେ ପୁଷ୍ପାଞ୍ଜଳୀ ପ୍ରଦାନ କରିଥିଲେ । ମୁଖ୍ୟ ଅତିଥି ହିସାବରେ ଯୋଗଦାନ କରିଥିଲେ, ଆତ୍ମଜ୍ଞାନୀ ଯୋଗୀ ମଧୁସୂଦନ ପଣ୍ଡା ମହୋଦୟ । ମୁଖ୍ୟ ବକ୍ତା ହିସାବରେ ଯୋଗଦାନ କରିଥିଲେ, ସାନଖୁଡୀ ଯୋଗାଶ୍ରମରୁ ଆସିଥିବା ଆତ୍ମଜ୍ଞାନୀ ଯୋଗଶିକ୍ଷୟତ୍ରୀ ସୁବାସିନୀ ମହାନ୍ତି ମହୋଦୟା। ସମ୍ମାନୀତ ଅତିଥି ହିସାବରେ ଯୋଗଦାନ କରିଥିଲେ ବାଖରାବାଜ ଶିବମୁନି ଯୋଗାଶ୍ରମ ରୁ ଆସିଥିବା ଆତ୍ମଜ୍ଞାନୀ ଯୋଗୀ ଶଙ୍କର ପାଲ ମହୋଦୟ , ମୁନିରାଜ ଅମୂଲ୍ୟ ମୁନିଜୀ ମହୋଦୟ, ମୁନିରାଜ ଚନ୍ଦ୍ରମୋହନ ମୁନିଜୀ ମହୋଦୟ ।ଅତିଥି ମାନଙ୍କୁ ମଞ୍ଚକୁ ଆବାହନ କରିଥିଲେ ହାତିଆଡିହା ଶିବମୁନି ଯୋଗାଶ୍ରମର ବରିଷ୍ଠ ଯୋଗ ସାଧକ ଯୋଗୀ ପରମାନନ୍ଦ ମୁନି ଜୀ ମହୋଦୟ। ସେ ତାଙ୍କ ପରମ ପୂଜ୍ୟ ଗୁରୁଦେବ ରୂହ୍ୟାଜୀ ଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଆଶ୍ରମର କୋଷାଧ୍ୟକ୍ଷ ଯୋଗୀ ଭିକାରି ଚରଣ ମୁନି ଏବଂ ଯୋଗଶିକ୍ଷୟତ୍ରୀ କଳ୍ପନା ମିସ୍ତ୍ରୀ ମହୋଦୟା ଯୋଗୀ ରତ୍ନାକର ଖୁଣ୍ଟିଆଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। କଣ୍ଠଶିଳ୍ପୀ ଯୋଗ ଶିକ୍ଷୟତ୍ରୀ ମଞ୍ଜୁଲତା ବେହେରା ମୁନି ସଙ୍ଗୀତ ଗାନ କରିଥିଲେ । ଯୋଗୀ ହରେକୃଷ୍ଣ ମୁନି ରୂହ୍ୟାଜୀ ଙ୍କ ସାଧନା ଉପରେ ଆଲୋକପାତ କରିଥିଲେ। ମୁନିରାଜ ଗଉରହରି ବାରିକ, ମୁନିରାଜ୍ଞୀ ଶକୁନ୍ତଳା ପରିଡ଼ା, ବାସନ୍ତୀ ମହାଲିକ, ସୁମତୀ ଦଳାଇ, ମୁନିମତୀ ଫୁଲମଣୀ ବେହେରା ଇତ୍ୟାଦି ଯୋଗ ସାଧନ କରି କିପରି ଉପକୃତ ହୋଇଛନ୍ତି ତାହା ପ୍ରକାଶ କରିଥିଲେ ।ମୁନି ଚିତ୍ତରଞ୍ଜନ ବର,ମୁନିମତୀ ପୂର୍ଣ୍ଣିମା ବର,ମୁନିକୁମାରୀ ମିନତୀ ବର,ଆଶ୍ରମର ଉପାଧ୍ୟକ୍ଷା ମୁନିରାଜ୍ଞୀ କନକଲତା ମହାପାତ୍ର,ମୁନି ନାରାୟଣ ମହାପାତ୍ର, ମୁନିରାଜ୍ଞୀ ବିମଳା ଲେଙ୍କା ଇତ୍ୟାଦିଙ୍କ ସମ୍ପୂର୍ଣ୍ଣ ସହଯୋଗରେ ଶ୍ରଦ୍ଧାଞ୍ଜଳି ଦିବସ ସଫଳତା ଲାଭ କରିଥିଲା। ଶତାଧିକ ମୁନି ମୁନିମତୀ, ମୁନିକୁମାର ମୁନିକୁମାରୀ ମାନେ ଉପସ୍ଥିତ ଥିଲେ ।ଶେଷରେ ଆଶ୍ରମର ସମ୍ପାଦକ ଯୋଗୀ ରାମଚନ୍ଦ୍ର ବେହେରା ସମସ୍ତଙ୍କୁ ଧନ୍ୟବାଦ ପ୍ରଦାନ କରି ସ୍ୱାଦିଷ୍ଟ ଏକାତ୍ମ ସୁସ୍ୱାଦୁ ବ୍ୟଞ୍ଜନରେ ଆପ୍ୟାୟିତ କରିଥିଲେ ।

# କଥକ ଶାସ୍ତ୍ରୀୟ ନୃତ୍ୟ ସହିତ ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତରେ ଦର୍ଶକ ବିଭୋର

ଭୁବନେଶ୍ୱର, ୦୬/୦୯ (ନି.ପ୍ର): ସୃଜନ ଅନୁଷ୍ଠାନ ତଥା ଶ୍ରୀ ଶ୍ରୀ ବିଶ୍ୱବିଦ୍ୟାଳୟ ଦ୍ୱାରା ଆୟୋଜିତ ୨୯ ତମ ଓଏମ୍‌ସି ଗୁରୁ କେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଦ୍ୱିତୀୟ ସନ୍ଧ୍ୟାରେ କଥକ ନୃତ୍ୟ ସାଙ୍ଗକୁ ହିନ୍ଦୁସ୍ଥାନୀ ଶାସ୍ତ୍ରୀୟ ସଙ୍ଗୀତର କାର୍ଯ୍ୟକ୍ରମ ରବିନ୍ଦ୍ର ମଣ୍ଡପରେ ଦେଖିବାକୁ ମିଳିଥିଲା । ମୁଖ୍ୟ ଅତିଥି ଭାବେ ରାଜ୍ୟ ପର୍ଯ୍ୟଟନ, ଓଡିଆ ଭାଷା, ସାହିତ୍ୟ, ସଂସ୍କୃତି ଓ ଅବକାରୀ ମନ୍ତ୍ରୀ ଅଶ୍ୱିନୀ କୁମାର ପାତ୍ର; ପୂର୍ବତଟ ରେଲୱେ ମହା ପରିଚାଳକ ମନୋଜ ଶର୍ମା; ବିଶିଷ୍ଟ ଗାୟକ ତଥା ନିର୍ଦ୍ଦେଶକ ଲକ୍ଷ୍ମୀକାନ୍ତ ପାଲିତ; ପାରାଦୀପ ଫସଫେଟ୍ ଲିମିଟେଡ୍‌ର କର୍ପୋରେଟ୍ ଆଫେୟାର୍ସ ମୁଖ୍ୟ ସୁଧୀ ରଂଜନ ମିଶ୍ର ଏବଂ ସୃଜନର ନିର୍ଦ୍ଦେଶକ ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ପୂର୍ବକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ଦ୍ୱିତୀୟ ସଂଧ୍ୟାର ପ୍ରଥମ ଉପସ୍ଥାପନରେ ଥିଲା କଥକ ନୃତ୍ୟ ଯାହାକୁ ପରିବେଷଣ କରିଥିଲେ ବିଶିଷ୍ଟ କଥକ ନୃତ୍ୟାଙ୍ଗନା ଶିଲା ମେହେଟ୍ଟା । ସେ ପ୍ରଥମେ ଶିବ ସ୍ତୁତି ପରେ ପରେ ପରିବେଷଣ କରିଥିଲେ ଭବ ତିହାଇ ଯାହା ତିନ ତାଲ ଉପରେ ନିବଦ୍ଧ ଥିଲା ଏବଂ ଶେଷରେ ଶ୍ରୀକୃଷ୍ଣ ଓ ଅର୍ଜୁନଙ୍କ କୋଥପକଥନ ଗୀତା ଆଶର ପରିବେଷଣ କରିଥିଲେ। ଶରୀରର ପ୍ରତ୍ୟେକ ଗତିବିଧି, ଅଙ୍ଗଭଙ୍ଗୀ, ଭାବପ୍ରବଣ ପଦକ୍ଷେପ, ତାଳର ଲହରୀ ଏବଂ ସଙ୍ଗୀତର ସ୍ୱର ସହିତ ପାଦଚାଳନା ଯାହା ତାଙ୍କର ନୃତ୍ୟକୁ ଅଧିକ ଚମତ୍କାର ଏବଂ ଆକର୍ଷଣୀୟ କରିଥିଲା । ତାଙ୍କୁ ତବଲାରେ ବିବେକ ମିଶ୍ର ଓ ଅମିତାଂଶୁ କୁମାର ବ୍ରହ୍ମା, ସରୋଦରେ ସୁନାଦୋ ମୁଖାର୍ଜୀ ଏବଂ କଣ୍ଠରେ ଜୟଦ୍ୱୀପ ସିହ୍ନା ସହଯୋଗ କରିଥିଲେ । ଦ୍ୱିତୀୟ ଉପସ୍ଥାପନରେ ଥିଲା ଜୟତୀର୍ଥ ମେଭୁଣ୍ଡୀଙ୍କ ଦ୍ୱାରା ହିନ୍ଦୁସ୍ଥାନୀ କଣ୍ଠ ସଙ୍ଗୀତ ପରିବେଷଣ । ପବିତ୍ର ଜନ୍ମାଷ୍ଟମୀ ଉପଲକ୍ଷେ ସେ ଶ୍ରୀକୃଷ୍ଣଙ୍କ ଉପରେ ବିଭିନ୍ନ ଭଜନ ପରିବେଷଣ କରିଥିଲେ। ନିଖୁଣ ଓ ସୁନ୍ଦର ରାଗ ବିସ୍ତାର, ତାନ ଓ ସରଗମର ବିଭିନ୍ନ କ୍ରିୟାତ୍ମକ ପରିବେଷଣ, ସୁଲଳିତ କଣ୍ଠରେ ବିଭିନ୍ନ କଳାକୌଶଳ ପ୍ରୟୋଗ ଇତ୍ୟାଦି ଦ୍ୱାରା ଉପସ୍ଥିତ ବିଦଗ୍ଧ ଶ୍ରୋତାମାନଙ୍କୁ ସେ ମନ୍ତ୍ରମୁଗ୍ଧ କରିଥିଲେ। ଜୟତୀର୍ଥ ମେଭୁଣ୍ଡୀଙ୍କୁ ସହଯୋଗ କରିଥିଲେ ହାରମୋନିୟମ ରେ ଅନୁସୁଲା ମୋରେ ଏବଂ ତବଲାରେ ନରହରି ଭି.। ଏହି କାର୍ଯ୍ୟକ୍ରମଟି ସୃଜନ ଅନୁଷ୍ଠାନର ଫେସବୁକ୍ ପେଜ୍ ଏବଂ ୟୁଟ୍ୟୁବ୍ ଚ୍ୟାନେଲରେ ସିଧା ପ୍ରସାରଣ କରାଯାଉଅଛି। ଏହି ଉତ୍ସବର ପରିକଳ୍ପନା ଗୁରୁ ରତିକାନ୍ତ ମହାପାତ୍ରଙ୍କ ଦ୍ୱାରା କରାଯାଇଥିବା ବେଳେ ଏହାକୁ କାର୍ଯ୍ୟକାରୀ ଦେବୀପ୍ରସାଦ ମିଶ୍ର କରିଥିଲେ । ଏହି କାର୍ଯ୍ୟକ୍ରମଟିକୁ ଡଃ. ମୃତ୍ୟୁଞ୍ଜୟ ରଥ ପରିଚାଳନା କରିଥିଲେ ।

ଧ୍ୱନି ପ୍ରତିଧ୍ୱନି

ପୃଷ୍ଠା

# ଏସ୍‌ଏସ୍‌ବି ଅଧ୍ୟାପକଙ୍କ କଳାବ୍ୟାଜ ପରିଧାନ




ଭଦ୍ରକ, ୦୬/୦୯ (ନି.ପ୍ର): ରାଜ୍ୟ ସିଲେକ୍ସନ୍ ବୋର୍ଡ ଦ୍ୱାରା ୨୦୧୬, ୨୦୧୯ ଓ ୨୦୨୨ ମସିହାରେ ତ୍ରି ସ୍ତରୀୟ ମନୋନୟନ ପ୍ରକ୍ରିୟାରେ ସଫଳ ହୋଇ ରାଜ୍ୟର ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟ ମାନଙ୍କରେ ନିଯୁକ୍ତ ଅଧ୍ୟାପକମାନେ ଦୀର୍ଘ ଦିନ ଧରି ୪୬୦୦ ରୁ ୫୪୦୦ କୁ ଗ୍ରେଡ଼ ପେ ବୃଦ୍ଧି ପାଇଁ ସରକାରଙ୍କ ନିକଟରେ ଦାବି କରି ଆସୁଛନ୍ତି। ଯେଉଁ ସ୍କେଲରେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଆଦର୍ଶ ବିଦ୍ୟାଳୟ ପ୍ରଭୃତି ଅନୁଷ୍ଠାନରେ କାର୍ଯ୍ୟରତ ଶିକ୍ଷକ ମାନଙ୍କ ପେ ସ୍କେଲ ଠାରୁ ଊଣା। ଏସ୍‌ଏସ୍‌ବି ଅଧ୍ୟାପକମାନେ ଡିଗ୍ରୀ ଶ୍ରେଣୀରେ ଶିକ୍ଷା ଦାନ କରୁଥିବା ବେଳେ, ସରକାରୀ ଉଦାସୀନତା ଓ ବୈମାତୃକ ମନୋଭାବ ଯୋଗୁଁ ଅଧ୍ୟାପକମାନଙ୍କୁ ପ୍ରକୃତ ଯୋଗ୍ୟତା ଓ କାର୍ଯ୍ୟ ଦକ୍ଷତା ଭିତ୍ତିରେ ଦରମା ପ୍ରଦାନ କରାଯାଉନଥିବା ଏକ ପରିତାପର ବିଷୟ। ମାନ୍ୟବର ମୁଖ୍ୟମନ୍ତ୍ରୀ, '୫ଟି' ସଚିବ ଓ ଉଚ୍ଚ ଶିକ୍ଷା ସଚିବଙ୍କୁ ଦାବୀ ଜଣାଇବା ପରେ କୌଣସି ସୁଫଳ ନ ମିଳିବାରୁ ରାଜ୍ୟ ସିଲେକ୍ସନ୍ ବୋର୍ଡ ଅଧ୍ୟାପକ ସଂଘର ସଭାପତି ସରୋଜ କାନ୍ତ ନାୟକଙ୍କ ଆହ୍ୱାନ କ୍ରମେ ସାରା ରାଜ୍ୟରେ ଏସ୍‌ଏସ୍‌ବି ଅଧ୍ୟାପକମାନେ ଆଜି ପବିତ୍ର ଗୁରୁ ଦିବସ ଠାରୁ କଳାବ୍ୟାଜ ପରିଧାନ ପୂର୍ବକ ସରକାରୀ ଉଦାସୀନତାକୁ ପ୍ରତିବାଦ କରିବାର ନିଷ୍ପତ୍ତି ନେଇଛନ୍ତି। ଉତ୍ତର ଓଡ଼ିଶା ଏସ୍‌ଏସ୍‌ବି ଜୋନର ସଦସ୍ୟ ସୁଧାଂଶୁ ଶେଖର ପଣ୍ଡା, ଭଦ୍ରକ ଜିଲ୍ଲା ସଂଘର ସଭାପତି ପ୍ରବୀର କୁମାର ମହାପାତ୍ର, ସମ୍ପାଦକ ଡଃ ଅଭୟ କୁମାର ଦାସ, କୋଷାଧ୍ୟକ୍ଷ ଲକ୍ଷ୍ମୀଧର ଦାସ, କଲେଜ ସଂଯୋଜକ ଭାବରେ ଭଦ୍ରକ ମହିଳା ମହାବିଦ୍ୟାଳୟର ଡଃ ମନୋଜ କୁମାର ସାହୁ, ଚାନ୍ଦବାଲି ମହାବିଦ୍ୟାଳୟର ଶାନ୍ତନୁ କୁମାର ନାୟକ, ଧାମନଗର କଲେଜର ଆଶୀର୍ବାଦ ମହାନ୍ତି, ବନ୍ତ କଲେଜର ଆଦିତ୍ୟ ନାରାୟଣ ବାରିକ, ନାଥାମୀ କଲେଜର ରାମଚନ୍ଦ୍ର ମହାନ୍ତି, ବିଏନ୍‌ଏମ୍‌ଏ କଲେଜର ଡଃ ମନୋଜ କୁମାର ମହାନ୍ତି, ଅଟଳ ବିହାରୀ କଲେଜର ଗିରିଧାରୀ ପ୍ରସାଦ ଦାସ, ଚରମ୍ପା ମହାବିଦ୍ୟାଳୟ ସିଦ୍ଧାନ୍ତ ଲାଲ ପ୍ରମୁଖଙ୍କ ନେତୃତ୍ୱରେ ଭଦ୍ରକ ଜିଲ୍ଲାର ସମସ୍ତ ଅନୁଦାନ ପ୍ରାପ୍ତ ବେସରକାରୀ ମହାବିଦ୍ୟାଳୟର ଏସ୍‌ଏସ୍‌ବି ଅଧ୍ୟାପକମାନେ କଳାବ୍ୟାଜ ପରିଧାନ କରି ସରକାରଙ୍କ ନିରବତା ଅବଲମ୍ବନ ନୀତିକୁ ପ୍ରତିବାଦ ଜଣାଇଥିଲେ।

# ଡ.ରମାକାନ୍ତ ବେହେରାଙ୍କୁ ଆନ୍ତର୍ଜାତିକ ସମ୍ମାନ

ବାଲେଶ୍ୱର, ୦୬/୦୯ (ନି.ପ୍ର): ପବିତ୍ର ଗୁରୁଦିବସରେ 'ଡ. ସର୍ବପଲ୍ଲି ରାଧାକୃଷ୍ଣନ୍ ଆନ୍ତର୍ଜାତିକ ଏୱାର୍ଡ ଅଫ୍ ଅନର' ଡ. ରମାକାନ୍ତ ବେହେରାଙ୍କୁ ଜୀବନ ବ୍ୟାପୀ ସାରସ୍ୱତ ସାଧନ, ଏକାଧିକ ଭାଷାରେ ସାରସ୍ୱତ କୃତି, ସାହିତ୍ୟ ଗବେଷଣା, ଶିକ୍ଷା କ୍ଷେତ୍ରରେ ଦୀର୍ଘ ୪୨ବର୍ଷ ଧରି ପ୍ରାଥମିକ, ମଧ୍ୟ, ଉଚ୍ଚ ବିଦ୍ୟାଳୟ ତଥା ମହାବିଦ୍ୟାଳୟରେ କୃତିତ୍ୱ ସହ ଅଧ୍ୟାପନା, ସାହିତ୍ୟ ଗବେଷକଙ୍କୁ ନିର୍ଦ୍ଦେଶନା ତଥା ସମାଜର ବିବିଧ କ୍ଷେତ୍ରରେ ଜଣେ ଆଦର୍ଶ ସଂସ୍କାରକ ଭାବେ ତାଙ୍କ ଲେଖା ଓ କର୍ମରେ ସମ୍ପାଦନ କରିଥିବା ତାଙ୍କ ଦୃଷ୍ଟାନ୍ତ ମୂଳକ ଭୂମିକାକୁ ଗୁରୁତ୍ୱ ଦେଇ ଅନ୍ତରାଷ୍ଟ୍ରୀୟ ବିଚାରକ ମଣ୍ଡଳୀ ୨୦୨୩ ମସିହା ପାଇଁ ଶତାଧିକ ପ୍ରତିଭାଧାରୀଙ୍କ ମଧ୍ୟରେ ତାଙ୍କୁ ସର୍ବୋତ୍ତମ ବିଚାର କରାଯାଇ ଏକ ଆଭାସୀ କାର୍ଯ୍ୟକ୍ରମରେ ତାଙ୍କୁ ଏହି ବିଶ୍ୱସ୍ତରୀୟ ସମ୍ମାନରେ ଅଭିସିକ୍ତ କରାଯାଇଛି । ୧୯୪୨ ମସିହା ଅକ୍ଟୋବର ପାଞ୍ଚ ତାରିଖରେ ଭୋଗରାଇ ଗ୍ରାମରେ ମାତା ୰ମୋକ୍ଷଦା ମଣି, ପିତା ୰ ଭଗବାନ ଚନ୍ଦ୍ରଙ୍କର କନିଷ୍ଠ ସନ୍ତାନ ରମାକାନ୍ତ ଭାବେ ଭୂମିଷ୍ଠ ହୋଇଥିଲେ । ଦଶଦିନ ପରେ ଉତ୍ତର ବାଲେଶ୍ୱର ପ୍ରଚଣ୍ଡ ତୋଫାନରେ ଧ୍ୱସ୍ତ ବିଧ୍ୱସ୍ତ ହୋଇଥିଲା । ପରେର ପରେ ପ୍ରଳୟଙ୍କର ବନ୍ୟା, ଦୁର୍ଭିକ୍ଷ, ହଇଜା ମହାମାରିରେ ଅଞ୍ଚଳଟି ଛାରଖାର ହେଲା । ଡ. ବେହେରାଙ୍କ ଯୌଥ ପରିବାରର ୧୩ଜଣ ଅକାଳ ମୃତ୍ୟୁବରଣ କଲେ, ସୁବର୍ଣ୍ଣରେଖା ଗର୍ଭରେ ୧୨ ଏକର ଜମି ଲୀନ ହେଲା, କିଛି ବର୍ଷ ପରେ ୧୯୫୬ରେ ଡ. ବେହେରାଙ୍କ ୨୪ବର୍ଷର ସ୍ୱାସ୍ଥ୍ୟ ପୁଷ୍ଟ ବଡ଼ଭାଇ ପ୍ରବଳ ବନ୍ୟାରରୁ କିଛି ବିପନ୍ନଙ୍କୁ ଉଦ୍ଧାର କରି ଶେଷରେ ସ୍ରୋତ-ଘୂର୍ଣ୍ଣିରେ ନିଜେ ପ୍ରାଣ ହାରିଲେ । ପୁତ୍ର ଶୋକରେ ବୃଦ୍ଧ ବାପାମାଆ ପକ୍ଷାଘାତ ଗ୍ରସ୍ତ ହେଲେ । ଷଷ୍ଠ ଶ୍ରେଣୀର ଛାତ୍ର ରମାକାନ୍ତ ତୀବ୍ର ଅଭାବକଷଣରେ ରହିବି ବାପାମାଆଙ୍କ ସେବାଶୁଶ୍ରୁଷା ମଧ୍ୟରେ କୌଣସି ପ୍ରକାରେର ପଢ଼ା ଜାରି ରଖିଲେ । କ୍ରମେ ମଇ, ମାଟ୍ରିକ, ଆଇଏ, ବିଏ, ଏମଏ., ଘରୋଇ ଛାତ୍ରଭାବେ କୃତୀତ୍ୱ ସହ ପାସ କଲେ । ପ୍ରାଥମିକ ମଇ, ମାଟ୍ରିକ ମହାବିଦ୍ୟାଳୟ ଶିକ୍ଷାର ସର୍ବସ୍ତରରେ ସୁନାମ ସହ ଅଧ୍ୟାପନା କରି ୬୨ରୁ ୨୦୦୪ ଯାଏ ୪୨ବର୍ଷ ଅଧ୍ୟାପନା କରି ଅବସର ନେଲେ । ଅଧ୍ୟୟନ ଅଧ୍ୟାପନା ସହ କବିତା, ଗଳ୍ପ, ଉପନ୍ୟାସ, ସାହିତ୍ୟର ପ୍ରାୟ ସମସ୍ତ ବିଭାଗରେ ଷଷ୍ଠ ଶ୍ରେଣୀରୁ ଏଯାବତ ସାଧନା ଜାରି ରଖିଲେ । ନବନ ଶ୍ରେଣୀରେ 'ଜୀବନର ଘୂର୍ଣ୍ଣି' ଉପନ୍ୟାସ ଲେଖିଲେ, ଯାହା ଦୀର୍ଘ ଷାଠିଏ ବର୍ଷ ନିରୁଦ୍ଦିଷ୍ଟ ହୋଇ ସୁଦୂର ନୟାଗଡ଼ ଜିଲ୍ଲାରୁ ଉଦ୍ଧାର ହେଲା । ପରେ ପ୍ରକାଶିତ ହୋଇ ବଙ୍ଗଳା, ଇଂରାଜୀରେ ଅନୁଦିତ ମଧ୍ୟ ହେଲା । ମାଟ୍ରିକ, ପରେ ଚୀନ ପାକିସ୍ତାନ ଯୁଦ୍ଧ ପୃଷ୍ଠ ଭୂମିରେ ଲିଖିତ ବୃହତ୍ ଏକ ଉପନ୍ୟାସ 'ଅନେକ ଇତ୍ୟାଦି ଗଲେ' ଲେଖିଲେ ଯାହା ଜ୍ଞାନପୀଠ ପୁରସ୍କୃତ ଗୋପୀନାଥ ମହାନ୍ତି, ଶିକ୍ଷକ ମହାସଂଘର ସଭାପତି, ସମ୍ପାଦକଙ୍କ ବିସ୍ମୟ ବିମୁଗ୍ଧ ମନ୍ତବ୍ୟ ସହ




୧୯୭୩ରେ ପ୍ରକାଶିତ ହେଲା । ଗବେଷଣା ପ୍ରବନ୍ଧ ରଚନା ସହିତ ନିଜେ ଅଜ୍ଞ ଥିବା ସଂସ୍କୃତ ଭାଷାର ମଧ୍ୟ ମନୁସ୍ମୃତି ତଥା ବିଶ୍ୱବ୍ୟାପ୍ତ ସଂସ୍କୃତ ଭାଷାର ଗୌରବୋଜ୍ଜ୍ୱଳ ଭୂମିକା ନେଇ ଗ୍ରନ୍ଥ ରଚନା କରି ଯେଉଁ ପାଣ୍ଡୁଲିପି ପାଠକରି ସାମ୍ପ୍ରତିକ ସମୟର ଅନ୍ୟତମ ଶ୍ରେଷ୍ଠ ସଂସ୍କୃତ ବିଦ୍ୱାନ ତିରୁପତି କେନ୍ଦ୍ରୀୟ ସଂସ୍କୃତ ବିଶ୍ୱବିଦ୍ୟାଳୟର ତତ୍କାଳୀନ କୁଳପତି ଡ. ହରେକୃଷ୍ଣ ତାଙ୍କୁ ବିସ୍ମୟ ସାଧକ, 'ସାରସ୍ୱତୀଙ୍କ ବରପୁତ୍ର' ସମ୍ବୋଧନ କରି ପୁସ୍ତକଟିର ଅଗ୍ରଲେଖ ଲେଖିଲେ । ପୁସ୍ତକଟି ବଙ୍ଗଳା, ମୈଥିଳୀ ହିନ୍ଦୀରେ ମଧ୍ୟ ଅନୁଦିତ । ଏବେ ଆଠ ଦଶକ ବର୍ଷର ଉତ୍ତୀର୍ଣ୍ଣ ବୟସରେ ମଧ୍ୟ ତାଙ୍କ ଲେଖନୀ ସତଳ ରହିଛି । ଏଭଳି ଜଣେ ଆସ ସାଧକଙ୍କୁ ଏ ଆନ୍ତର୍ଜାତିକ ସମ୍ମାନ ପ୍ରଦାନ ଯଥାର୍ଥରେ ଆମ ଭାଷା ସାହିତ୍ୟ ପାଇଁ ଅତ୍ୟନ୍ତ ଗୌରରବର ବିଷୟ ।

# ଜଳେଶ୍ୱରରେ ବିଭିନ୍ନ ସ୍ଥାନରେ ଜନ୍ମାଷ୍ଟମୀ



ଜଳେଶ୍ୱର , ୦୬/୦୯ (ନି.ପ୍ର): ଜଳେଶ୍ୱରର ବିଭିନ୍ନ ସ୍ଥାନରେ ଆଜି ଜନ୍ମାଷ୍ଟମୀ ପର୍ବ ପାଳିତ ହୋଇଯାଇଛି । ଆମ୍ବଳିଅଠା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପ୍ରାଙ୍ଗଣରେ କୃଷ୍ଣ ବେଶ ପ୍ରତିଯୋଗୀତା ଅନୁଷ୍ଠିତ ହୋଇ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଛି । ଏହି ଉପଲକ୍ଷେ ବିଭିନ୍ନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ରଂଗୁଲି ଓ ଡ୍ରଇଂ ଓ ନାଚ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ଶ୍ରୀକୃଷ୍ଣଙ୍କ ଜନ୍ମ ଦିନକୁ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଧୂମଧାମରେ ପାଳନ କରାଯାଇଛି । ଜଳେଶ୍ୱରର ଇଷ୍କନ ଜଗନ୍ନାଥ ମନ୍ଦିର ପରିସରରେ ଦିବସବ୍ୟାପ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । ଏଥିରେ ପିଲାମାନଙ୍କର ଜୁନିୟର, ସିନିୟର ବିଭାଗରେ ସଂଗୀତ, ଡ୍ରଇଂ, ନାଚ, ବକ୍ତୃତା ଓ କୃଷ୍ଣ ବେଶ ପ୍ରତିଯୋଗୀତା ମାନ ଅନୁଷ୍ଠିତ ହୋଇଯାଇଛି । ଚନ୍ଦନ ଦାସଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାରେ ହେମହରି ଦାସ ମହାରାଜ, ଡ. ଅଜିତ୍ ମହାନ୍ତି, ଅବନୀ ଚାନ୍ଦ, ରାଧାଶ୍ୟାମ ଦାସ, ପ୍ରଶାନ୍ତ ପ୍ରଧାନ ପ୍ରମୁଖ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ । ଅନୁରୂପଭାବେ ନୃତ୍ୟଶିକ୍ଷା ଫାଉଣ୍ଡେସନ ପକ୍ଷରୁ ୫୦ଜଣ ଛାତ୍ରଛାତ୍ରୀ କୃଷ୍ଣ ପ୍ରତିଯୋଗିତରେ ଭାଗ ନେଇଥିଲେ । ଉଦ୍‌ଘାଟକ ଭାବେ ଅଜୟ କୁମାର ପଣ୍ଡା, ସତ୍ୟମୟ ଆଚାର୍ଯ୍ୟ, ନରହରୀ ବେହେରା, ନିରୁପମା ପାତ୍ର, ପତିତପାବନ ପ୍ରଧାନ, ସରୋଜ ପାଣିଗ୍ରାହୀ, ସତ୍ୟବ୍ରତ ପ୍ରଧାନ ପ୍ରମୁଖ ବକ୍ତବ୍ୟ ରଖି ପ୍ରତିଯୋଗୀଙ୍କୁ ପୁରସ୍କୃତ କରିଥିଲେ । ଅନୁଷ୍ଠାନର ପ୍ରତିଷ୍ଠାତା ସୁଶାନ୍ତ ବେହେରା ଏହାର ଉଦ୍ଦେଶ୍ୟ ସଂପର୍କରେ କହିଥିଲେ ।

# କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠରେ ଗୁରୁ ଦିବସ



ବାସୁଦେବପୁର, ୦୬/୦୯ (ନି.ପ୍ର): ବାସୁଦେବପୁର ବ୍ଲକ ଅନ୍ତର୍ଗତ କିସ୍ମତ କୃଷ୍ଣପୁର ପଂଚାୟତ ର କ୍ଷେତ୍ରବାସୀ ଉଚ୍ଚ ବିଦ୍ୟାପୀଠ ରେ ପବିତ୍ର ଗୁରୁ ଦିବସ ପାଳିତ ହୋଇଯାଇଛି । ସର୍ବ ପ୍ରଥମେ ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀ ତଥା ଛାତ୍ର ଛାତ୍ରୀ ଭାରତର ପୂର୍ବତନ ରାଷ୍ଟ୍ରପତି ସର୍ବପଲ୍ଲୀ ରାଧା କ୍ରିଷ୍ଣନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ । ଏହି ବିଦ୍ୟାଳୟ ର ପ୍ରଧାନ ଶିକ୍ଷକ ରାଜେଶ ବେହେରା, ସହକାରୀ ଶିକ୍ଷକ ପ୍ରତାପ ବାରିକ, ରାକେଶ ନାୟକ, ମାନସୀ ନାଥ, ପ୍ରଦୀପ୍ତ ମହାନ୍ତି, ବଳରାମ ବାରିକ ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ । ନବମ ଓ ଦଶମ ଶ୍ରେଣୀ ର ଛାତ୍ର ଛାତ୍ରୀ ମାନେ ଶିକ୍ଷକ ଶିକ୍ଷୟତ୍ରୀ ଙ୍କୁ ପ୍ରଣାମ କରିବା ସହିତ ବନ୍ଦା ପନା କରିଥିଲେ ଓ ଡାଏରୀ କଲମ ଉପହାର ପ୍ରଦାନ କରିଥିଲେ । ଛାତ୍ରୀ କ୍ରିଷ୍ଣା ବେହେରା, ଶର୍ମିଷ୍ଠା, ପୂଜା ପଲେଇ ଶୁଭ ସ୍ମିତା ପ୍ରମୁଖ ଗୁରୁ ବନ୍ଦନା ସଂଗୀତ ଗାନ କରିଥିଲେ । ସମସ୍ତ ଛାତ୍ର ଛାତ୍ରୀ ସହଯୋଗ କରିଥିଲେ।

# ୬ଫୁଟିଆ ଅଜଗର ଉଦ୍ଧାର

ନୀଳଗିରି, ୦୬/୦୯ (ନି.ପ୍ର): ଜାଲରେ ଫସିଲ ୬ ଫୁଟିଆ ଅଜଗର। କୁଳଡିହା ଅଭୟାରଣ୍ୟ ରୁ ଖାଦ୍ୟ ଅନ୍ୱେଷଣ ରେ ଗାଁ ମୁହାଁ ହୋଇ ଆସି ନୀଳଗିରି ପଞ୍ଚଲିଙ୍ଗେଶ୍ୱର ନିକଟ ଶ୍ରୀଦେଇପୁର ଗ୍ରାମର ଗୁରୁପ୍ରସାଦ ଗିରି ଙ୍କ ଘର ବାଡ଼ିରେ ଥିବା ଜାଲରେ ଛନ୍ଦି ହୋଇଥିଲା। ଖବର ପାଇ କୁଳଡିହା ଫରେଷ୍ଟର ଭାଗ୍ୟଶ୍ରୀ ଦ୍ୱିବେଦୀ ଙ୍କ ନିର୍ଦ୍ଦେଶରେ ସବୁଜ ବାହିନୀ କର୍ମଚାରୀ ଜୟନ୍ତ କୁମାର ସେଠି ଙ୍କ ସହ ସାପ ଧରାଳି ତଥା ଟୁରିଷ୍ଟ ଗାଇଡ଼ ମନୋରଞ୍ଜନ ଦାସ ଘଟଣା ସ୍ଥଳରେ ପହଞ୍ଚି ସାପଟି କୁ ସୁସ୍ଥ ଅବସ୍ଥାରେ ଉଦ୍ଧାର କରି ପଞ୍ଚଲିଙ୍ଗେଶ୍ୱର ଜଙ୍ଗଲରେ ଛାଡିଦେଇଛନ୍ତି।

# ବିଶ୍ୱସ୍ତରୀୟ ଡ୍ରେନେଜ ବ୍ୟବସ୍ଥାର ନଗ୍ନ ଚିତ୍ର: ଅସରାଏ ବର୍ଷାରେ ବାଲେଶ୍ୱର ସହର ବେହାଲ

## କୃତ୍ରିମ ବନ୍ୟାରେ କ୍ଷତିଗ୍ରସ୍ତ ଦୋକାନୀ ଭାଇ ମାନଙ୍କର କ୍ଷତିପୂରଣ ଭରିବ କିଏ ?




ବାଲେଶ୍ୱର, ୦୬/୦୯ (ନି.ପ୍ର): ବେଙ୍ଗ ମୁତିଲେ ବନ୍ୟା ହୁଏ ଢ଼ଗ ପରି ବାଲେଶ୍ୱର ସହରରେ ଆଜିର ଅସରାଏ ବର୍ଷାରେ ଅଭାବନୀୟ ପରିସ୍ଥିତି ସୃଷ୍ଟି ହୋଇ ଚାରିଆଡ଼େ କୃତ୍ରିମ ବନ୍ୟା ଦେଖାଦେଇଛି। ସହରର ପ୍ରମୁଖ ସ୍ଥାନ ସିନେମା ଛକ, କଂଗ୍ରେସ ଅଫିସ ଗଳି, ଚିଡ଼ିଆପୋଲ, ଚର୍ଚ୍ଚଲେନ୍, ଗୁଡ଼ିପଦା, ନୂଆସାହି ଛକ ଏବଂ ବସଷ୍ଟାଣ୍ଡ ପ୍ରଭୃତି ଅଂଚଳ ଆଜିର ଏହି ଲଘୁଚାପ ବର୍ଷାରେ ବେହାଲ ହୋଇ ନାଳ ପାଣି ରାସ୍ତାର ଉପରେ ଲହଡ଼ି ଭାଙ୍ଗିବାର ଦୃଶ୍ୟ ପରିଲକ୍ଷିତ ହୋଇଥିଲା। କୋଟି କୋଟି ଟଙ୍କାର ଟେଣ୍ଡର ହୋଇ ମହାନାଳ କାମ ହେବା ତଥା ଲକ୍ଷାଧିକ ଟଙ୍କାର ବ୍ୟୟରେ ପ୍ରତ୍ୟେକ ବର୍ଷ ବର୍ଷା ଦିନ ପୂର୍ବରୁ ମହାନାଳ ସଫେଇ ହେବାପରେ ମଧ୍ୟ ଅସରାଏ ବର୍ଷାରେ କୃତ୍ରିମ ବନ୍ୟା ପରିସ୍ଥିତି ଉପୁଜିବା ଅତ୍ୟନ୍ତ ଦୁର୍ଭାଗ୍ୟପୂର୍ଣ୍ଣ ବୋଲି ଆଜି ଏକ ସାମ୍ବାଦିକ ସମ୍ମିଳନୀ କରି ରାଜ୍ୟ ଯୁବ ବିଜେପି ମୋର୍ଚ୍ଚା ଉପସଭାପତି ତଥା ସଦର ନେତା ମାନସ କୁମାର ଦତ୍ତ ପରିପ୍ରକାଶ କରିଛନ୍ତି। କୋଟି କୋଟି ଟଙ୍କା କାମରେ ପିସି କାରବାର ହେବା ଏବଂ ମହାନାଳ ସଫେଇ କାମରେ ମଧ୍ୟ ବ୍ୟାପକ ଚଂଚକତା ହୋଇଥିବା ଯୋଗୁଁ କାମର ମାନ ଉପରେ କୌଣସି ଦୃଷ୍ଟିପାତ ନକରିବା ଫଳରେ ଆଜି ବାଲେଶ୍ୱରବାସୀ ନାନା ଅସୁବିଧାର ସମ୍ମୁଖୀନ ହୋଉଛନ୍ତି। ଆଜିର ମନୁଷ୍ୟକୃତ ବନ୍ୟାରେ ସରକାରଙ୍କୁ ଟ୍ୟାକ୍ସ ଦେଉଥିବା ଅନେକ ଦୋକାନ, ହୋଟେଲ, ସପିଙ୍ଗ ମଲ୍ ଏବଂ ଅନେକଙ୍କ ଘରେ ପାଣି ପଶିଯାଇ ଲକ୍ଷାଧିକ ଟଙ୍କାର ଆସବାବପତ୍ର ସହିତ ଇଲେକ୍ଟ୍ରିକାଲ ଯନ୍ତ୍ରପାତି ନଷ୍ଟ ହୋଇଯାଇଛି । ଯାହାର କ୍ଷତିପୂରଣ କିଏ ଦେବ ବୋଲି ଶ୍ରୀ ଦତ୍ତ ପ୍ରଶ୍ନ କରିଛନ୍ତି। ସାମ୍ବାଦିକ ସମ୍ମିଳନୀରେ ବରିଷ୍ଠ ନେତା ରବିନାରାୟଣ ମହାପାତ୍ର, ପୂର୍ବତନ ନଗର ଉପସଭାପତି ସୀତାକାନ୍ତ ସ୍ୱାଇଁ, ଗୌରାଙ୍ଗ ଦାସ, ସୁଜିତ୍ ଦେବ, କାଉନସିଲର ନିତ୍ୟଗୋପାଳ ସିଂ, ପ୍ରତିମା ବେହେରା, ନିରୁପମା ଦାଶ ଓ ଭାରତୀ ପାତ୍ର, ରାଜେନ୍ଦ୍ର ଚାଟାର୍ଜୀ ଓ ଅନନ୍ତ ନାୟକ ଉପସ୍ଥିତ ଥିଲେ।

# ଜନ୍ମାଷ୍ଟମୀରେ ମନ୍ଦିରରେ ଭିଡ

ଭୁବନେଶ୍ୱର, ୦୬/୦୯ (ନି.ପ୍ର): ଭାଦ୍ରବ ମାସ କୃଷ୍ଣପକ୍ଷ ଅଷ୍ଟମୀ ତିଥିରେ ପବିତ୍ର ଜନ୍ମାଷ୍ଟମୀ ତଥା ମହାପ୍ରଭୁ ଶ୍ରୀକୃଷ୍ଣଙ୍କ ଜନ୍ମ ଉତ୍ସବ ଆଜି ସାରା ଦେଶରେ ଆନନ୍ଦ ଉଲ୍ଲାସର ସହ ପାଳନ କରାଯାଉଛି। ଏହି ଅବସରରେ ଆଜି ପୁରୀ ଶ୍ରୀମନ୍ଦିରରେ ସ୍ୱତନ୍ତ୍ର ନୀତିକାନ୍ତି କରାଯାଇଛି। ସେହିପରି ବିଭିନ୍ନ ମନ୍ଦିରରେ ସ୍ୱତନ୍ତ୍ର କୃଷ୍ଣ ଜନ୍ମ ନୀତି ଅନୁଷ୍ଠିତ ହୋଇଛି। ଜନ୍ମାଷ୍ଟମୀ ଅବସରରେ ଭୁବନେଶ୍ୱର ସ୍ଥିତ ଇସ୍କନ ମନ୍ଦିର, ରାମ ମନ୍ଦିର ଆଦି ସ୍ଥାନରେ ଶ୍ରଦ୍ଧାଳୁଙ୍କ ପ୍ରବଳ ଭିଡ ଦେଖିବାକୁ ମିଳିଛି। ଭିଡକୁ ଦୃଷ୍ଟିରେ ରଖି ପୋଲିସ୍ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଏହା ବ୍ୟତୀତ ବିଭିନ୍ନ ମନ୍ଦିର, ସାମାଜିକ ଅନୁଷ୍ଠାନ ଏବଂ ସ୍କୁଲ ପକ୍ଷରୁ କୃଷ୍ଣ ବେଶ ପ୍ରତିଯୋଗିତାର ଆୟୋଜନ କରାଯାଇଛି।

# ଲଗାଣ ବର୍ଷାରେ ଭୁଶୁଡ଼ିଲା ଚାଳିଶ ବର୍ଷର ପୁରୁଣା ପୋଲ: ଯାତାୟତ ବାଧାପ୍ରାପ୍ତ

ନୀଳଗିରି, ୦୬/୦୯ (ନି.ପ୍ର): ନୀଳଗିରି ବ୍ଲକ ବେଗୁନିଆ ପଞ୍ଚାୟତ ସୋନ ନଦୀର ଶାଖା ଯୋଡ ଉପରେ ପ୍ରସ୍ତୁତ ହୋଇଥିବା ପୋଲ ଲଗାତାର ବର୍ଷା କାରଣରୁ ଭୁଶୁଡ଼ି ପଡିଛି । ଫଳରେ ଯାତାୟାତରେ ବାଧାପ୍ରାପ୍ତ ଯୋଗୁଁ ସ୍କୁଲ, କଲେଜରେ ପଢୁଥିବା ପିଲାଙ୍କ ସମେତ ଆମ୍ବୁଲାନ୍ସ ଓ ସମସ୍ତ ଜରୁରୀକାଳୀନ କାର୍ଯ୍ୟ ସମ୍ପୂର୍ଣ୍ଣ ଠପ ହୋଇଯାଇଛି ।ତୁହାକୁ ତୁହା ବର୍ଷା ହେବା ଫଳରେ ଜଳସ୍ତର ବୃଦ୍ଧି ପାଇ ବୁଧୁବାର ବେଗୁନିଆ ଗ୍ରାମପଞ୍ଚାୟତ ଅନ୍ତର୍ଗତ ବେଗୁନିଆ ଜୋଡ ଭୁଷୁଡି ଯିବାରୁ ବେଗୁନିଆ -- ତୁଟାପୋଡ଼ା , ସଂଶାପାଳ ରାସ୍ତା ରେ ଯାତାୟତ କରିବାରେ ସମସ୍ୟା ସୃଷ୍ଟି ହୋଇଛି ।ମୁଖ୍ୟ ହାଟ ବଜାର ଗୁଡିକରୁ ୨୫ ଖଣ୍ଡ ଗାଁର ଲୋକ ଏବେ ବିଚ୍ଛିନ୍ନ ହୋଇ ରହିଛନ୍ତି । ସ୍ଥାନୀୟ ବିଧାୟକ ସୁକାନ୍ତ କୁମାର ନାୟକ ପରିଦର୍ଶନ କରିବା ସହିତ ଡିପିଆର ପ୍ରସ୍ତୁତି ଚାଲିଛି । ତୁରନ୍ତ ପ୍ରଥମ ପର୍ଯ୍ୟାୟରେ ଏହାକୁ ନିର୍ମାଣ କରାଯିବା ସହିତ ବର୍ତ୍ତମାନ ସମୟ ପାଇଁ କନିଷ୍ଠ ଯନ୍ତ୍ରୀ ଓ ଉପରିସ୍ଥ ଅଧିକାରୀ ମାନେ ଆସି କିଛି ଅସ୍ଥାୟୀ ପ୍ରତିକାର କରିବେ ବୋଲି ପ୍ରତିଶ୍ରୁତି



ଦେଇଛନ୍ତି । ତେବେ ନୀଳଗିରି ବିଧାୟକ ଇ. ସୁକାନ୍ତ କୁମାର ନାୟକ ଙ୍କ ପ୍ରଚେଷ୍ଟା ରେ ଉକ୍ତ ରାସ୍ତାରେ ଏକ ପୋଲ ନିର୍ମାଣ ହେବାକୁ ଯାଉଛି ଯାହାର ଜି ଏ ଡି ରିପୋର୍ଟ ଅନୁମୋଦନ ହେବା ସହ ଖୁବ୍ ଶୀଘ୍ର ଟେଣ୍ଡର ପାସ ହୋଇ ପୋଲ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବ ବୋଲି ବିଧାୟକ ସୁକାନ୍ତ ନାୟକ ସୂଚନା ଦେଇଛନ୍ତି।

# ବିବେକାନନ୍ଦ ୟୁଥ କ୍ଲବ ଓ ବେଲି ପକ୍ଷରୁ ବୃକ୍ଷ ରୋପଣ ଓ ସଚେତନତା କାର୍ଯ୍ୟକ୍ରମ

ବସ୍ତା୬.୯(ନିପ୍ର)ବସ୍ତା ବ୍ଲକ୍ ଅନ୍ତର୍ଗତ ରଘୁନାଥପୁର ପଞ୍ଚାୟତ ବେଲି ସ୍ଥିତ ବିବେକାନନ୍ଦ ୟୁଥ କ୍ଲବ ଆନୁକୁଲ୍ୟରେ ଦାରୁବୁଢୀ ଠାକୁରାଣୀଙ୍କ ପ୍ରାଙ୍ଗଣରେ ଏକ ବୃକ୍ଷରୋପଣ କାର୍ଯ୍ୟକ୍ରମ ଓ ସଚେତନତା ସଭା ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ଗଜେନ୍ଦ୍ର ନାଥ ଦେଙ୍କ ସଭାପତିତ୍ୱରେ ଅୟୋଜିତ ସଭାରେ ମୁଖ୍ୟ ଅତିଥିମାନେ ଭାବେ ବସ୍ତା **SDPO** ଶ୍ରୀଯୁକ୍ତ ମାନସ ଦେଓ ଯୋଗଦେଇ ଗୋଟିଏ ବୃକ୍ଷ ରୋପଣ କରିବା ସହ କ୍ଲବର ସଦସ୍ୟ ମାନଙ୍କ ଏଭଳି ଉଦ୍ୟମକୁ ଭୂୟସୀ ପ୍ରସଂଶା କରିଥିଲେ। ମୁଖ୍ୟ ବକ୍ତା ଭାବେ ପ୍ରକୃତି ବନ୍ଧୁ ତଥା ସମାଜସେବୀ ସୁମନ୍ତ କୁମାର ଜେନା ଯୋଗ ଦେଇ ବେଲି ଗ୍ରାମକୁ ସ୍ୱଚ୍ଛ ଏବଂ ସବୁଜ ଗ୍ରାମ କରିବା ପାଇଁ କ୍ଲବର ସଦସ୍ୟ ମାନଙ୍କୁ ଆହ୍ୱାନ ଦେଇଥିଲେ । ବରେଣ୍ୟ ଅତିଥିଭାବେ ପିଞ୍ଝାବଣିଆ ଗୁରୁକୁଳ ଆଶ୍ରମର ସଞ୍ଚାଳକ ଆଚାର୍ଯ୍ୟ ବିଜୟଜୀ ଯୋଗ ଦେଇ ଥିଲେ । କ୍ଲବର ଉପଦେଷ୍ଟା ପୂର୍ଣ୍ଣେନ୍ଦୁ କୁମାର ପାତ୍ର, ମୃତ୍ୟୁଞ୍ଜୟ କାମିଳା ଏବଂ ସୁଶାନ୍ତ ସାହୁ ଉପସ୍ଥିତ ଥିଲେ କ୍ଷ କ୍ଲବର ସଭାପତି



ସଞ୍ଜୟ କୁମାର ପାତ୍ରଙ୍କ ପ୍ରତ୍ୟେକ ତତ୍ତ୍ୱାବଧାନରେ ସଂଜୟ କୁମାର କାମିଳା ,ସୁନୀଲ କୁମାର ପାତ୍ର ,ତପନ ପାଳ, ବଳରାମ କାମିଳା , ଗୌତମ ରଣା, ରତନ ରଣା ବୃକ୍ଷ ରୋପଣ କାର୍ଯ୍ୟକ୍ରମରେ ସହଯୋଗ କ୍ଷ ପରି ଶେଷରେ ସମ୍ପାଦକ ଯୁବ ପ୍ରତିଭା ବିଶ୍ୱଜିତ୍ ଦାସ୍ ଧନ୍ୟବାଦ୍ ଦେଇଥିଲେ ।

❒ ପରିଚାଳକ ତଥା କାର୍ଯ୍ୟନିର୍ବାହୀ ସମ୍ପାଦକ: **ସୃଷ୍ଟିଧର ପରିଡ଼ା**
❒ ସଂପାଦିକା : **ସୈରିନ୍ଧ୍ରୀ ସାହୁ**

Printed, Published & owned by Sairindhree Sahoo and Printed & Published at Sagarika press, Jail Road, Balasore-756001, Phone No- (06782) 263704

❒ Managing & Executive Editor : Srustidhar Parida
❒ Editor: Sairindhree Sahoo